


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-326 ♦BHUBANESWAR ♦SUNDAY ♦25 MAY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୨୬ ♦ଭୁବନେଶ୍ୱର ♦ରବିବାର ♦୨୫ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)



SARASWATI GROUP OF INSTITUTIONS, CUTTACK, ESTD.-2012

# SARASWATI GROUP OF INSTITUTIONS

## STATE SCIENCE TOPPER CHSE - 2025



97.67%
**BINIT MOHANTY**
Mark-586



95.50%
**RITESH KU. MALLA**
Mark-573



94.50%
**SUNITA SAHOO**
Mark-567



**DR. DEBADATTA SWAIN**
CHAIRMAN



**DR. BISWAJIT TRIPATHY**
PRINCIPAL



94.33%
**TANDRA M. MOHANTY**
Mark-566



94.33%
**MITALI BEHERA**
Mark-566

## ADMISSION OPEN 2025-26

## +2 Science

A Day-Cum Residential

## +3 SCIENCE

Under Utkal University

HONOURS SEATS


| | | | |
|---|---|---|---|
| PHYSICS | - 16 | COMP. SCIENCE | - 24 |
| CHEMISTRY | - 24 | BOTANY | - 16 |
| MATHEMATICS | - 08 | ZOOLOGY | - 16 |
| GEOLOGY | - 24 | | |

## BSc. ITM (32 Seats)


Under Utkal University




93.83%
**BHAGYASHREE BEHERA**
Mark-563



93.67%
**NAFISHA PARWEEN**
Mark-562



93.17%
**LIPSA ROUT**
Mark-559



93.00%
**GOPINATH SAR**
Mark-558



92.50%
**RUTURANI ROUT**
Mark-555



92.33%
**DEEPYASHREE MOHAPATRA**
Mark-554



92.00%
**GAYATRI MISHRA**
Mark-552



91.50%
**ARPITA SAHOO**
Mark-549



91.50%
**OM PRAKASH KAR**
Mark-549



91.50%
**PRITAM PRIYADARSHY**
Mark-549



91.33%
**SMRUTI SA. MOHANTY**
Mark-548



91.33%
**SOMYA RN. SAHOO**
Mark-548



91.33%
**SOAYAMSHREE SAHOO**
Mark-548



91.33%
**TANUSHREE ROUT**
Mark-548



91.17%
**TANISKA PANDA**
Mark-547



91.17%
**TATHASTU NATH**
Mark-547



90.83%
**JASMIN BISWAL**
Mark-545



90.83%
**RASHMI RN PATRA**
Mark-545



90.50%
**OM PRAKASH BEHERA**
Mark-543




90.50%
**SIBANI PRI. DAS**
Mark-543




90.33%
**POOJALIN DAS**
Mark-542



90.33%
**BHABESH MISHRA**
Mark-542



90.17%
**SASANKA SE. SAHOO**
Mark-541



90.17%
**ABINASH DAKUA**
Mark-541

## CHSE RESULT - 2025 (99.99%)

Integrated Coaching for

## NEET, JEE-MAIN

by Expert Faculties

ABOVE 90% - 29

ABOVE 80% - 120

1ST DIVISION - 349 / 2ND DIVISION - 50


3RD DIVISION - 03

SGI always improve Marks in +2 Sc.
Compare 10th Mark with +2 Sc. Mark

| CHSE Roll No. | Name of Students | Marks Secured | % of Mark in +2 | % of Mark in 10th |
|---|---|---|---|---|
| 302CZ297 | BINIT MOHANTY | 586 | 97.67 | 92.01 |
| 302CZ279 | RITESH KUMAR MALLA | 573 | 95.50 | 91.83 |
| 302CZ317 | SUNITA SAHU | 567 | 94.50 | 92.17 |
| 302CZ014 | TANDRA MINAKSHI MOHANTY | 566 | 94.33 | 94.17 |
| 302CZ043 | MITALI BEHERA | 566 | 94.33 | 93.83 |
| 302CZ162 | BHAGYASHREE BEHERA | 563 | 93.83 | 92.17 |
| 302CZ370 | NAFISHA PARWEEN | 562 | 93.67 | 86.17 |
| 302CZ005 | LIPSHA ROUT | 559 | 93.17 | 92.17 |
| 302CZ001 | GOPINATH SAR | 558 | 93.00 | 93.05 |
| 302CZ259 | RITURANI ROUT | 555 | 92.50 | 90.01 |
| 302CZ124 | DEEPYASHREE MOHAPATRA | 554 | 92.33 | 91.33 |
| 302CZ307 | GAYATRI MISHRA | 552 | 92.00 | 86.50 |
| 302CZ034 | ARPITA SAHOO | 549 | 91.50 | 85.83 |
| 302CZ221 | OM PRAKASH KAR | 549 | 91.50 | 59.14 |
| 302CZ303 | PRITAM PRIYADARSHY | 549 | 91.50 | 84.33 |
| 302CZ068 | SMRUTI SANGITA MOHANTY | 548 | 91.33 | 91.50 |
| 302CZ330 | SOUMYA RANJAN SAHOO | 548 | 91.33 | 74.00 |
| 302CZ380 | SWAYAMSHREE SAHOO | 548 | 91.33 | 82.83 |
| 302CZ412 | TANUSHREE ROUT | 548 | 91.33 | 88.67 |
| 302CZ213 | TANISKA PANDA | 547 | 91.17 | 85.83 |
| 302CZ375 | TATHASTU NATH | 547 | 91.17 | 90.00 |
| 302CZ028 | JASMIN BISWAL | 545 | 90.83 | 82.00 |
| 302CZ037 | RASHMI RANJAN PATRA | 545 | 90.83 | 93.17 |
| 302CZ109 | OMM PRAKASH BEHERA | 543 | 90.50 | 85.67 |
| 302CZ168 | SHIBANI PRIYADARSHANI DAS | 543 | 90.50 | 86.50 |
| 302CZ010 | PUJALIN DAS | 542 | 90.33 | 86.50 |
| 302CZ222 | BHABESH MISHRA | 542 | 90.33 | 81.07 |
| 302CZ077 | SASANKA SEKHAR SAHOO | 541 | 90.17 | 88.67 |
| 302CZ136 | ABINASH DAKUA | 541 | 90.17 | 85.33 |
| 302CZ026 | ABHINANDAB SAHOO | 538 | 89.60 | 80.00 |
| 302CZ149 | BISWAMITRA DASH | 537 | 89.50 | 85.83 |
| 302CZ315 | SOUMYA RN. DALAI | 539 | 89.83 | 72.50 |









**Admission Contact : 8260700307, 8260583744, 7609091223, 8895429620**

**CAMPUS : TRISULIA, BELAGACHHIA, CUTTACK-45. H.O. : ARUNODOYA MARKET, LINK ROAD, CUTTACK-12**




## ବଲିଉଡ୍ ଅଭିନେତା ମୁକୁଲ ଦେବଙ୍କ ପରଲୋକ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କ ଶନିବାର ସକାଳେ ପରଲୋକ ହୋଇଛି। ଗତ କିଛି ଦିନ ଧରି ସେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ଏଠାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ମୁକୁଲ ବହୁ ବର୍ଷ ଧରି ବଲିଉଡ୍ ଜଗତ ସହ କାର୍ଯ୍ୟ କରିଥିଲେ। ତାଙ୍କ ଦ୍ୱାରା ଅଭିନିତ ‘ସନ ଅଫ୍ ସର୍ଦ୍ଦାର’, ୟମଲା ପଗଲା ଦିୱାନା ଏବଂ ଜୟହୋ ଭଳି କିଛି ଫିଲ୍ମ ଦର୍ଶକ ମହଲରେ ବେଶ ଆଦୃତ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପାଇ ବଲିଉଡ୍ ଜଗତରେ ଶୋକ ଖେଳିଯାଇଛି। ବହୁ ନାମୀଦାମୀ ଅଭିନେତା ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୁକୁଲଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ମୁକୁଲ ୧୯୯୬ରେ ପ୍ରସାରିତ ଟେଲିଭିଜନ ଧାରାବାହିକ ‘ମୁମକିନ୍’ ରୁ ନିଜର କ୍ୟାରିୟର ଆରମ୍ଭ କରିବା ସହିତ ସେହିପର୍ଷ ‘ ଦସ୍ତକ’ ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ଏହା ପରେ ପରେ ସେ ବଲିଉଡ୍‌ରେ ପ୍ରବେଶ କରିବା ସହିତ ସଲମାନ ଖାନ ଏବଂ ଅଜୟ ଦେବଗନଙ୍କ ସହିତ ବହୁ ଫିଲ୍ମରେ କାର୍ଯ୍ୟ କରିଥିଲେ। ମୁକୁଲ ଦେବଙ୍କ ଜନ୍ମ ଜଲନ୍ଧର ନିକଟସ୍ଥ ଏକ ଗାଁରେ ପଞ୍ଜାବୀ ପରିବାରରେ ହୋଇଥିଲା। ତାଙ୍କ ବାପା ହରିଦେବ ପୁଲିସ ସହାୟକ କମିସନର ଭାବେ କାର୍ଯ୍ୟ କରିଥିଲା ବେଳେ ସେ ମୁକୁଲଙ୍କୁ ଆଫଗାନ ସଂସ୍କୃତି ସହିତ ପରିଚିତ କରାଇଥିଲେ। ହରିଦେବ ପାସ୍ତୋ ଏବଂ ପାର୍ସି ଭାଷା କହିପାରୁଥିଲେ। ମୁକୁଲ ୮ମ ଶ୍ରେଣୀରେ ପଢୁଥିଲା ବେଳେ ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କୁ ଅନୁକରଣ କରି ଦୂରଦର୍ଶନର ଏକ ଡ୍ୟାନ୍ସ ଶୋ’ରେ ପ୍ରଦର୍ଶନ କରିଥିଲେ। ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀର ନିଜାମୁଦ୍ଦିନସ୍ଥିତ ଦୟାନନ୍ଦ ମୁକ୍ତି ଧାମ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଜାତିସଂଘରେ ପୁଣି ପାକିସ୍ତାନକୁ ଘେରିଲା ଭାରତ

# ପାକିସ୍ତାନକୁ ସିନ୍ଧୁ ଜଳ ବନ୍ଦ କରାଯିବା ଯଥାର୍ଥ

ୱାଶିଂଟନ୍,୨୪।୫(ଏଜେନ୍ସି): ପହଲଗାମ ଘଟଣା ପରେ ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଭାରତ ପାକିସ୍ତାନକୁ ବିଭିନ୍ନ ମଞ୍ଚରେ ଘେରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏବେ ବି ସ୍ଥିତି ସ୍ୱାଭାବିକ ହୋଇ ନଥିବା ବେଳେ ଶନିବାର



**ଆତଙ୍କବାଦୀ ଆକ୍ରମଣରେ ୨୦ହଜାରରୁ ଅଧିକ ଭାରତୀୟଙ୍କ ମୃତ୍ୟୁ ହୋଇଛି**

ଭାରତ ଜାତିସଂଘରେ ପାକିସ୍ତାନର ପ୍ରକୃତ ଚେହେରାକୁ ଦର୍ଶାଇ ବର୍ଷିଛି। ଅପରେସନ ସିନ୍ଦୂର ପରେ ଏବେ ସିନ୍ଧୁ ନଦୀ ଜଳ ବନ୍ଦକୁ ନେଇ ପାକିସ୍ତାନ ବାରମ୍ବାର ଭାରତକୁ ଧମକ ଦେବାରେ ଲାଗିଛି। ଏହାଛଡ଼ା ବିଭିନ୍ନ ମଞ୍ଚରେ ପାକିସ୍ତାନ ସରକାର ଭାରତ ବିରୋଧରେ ମିଥ୍ୟାରୋପ କରି ଫେରାଦ ହୋଇଛନ୍ତି। କିନ୍ତୁ ପାକିସ୍ତାନର ଏହି ଆଭିମୁଖ୍ୟକୁ ଭାରତ ଶନିବାର ଜାତିସଂଘରେ ପାକିସ୍ତାନକୁ ଭର୍ତ୍ସନା କରିବା ସହିତ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ରୋକ୍ ଲଗାଇ ପାକିସ୍ତାନକୁ ପାଣି ବନ୍ଦ କରାଯିବା ଯଥାର୍ଥ ବୋଲି କହିଛି। ଭାରତ ଚୁକ୍ତିନାମା ଉଲ୍ଲଂଘନ ପାଇଁ ପାକିସ୍ତାନକୁ ଦାୟୀ କରିଛି । ପାକିସ୍ତାନ ଭାରତ ବିରୋଧରେ ବିଗତ ଦିନରେ ତିନି ତିନୋଟି ଯୁଦ୍ଧ କରିବା ସହିତ ଆତଙ୍କବାଦୀ ଆକ୍ରମଣ କରି ଚୁକ୍ତିନାମାର ଉଲ୍ଲଂଘନ କରିଛି। କିନ୍ତୁ ଅନ୍ୟପଟେ ଭାରତ ବିରୋଧରେ ମିଥ୍ୟାରୋପ କରିଚାଲିଛି। ତେବେ ଭାରତ ପାକିସ୍ତାନର ଏହି ସମସ୍ତ ମିଥ୍ୟା ଆରୋପକୁ ଦୃଢ ଭାବେ ପ୍ରତ୍ୟାଖ୍ୟାନ କରୁଛି ଏବଂ ଭାରତୀୟଙ୍କ ରକ୍ତ ବୁହାଇଥିବା ଶକ୍ତିକୁ ଆମେ ପାଣି ଦେଇପାରିବୁ ନାହିଁ ବୋଲି ଜାତିସଂଘରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ପି ହରିଶ କହିଛନ୍ତି। ସେ କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ପାକିସ୍ତାନ ବିଭିନ୍ନ ମହଲରେ ଭୁଲ ତଥ୍ୟ ପ୍ରସାର କରୁଛି। ଏଥିପାଇଁ ପାକିସ୍ତାନ ସରକାର ସୁଚିନ୍ତିତ ଅଭିଯାନ ଚଳାଇଛନ୍ତି। କିନ୍ତୁ ଭାରତ ଏହାକୁ ବିରୋଧ କରିବା ସହିତ ଏଥିପ୍ରତି ଜବାବ ଦେବାକୁ ବାଧ୍ୟ ହୋଇଛି। ଭାରତ ଏକ ଦାୟିତ୍ୱପୂର୍ଣ୍ଣ ଦେଶ ଭାବେ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଆଚରଣ ନିଭାଇ ଆସିଛି। ହରିଶ କହିଛନ୍ତି ଯେ, ଭାରତ ସଦଭାବନା ଏବଂ ବନ୍ଧୁତା ଆଧାରରେ ସିନ୍ଧୁ ଜଳ ଚୁକ୍ତିନାମାକୁ ଗ୍ରହଣ କରିଥିଲା। କିନ୍ତୁ ବିଗତ ୬୫ ବର୍ଷ ମଧ୍ୟରେ ପାକିସ୍ତାନ କେବେବି ବନ୍ଧୁତାର ଆଚରଣ ଦେଖାଇ ନାହିଁ। ଏହି ଦୀର୍ଘ କାଳ ମଧ୍ୟରେ ପାକିସ୍ତାନ ଭାରତ ଉପରେ ହଜାର ହଜାର ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ କରିଛି। ଗତ ୪୦ ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୨୦ ହଜାରରୁ ଅଧିକ ଭାରତୀୟ ପ୍ରାଣ ହରାଇଛନ୍ତି। ପହଲଗାମ ଏହାର ସଦ୍ୟତମ ପ୍ରମାଣ ବୋଲି ହରିଶ କହିଛନ୍ତି। ଭାରତ ପୂର୍ବରୁ ସବୁବେଳେ ସଂଯମତା ରକ୍ଷା କରିବା ସହିତ ଉଦାରତା ଦେଖାଇ ଆସିଥିଲା। କିନ୍ତୁ ଏବେ ଦେଶ ବଦଳି ଯାଇଛି। ନୂଆ ଭାରତ କୌଣସି ସ୍ତରରେ ଆତଙ୍କବାଦକୁ ବରଦାସ୍ତ କରିବ ନାହିଁ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିକୁ ଉଚିତ ଶିକ୍ଷା ଦେବ ବୋଲି ହରିଶ କହିଛନ୍ତି। ପାକିସ୍ତାନ କେବଳ ସୀମାରେ ଆତଙ୍କବାଦୀ ଆକ୍ରମଣ କରି ନାହିଁ ବରଂ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ଟାର୍ଗେଟ କରିଛି। ଯାହା ଶକ୍ତି ଉତ୍ପାଦନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗମ୍ଭୀର ପ୍ରଭାବ ପକାଇଛି ବୋଲି ସେ କହିଛନ୍ତି।

■ ଜଷ୍ଟିସ୍ ଅଭୟ ଓକାଙ୍କ ଅବସରକାଳୀନ ବାର୍ତ୍ତା

## ସୁପ୍ରିମକୋର୍ଟର ପ୍ରଧାନବିଚାରପତି କୈନ୍ଦ୍ରିକ ଛବି ବଦଳିବା ଦରକାର



ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅଭୟ ଓକା ଶୁକ୍ରବାର କାର୍ଯ୍ୟରୁ ଅବସର ନେଇଛନ୍ତି। ବିଦାୟକାଳୀନ ସଭାରେ ଯୋଗ ଦେଇ ଜଷ୍ଟିସ୍ ଓକା ସୁପ୍ରିମକୋର୍ଟର କାର୍ଯ୍ୟ ପରିଚାଳନା ଶୈଳୀ ଏବଂ ପ୍ରଧାନବିଚାରପତି କେନ୍ଦ୍ରିକ ଛବିକୁ ନେଇ ବଡ଼ ବାର୍ତ୍ତା ଦେଇଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ କେବଳ ପ୍ରଧାନବିଚାରପତି କେନ୍ଦ୍ରିକ ଛବି ସହ କାର୍ଯ୍ୟ କରିବା ଉଚିତ ନୁହେଁ। ବରଂ ସମାବେଶୀ ଏବଂ ଏକ ଗଠନମୂଳକ ଢଙ୍ଗରେ କାର୍ଯ୍ୟ କରିବା ଦରକାର। ହାଇକୋର୍ଟ ବିଭିନ୍ନ କମିଟି ଏବଂ ସ୍ଥାୟୀ ରୋଷ୍ଟର ମାଧ୍ୟମରେ କାର୍ଯ୍ୟ କରିଥିଲା ବେଳେ ସୁପ୍ରିମକୋର୍ଟ କେବଳ ପ୍ରଧାନବିଚାରପତିଙ୍କୁ କେନ୍ଦ୍ର କରି କାର୍ଯ୍ୟ କରୁଛି। ଏଭଳି ଶୈଳୀରେ ପରିବର୍ତ୍ତନ ହେବା ଦରକାର ବୋଲି ଜଷ୍ଟିସ୍ ଓକା କହିଛନ୍ତି। ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ଭାବେ ସୁପ୍ରିମକୋର୍ଟରେ ଦେଶର ବିଭିନ୍ନ ଭାଗରୁ ୩୪ ବିଚାରପତି ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ତେଣୁ କେବଳ ପ୍ରଧାନବିଚାରପତିଙ୍କୁ ମୁଖ୍ୟ କରି କାର୍ଯ୍ୟ କରାନଯାଇ ସମାବେଶୀ ତରିକାରେ କାର୍ଯ୍ୟ ହେବା ଦରକାର ବୋଲି ସେ କହିଛନ୍ତି।

### ଆତଙ୍କବାଦକୁ ନିନ୍ଦା; ଫତ୍‌ୱା ଜାରିକଲେ ମୁଖ୍ୟ ଇମାମ

# ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ ଦିଆଯିବନି କବର

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଆତଙ୍କବାଦକୁ ଦୃଢ ନିନ୍ଦା କରିବା ସହିତ ଆତଙ୍କବାଦୀଙ୍କ ପ୍ରତି ଫତୱା ଜାରି କରିଛନ୍ତି ଅଖିଳ ଭାରତ ଇମାମ୍ ସଂଗଠନର ମୁଖ୍ୟ ଇମାମ୍ ଡକ୍ଟର ଉମର ଅହମ୍ମଦ ଇଲିୟାସୀ। ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ କବର ଦିଆଯିବ ନାହିଁ ବୋଲି ଇଲିୟାସୀ କହିଛନ୍ତି। ଏହାବ୍ୟତୀତ ଇସଲାମିକ ପରମ୍ପରା ଅନୁସାରେ ଜଣଙ୍କ ଶେଷକୃତ୍ୟ ବେଳେ ନମାଜ ପାଠ କରାଯିବାର ବିଧାନ ରହିଥିଲା ବେଳେ କୌଣସି ଆତଙ୍କବାଦୀଙ୍କ ଶେଷକୃତ୍ୟରେ ଏହା କରାଯିବ ନାହିଁ ବୋଲି ସେ ଫତୱା ଜାରି କରି କହିଛନ୍ତି। ସେହିପରି ବହୁ ଆତଙ୍କବାଦୀ ସଂଗଠନ ସେମାନଙ୍କ ନାମରୁ ଇସଲାମ ଏବଂ ମହମ୍ମଦ ଭଳି ଶବ୍ଦ ହଟାନ୍ତୁ ବୋଲି ସେ କହିଛନ୍ତି।

ମଧ୍ୟପ୍ରଦେଶ ମନ୍ତ୍ରୀ ପ୍ରଧୁମନ ସିଂ ତୋମାରଙ୍କ ଝିଅ ବିବାହ ଉତ୍ସବରେ ଯୋଗ ଦେବା ଲାଗି ଇମାମ ଇଲିୟାସୀ ଶନିବାର ଗ୍ୱାଲିୟର ଯାଇଥିଲା ବେଳେ ସେଠାରେ ତାଙ୍କୁ ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଆତଙ୍କବାଦକୁ ନେଇ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ,ଇସଲାମକୁ ରକ୍ଷା କରିବା ଉଚିତ। ଇସଲାମ ସୁରକ୍ଷା ଏବଂ ଶାନ୍ତିର ଧର୍ମ। କିନ୍ତୁ ଇସଲାମ ଏବଂ ମହମ୍ମଦ ସାହେବଙ୍କ ନାମକୁ ଆମେ ଆତଙ୍କବାଦ ପାଇଁ ବ୍ୟବହାର କରିବାକୁ ଦେବୁ ନାହିଁ। ଏହି ସମୟରେ ସେ ଆତଙ୍କବାଦ ବିରୋଧରେ ଫତୱା ଜାରି କରିଥିଲେ। ଯାହା ଭାରତରେ ପ୍ରଥମ ଘଟଣା ଏବଂ ଏହା ବିଶ୍ୱସମାଜ ପାଇଁ ଏକ ବଡ଼ ବାର୍ତ୍ତା। ଅହମଦ ଇଲିୟାସୀ କହିଛନ୍ତି ଯେ, ପହଲଗାମରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ପଚାରି ଯେଭଳି ହତ୍ୟା କରାଯାଇଥିଲା ତାହା ମାନବତାର ହତ୍ୟା। ସେ କହିଥିଲେ ଯେ ଆତଙ୍କବାଦୀର କୌଣସି ଧର୍ମ ନାହିଁ । ଆତଙ୍କବାଦୀ ସୈତାନ, ସାମାନଙ୍କ ସହ ସୈତାନ ପରି ବ୍ୟବହାର କରାଯିବା ଉଚିତ । ସେଥିପାଇଁ ଆମେ ପହଲଗାମ ଆକ୍ରମଣ ଘଟଣାକୁ ବିରୋଧ କରି ଏହି ଫତୱା ଜାରି କରିଛୁ। ଅନ୍ୟପକ୍ଷରେ ବେଲୁଚିସ୍ତାନ ସ୍ଥିତିକୁ ନେଇ ପ୍ରଶ୍ନ କରାଯିବାରେ ସେ କହିଛନ୍ତି ଯେ ମୁସଲମାନ ସମ୍ପ୍ରଦାୟ ଭାରତର କୂଟନୀତି ଏବଂ ନୀତି ସହିତ ଅଛନ୍ତି। ବେଲୁଚିସ୍ତାନ ବହୁ ଦିନ ଧରି ସ୍ୱତନ୍ତ୍ରତା ପାଇଁ ଦାବି କରିଆସୁଛି। କିନ୍ତୁ ପାକିସ୍ତାନ ବେଲୁଚବାସୀଙ୍କ ପ୍ରତି ଅନ୍ୟା କରିଚାଲିଛି। ହେଲେ ଏବେ ବେଲୁଚିସ୍ତାନ ସ୍ୱାଧୀନତା ପାଇବାର ସମୟ ଆସିଗଲାଣି। ସ୍ୱାଧୀନତା ସମସ୍ତଙ୍କର ଅଧିକାର, ବେଲୁଚିସ୍ତାନ ସ୍ୱାଧୀନ ହେବା ଉଚିତ ବୋଲି ଅହମଦ ଇଲିୟାସୀ କହିଥିଲେ। ସେହିପରି ୱାକଫ ଆଇନ ସମ୍ପର୍କରେ ନିଜ ମତ ରଖି ସେ କହିଛନ୍ତି ଯେ ଏହି ବିଷୟ ଏବେ ଅଦାଲତରେ ବିଚାରାଧୀନ ଅଛି। ତେବେ ଭାରତ ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ଆଇନ ଅନେକ ଦୃଷ୍ଟିରୁ ଭଲ ବୋଲି ସେ କହିଛନ୍ତି।



## ପୁଞ୍ଛରେ ଯୁଦ୍ଧ ପୀଡିତଙ୍କ ପରିବାରକୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଜମ୍ମୁ କଶ୍ମୀରର ପୁଞ୍ଛ ଇଲାକା ଗସ୍ତ କରି ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ସେନା ଗୁଳିମାଡ଼ରେ ମୃତାହତ ହୋଇଥିବା ଲୋକଙ୍କ ପରିବାରକୁ ଭେଟିଛନ୍ତି। ଅପରେସନ ସିନ୍ଦୂର ବେଳେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତୀୟ ସୀମା ପଟକୁ ଗୁଳିଗୋଳା ବର୍ଷଣ କରିଥିଲା। ଏଥିରେ ପଞ୍ଜାବ ସୀମା ସ୍ଥିତ ବହୁ ଗ୍ରାମ ଏବଂ ଜମ୍ମୁ କଶ୍ମୀରର ପୁଞ୍ଛ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଜଣେ ସ୍କୁଲ ପିଲା ସମେତ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ମୋର୍ଟାର ମାଡ଼ରେ ଅନେକ ଲୋକଙ୍କ ଘର ଭାରୀମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ରାହୁଲ ପୀଡ଼ିତଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ପରିସ୍ଥିତି ଶୀଘ୍ର ସ୍ୱାଭାବିକ ହେବ ବୋଲି କହିଛନ୍ତି। ଏହି ସମୟରେ ରାହୁଲ ଜମ୍ମୁ କଶ୍ମୀର ଉପମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକରେ ଯୋଗ ଦେବେ ବୋଲି କୁହାଯାଇଛି। ଏହାଛଡ଼ା ସେ ଗୁଳିମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ଅନୁଷ୍ଠାନ ପରିଦର୍ଶନ କରିବେ ବୋଲି କୁହାଯାଇଛି।



### ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି

୭ ବର୍ଷ ତଳର ଏକ ମାନହାନୀ ମାମଲାରେ ଝାଡ଼ଖଣ୍ଡର ଚାଇବାସା ଏମପି-ଏମଏଲଏ କୋର୍ଟ ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି। କୋର୍ଟ ରାହୁଲଙ୍କୁ ଜୁନ୍ ୨୬ରେ କୋର୍ଟରେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲଙ୍କ ଓକିଲ କୋର୍ଟରେ ଏକ ପିଟିସନ ଦାଏର କରିଥିଲେ ହେଁ କୋର୍ଟ ଏହାକୁ ଖାରଜ କରିବା ସହ ରାହୁଲଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲ ୨୦୧୮ ରେ ବିଜେପିର ତତ୍‌କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ପ୍ରତି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଏହାକୁ ବିରୋଧ କରି ବିଜେପି ନେତା ପ୍ରତାପ କଟିଆର ରାହୁଲଙ୍କ ବିରୋଧରେ ଚାଇବାସା ସିଜେଏମ କୋର୍ଟରେ ମାନହାନୀ ମକଦ୍ଦମା ରୁଜୁ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲାକୁ ଏମପି-ଏମଏଲଏ କୋର୍ଟକୁ ହସ୍ତାନ୍ତର କରାଯାଇଥିଲା। ଏହି କୋର୍ଟ ରାହୁଲଙ୍କୁ ବହୁବାର ହଜାର ହେବା ଲାଗି ନୋଟିସ୍ କରିଥିଲେ ହେଁ ରାହୁଲ ହାଜର ହୋଇ ନଥିଲେ। ଏହାପରେ ସଂପୃକ୍ତ କୋର୍ଟ ରାହୁଲଙ୍କ ବିରୋଧରେ ଏହି ପଦକ୍ଷେପ ନେଇଛନ୍ତି।

■ ଟ୍ରମ୍ପଙ୍କ କଟକଣା ହଟାଇଲେ ଆମେରିକା ବିଚାରପତି

## ହାର୍ଭାର୍ଡକୁ ବିଦେଶୀ ଛାତ୍ରଛାତ୍ରୀଙ୍କ ନାମଲେଖା ଅନୁମତି

ବୋଷ୍ଟନ, ୨୪।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଲାଗିଛି। ହାର୍ଭାର୍ଡ ୟୁନିଭର୍ସିଟି ଉପରେ ଟ୍ରମ୍ପ ପ୍ରଶାସନ ଲଗାଇଥିବା କଟକଣାକୁ ବୋଷ୍ଟନର ଫେଡେରାଲ କୋର୍ଟ ହଟାଇ ଦେଇଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ନାମ ଲେଖା ପାଇଁ ଏହି ୟୁନିଭର୍ସିଟିକୁ କୋର୍ଟ ଅନୁମତି ଦେଇଛନ୍ତି। ଏବେ ଏହି ବିଶ୍ୱବିଦ୍ୟାଳୟରେ ୭୮୮ ଭାରତୀୟ ଛାତ୍ରଛାତ୍ରୀ ପଢୁଛନ୍ତି। ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଆବେଦନରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ବିରୋଧ କରାଯାଇଥିଲା। ଏହାକୁ ସମ୍ବିଧାନ ଏବଂ ଅନ୍ୟ ସଂଘୀୟ ଆଇନର ଘୋର ଉଲ୍ଲଘଂନ ବୋଲି କୁହାଯାଇଥିଲା। ତତ୍କାଳ ପ୍ରଭାବରେ ଏହି ବିନାଶକାରୀ ନିର୍ଦ୍ଦେଶକୁ ହଟାଇବାକୁ ନିବେଦନ କରାଯାଇଥିଲା।

## ଅଷ୍ଟ୍ରେଲିଆରେ ଜଳପ୍ରଳୟ; ୫୦ ହଜାର ଲୋକ ଜଳବନ୍ଦୀ

 କାନବେରା,୨୪।୫(ଏଜେନ୍ସି): ୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୂର୍ବ ଅଷ୍ଟ୍ରେଲିଆରେ ଜଳପ୍ରଳୟ ସ୍ଥିତି ଉପୁଜିଛି। ପ୍ରବଳ ଏବଂ ଲଗାଣ ବର୍ଷା ଯୋଗୁଁ ଏଠାକାର ବହୁ ସହର ଜଳାର୍ଣ୍ଣବ ହେବା ସହିତ ହଜାର ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ଅନେକ ସହର ଏବଂ ଗ୍ରାମାଞ୍ଚଳର ରାସ୍ତାଘାଟ, ନଈ ନାଳ ଏକାକାର ହୋଇଯାଇଛି। ଘର ଭିତରେ ଏବଂ ରାସ୍ତାଘାଟ ଜଳାର୍ଣ୍ଣବ ହୋଇପନିଥିବାରୁ ଲୋକମାନେ ଅନ୍ୟତ୍ର ଯିବା ଅସମ୍ଭବ ହୋଇପଡ଼ିଛି। ଗତକାଲି ବନ୍ୟା ପରିସ୍ଥିତି ଭୟଙ୍କର ହୋଇଥିବା ବେଳେ ଶନିବାର ପୁଣି ବର୍ଷା ହେବା ଯୋଗୁଁ ବହୁ ରାସ୍ତାଘାଟ ଧୋଇ ଯାଇଛି। ବହୁ ସହର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି ଏବଂ ୫୦ ହଜାରରୁ ଅଧିକ ଲୋକ ଜଳବନ୍ଦୀ ହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ହୋଇଥିବା ସହିତ କେତେକ ସ୍ଥାନରେ ଆଉ କିଛି ଲୋକ ନିଖୋଜ ରହିଥିବା କୁହାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ମୁକାବିଲା ପାଇଁ ୨୦୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।



## ବଲୁଚ୍ ସାମ୍ବାଦିକଙ୍କ ହତ୍ୟାର ପ୍ରତିଶୋଧ ନେଲା ବିଏଲ୍ଏ

କ୍ୱେଟା,୨୪।୫(ଏଜେନ୍ସି): ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଶନିବାର ପୁଣି ଥରେ ପାକିସ୍ତାନ ସେନା ଉପରେ ଜୋରଦାର ଆକ୍ରମଣ କରିଛି। ବେଲୁଚିସ୍ତାନର ମାଙ୍ଗୋଚର ସହରରେ ପାକିସ୍ତାନୀ ସେନାର ଏକ କନଭୟ ଉପରେ ବିଏଲଏ କରିଥିବା ଆକ୍ରମଣରେ ବହୁ ସଂଖ୍ୟକ ପାକ୍ ଯବାନଙ୍କ ମୃତ୍ୟୁ ହୋଇଥିବାର ଖବର ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁସାରେ ବିଏଲଏ ପାକିସ୍ତାନ ସେନାକୁ ଟାର୍ଗେଟ କରି ଦୁଇଟି ସ୍ଥାନରେ ଆକ୍ରମଣ କରିଥିଲା। ପାକ୍ ସେନା କନଭଏର ଅନେକ ଗାଡ଼ି ଉପରେ ବୋମା ମାଡ଼ କରାଯାଇଥିଲା। ଏହି ଆକ୍ରମଣ ପାଇଁ ବିଏଲଏ ନିଜକୁ ଦାୟୀ କରିଥିଲା ବେଳେ ବରିଷ୍ଠ ବେଲୁଚ ସାମ୍ବାଦିକ ଲତିଫ୍ ବାଲୁଚଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନିଆଯାଇଛି ବୋଲି କୁହାଯାଇଛି। ବହୁ ବେଲୁଚ ନେତା ପାକିସ୍ତାନ ସେନା ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ଲତିଫ୍ ବଲୋଚଙ୍କୁ ସେନା ହତ୍ୟା କରିଛି ବୋଲି କହିଛନ୍ତି।

### ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ

# କିଭ୍ ସମେତ ବହୁ ସହର ଉପରକୁ ଘନଘନ କ୍ଷେପଣାସ୍ତ୍ର ମାଡ଼

କିଭ୍ ,୨୪।୫(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଥିବା ସତ୍ତ୍ୱେ ରୁଷ ଏବଂ ୟୁକ୍ରେନ ଆକ୍ରମଣ ପ୍ରତି ଆକ୍ରମଣ କରିବାରୁ ବର୍ତ୍ତି ନାହାନ୍ତି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିଲା ବେଳେ ଶନିବାର ପ୍ରତ୍ୟୁଷରେ ରୁଷିଆ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ଏହାର ଆଖପାଖ ବିଭିନ୍ନ ସହର ଉପରେ ରୁଷ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ନେଇ ବିଭିନ୍ନ ସହର ବିସ୍ଫୋରଣ ଶବ୍ଦରେ ଥରି ଉଠିଥିଲା ବେଳେ ଜୀବନ ବଞ୍ଚାଇବା ପାଇଁ ଲୋକମାନେ ଭୂତଳ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଛନ୍ତି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବନ୍ଦୀ ବିନିମୟ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ପରେ ରୁଷ ସେନା ୟୁକ୍ରେନ ଉପରେ ଏଭଳି ଆକ୍ରମଣ କରିଥିବା ୟୁକ୍ରେନ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଗତ ସପ୍ତାହରେ ଇସ୍ତାନବୁଲରେ ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁସାରେ ପ୍ରଥମ ପର୍ଯ୍ୟାୟର ଅଂଶ ସ୍ୱରୂପ ଶତାଧିକ ସୈନିକ ଏବଂ ନାଗରିକଙ୍କୁ ମୁକ୍ତ କରାଯାଇଥିଲା। କିନ୍ତୁ ଏହାସତ୍ତ୍ୱେ ରୁଷ ଶନିବାର ଜୋରଦାର ଆକ୍ରମଣ କରିଛି ବୋଲି କିଭ୍ ସାମରିକ ପ୍ରଶାସନର କାର୍ଯ୍ୟକାରୀ ମୁଖ୍ୟ ତୈମୁର ତକାଚେଙ୍କୋ ସୋସିଆଲ ମିଡିଆରେ କହିଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଭ୍‌ର ସୋଲୋମିୟାନ୍‌ସ୍କି ଜିଲ୍ଲାରେ ଦୁଇଟି ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ବହୁ ଆପାର୍ଟମେଣ୍ଟ ଏବଂ ବହୁତଳ ପ୍ରାସାଦ କ୍ଷତିଗ୍ରସ୍ତ ହୋଇଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ୧,୦୦୦ ଯୁଦ୍ଧ ବନ୍ଦୀଙ୍କୁ ଶୁକ୍ରବାର ମୁକ୍ତ କରିବାକୁ ସ୍ଥିର ହୋଇଥିଲା। ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୩୯୦ ୟୁକ୍ରେନୀୟ ନାଗରିକ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି।



## କେରଳ ଉପକୂଳରେ ବୁଡ଼ିଗଲା ବିଦେଶୀ ଜାହାଜ

କୋଚି,୨୪।୫(ଏଜେନ୍ସି) : ଆରବ ସାଗରର କେରଳର କୋଚି ନିକଟସ୍ଥ ସମୁଦ୍ରରେ ଏକ ବିଦେଶୀ ମାଲବାହୀ ଜାହାଜ ଶନିବାର ବୁଡ଼ିଯାଇଛି। ଜାହାଜ ବୁଡ଼ିଯିବାର ପ୍ରକୃତ କାରଣ ତାହା ସ୍ପଷ୍ଟ ହୋଇ ନଥିଲା ବେଳେ ଖରାପ ପାଗ କାରଣ ହୋଇପାରେ ବୋଲି ଆକଳନ କରାଯାଇଛି। ଲାଇବେରିଆ ପତାକା ସଙ୍କେତ ରହିଥିବା ଏହି ଜାହାଜରେ ମୋଟ ୨୪ ଜଣ କର୍ମଚାରୀ ରହିଥିବା କୁହାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଭାରତୀୟ କୋଷ୍ଟ ଗାର୍ଡ ୯ ଜଣଙ୍କୁ ଉଦ୍ଧାର କରିଛି। ବାକି ୧୫ ଜଣଙ୍କୁ ଖୋଜିବାକୁ ଅଭିଯାନ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ ୧୮୪ ମିଟର ଲମ୍ବ ବିଶିଷ୍ଟ ଲାଇବେରିଆନ ପତାକାଯୁକ୍ତ ଜାହାଜ ଏମଏସସି ଏଲସା ୩ ଗତକାଲି ମାଲ ନେଇ ୨୩ ତାରିଖରେ ଭିଳିନଜାମ ବନ୍ଦରରୁ ବାହାରିଥିଲା ଏବଂ ଶନିବାର କୋଚି ବନ୍ଦରରେ ପହଞ୍ଚିବାର ଥିଲା। କିନ୍ତୁ କୋଚି ବନ୍ଦରରେ ପହଞ୍ଚିବାର ମାତ୍ର ୩୦ ମିନିଟ୍ ପୂର୍ବରୁ ଏବଂ ୩୦ ନଟିକାଲ ମାଇଲ ଦୂରରୁ ଏହା ସମୁଦ୍ରରେ ବୁଡ଼ି ଯାଇଥିଲା। ଖବର ପାଇବା ପରେ କେରଳ ବିପର୍ଯ୍ୟୟ ପରିଚାଳନା ବୋର୍ଡ ପକ୍ଷରୁ ସତର୍କତା ଜାରି କରାଯାଇଥିଲା ଏବଂ ପରେ ପରେ କୋଷ୍ଟ ଗାର୍ଡ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।




ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ‘ନିତି ଆୟୋଗ’ ପ୍ରଶାସନିକ ପରିଷଦର ୧୦ମ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-326 ◆BHUBANESWAR ◆SUNDAY ◆25 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୬ ◆ଭୁବନେଶ୍ୱର ◆ରବିବାର ◆୨୫ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୁରା ସହ)


## ପିଏଫ୍ ଉପରେ ୮.୨୫ ପ୍ରତିଶତ ସୁଧ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ପିଏଫ୍ ସୁଧହାରକୁ ଅପରିବର୍ତ୍ତିତ ରଖାଯାଇଛି। ୨୦୨୩-୨୪ ପରି ୨୦୨୪-୨୫ ପାଇଁ ପିଏଫ୍ ଆକାଉଣ୍ଟର ଜମା ରାଶି ଉପରେ ୮.୨୫ ପ୍ରତିଶତ ସୁଧ ମିଳିବ। ଏ ନେଇ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) କରିଥିବା ସୁପାରିସକୁ ଅର୍ଥ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛି। ଏବେ ଦେଶର ୭ କୋଟିରୁ ଅଧିକ କର୍ମଚାରୀଙ୍କ ପିଏଫ୍ ଆକାଉଣ୍ଟକୁ ସିଧାସଳଖ ସୁଧ ବାବଦ ଅର୍ଥ ଟ୍ରାନ୍ସଫର କରିଦିଆଯିବ। ଏହା ପୂର୍ବରୁ ଫେବୃଆରୀ ୨୮ରେ ବସିଥିବା ଇପିଏଫଓର ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ବୈଠକରେ ୮.୨୫ ପ୍ରତିଶତର ସୁଧହାରକୁ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଏହାକୁ ଅର୍ଥ ମନ୍ତ୍ରାଳୟର ମଞ୍ଜୁରୀ ପାଇଁ ପଠା ଯାଇଥିଲା। ୮. ୨୫ ପ୍ରତିଶତ ହିସାବରେ ଯଦି ଇପିଏଫ ଆକାଉଣ୍ଟରେ ଲକ୍ଷେ ଟଙ୍କା ଜମାଥିବ ତେବେ ଏହା ଉପରେ ବର୍ଷକୁ ୮, ୨୫୦ ଟଙ୍କା ସୁଧ ମିଳିବ। ସେହିପରି ଆକାଉଣ୍ଟରେ ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ଜମା ଥିଲେ ୪୧, ୨୫୦ ଟଙ୍କା ସୁଧ ମିଳିବ।

## ମୌସୁମୀର କ୍ଷିପ୍ର ଗତି
# ସଅଳ ଛୁଇଁଲା କେରଳ

### ୨୦୦୯ ପରେ ପୁଣି ମେ'ରେ ପ୍ରବେଶ
### ଜୁନ୍ ପ୍ରଥମ ସପ୍ତାହରେ ଓଡ଼ିଶା ଛୁଇଁବ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଚଳିତ ବର୍ଷ ଧାର୍ଯ୍ୟ ସମୟ ପୂର୍ବରୁ ମୌସୁମୀର ଆଗମନ ହୋଇଛି। ପାଣିପାଗ ବିଭାଗ ଆକଳନ ଅବଧିର ଆଠଦିନ ପୂର୍ବରୁ ଶନିବାର ମୌସୁମୀ କେରଳ ଉପକୂଳ ଛୁଇଁଛି। ବିଗତ ୧୬ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା। ଏଥର ଜୁନ୍ ପହିଲାରେ ମୌସୁମୀ କେରଳ ଛୁଇଁବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା।

କେରଳରେ ମୌସୁମୀ ଜନିତ ପ୍ରବଳ ବର୍ଷା ଆରମ୍ଭ ହୋଇଥିବା ବେଳେ ଓଡ଼ିଶାକୁ ମଧ୍ୟ ମୌସୁମୀ ବାୟୁ ସଅଳ ଆସିବା ନେଇ ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ସାଧାରଣତଃ କେରଳରେ ମୌସୁମୀ ବାୟୁ ଛୁଇଁବାର ୧୦ ଦିନ ପରେ ଏହା ଓଡ଼ିଶାକୁ ପ୍ରବେଶ କରିଥାଏ। ଅତଏବ ମେ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଅଧିକ ସମ୍ଭାବନା ରହିଥିବା କୁହାଯାଉଛି। ▶ପୃଷ୍ଠା-୭

**ଲମତାପୁଟରେ ବାଦଲଫଟା ବର୍ଷା**
## ଧୋଇଗଲା ହାଟ



■ **କୋରାପୁଟ/ଲମତାପୁଟ, ୨୪।୫ (ସମିସ):** କୋରାପୁଟ ଜିଲ୍ଲା ଲମତାପୁଟରେ ଆଜି ବାଦଲଫଟା ବର୍ଷା ହୋଇଛି। କାଳବୈଶାଖୀ ପ୍ରଭାବରେ ଅଚାନକ ପବନ ସହ ବର୍ଷା ହେବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୟପୁର-ବିଶାଖାପାଟଣା ରାଜପଥ ଜଳମଗ୍ନ ହେବାରୁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ସୂଚନା ଅନୁଯାୟୀ, କାଳବୈଶାଖୀ ବର୍ଷାର ପ୍ରଭାବ ଲମତାପୁଟ ବ୍ଲକ ମହକୁମାରେ ଦେଖିବାକୁ ମିଳିଛି। ଆଜି ଲାମତାପୁଟ ସାପ୍ତାହିକ ହାଟ ଥିବାବେଳେ ଅଚାନକ ▶ପୃଷ୍ଠା-୭

## ଗିଲ୍‌ଙ୍କୁ ଭାରତର ଟେଷ୍ଟ ନେତୃତ୍ୱ



ଶୁବମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଖେଳାଯିବାକୁ ଥିବା ୫-ଟେଷ୍ଟ ସିରିଜ୍ ପାଇଁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଶୁଭମନ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।

### 'ନିତି ଆୟୋଗ' ବୈଠକରେ ସବୁ ରାଜ୍ୟଙ୍କୁ ମୋଦୀଙ୍କ ଆହ୍ୱାନ
## 'ଟିମ୍ ଇଣ୍ଡିଆ' ହୋଇ କାର୍ଯ୍ୟ କରିବାକୁ ପଡ଼ିବ



■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ବିକଶିତ ଭାରତ ସବୁ ଭାରତୀୟଙ୍କ ଲକ୍ଷ୍ୟ। ରାଜ୍ୟ ବିକଶିତ ହେଲେ ଭାରତ ସାମଗ୍ରିକ ସ୍ତରରେ ବିକଶିତ ହେବ। ଏହାକୁ ହାସଲ କରିବାକୁ ହେଲେ ଆମକୁ 'ଟିମ୍ ଇଣ୍ଡିଆ' ଭଳି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ 'ନିତି ଆୟୋଗ'ର ୧୦ମ ପ୍ରଶାସନିକ ପରିଷଦ ବୈଠକରେ ଆହ୍ୱାନ ▶ପୃଷ୍ଠା-୭

**'କେନ୍ଦ୍ର-ରାଜ୍ୟ ମିଳିତ ଭାବେ କାର୍ଯ୍ୟ କଲେ କିଛି ଅସମ୍ଭବ ହେବନି'**


**'ବିକଶିତ ଓଡ଼ିଶା' ଗଠନ ପାଇଁ ସହଯୋଗ ଲୋଡ଼ିଲେ ମୋହନ**

**ହିନ୍ଦୋଳ ବନାଞ୍ଚଳ ଶିକାରୀଙ୍କ ପ୍ରାଦୁର୍ଭାବ**
## ଫରେଷ୍ଟ ଗାର୍ଡଙ୍କୁ ଗୁଳି କରି ହତ୍ୟା

■ **ଢେଙ୍କାନାଳ/ ହିନ୍ଦୋଳ/ ଖଜୁରିଆକଟା, ୨୪।୫ (ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ତାଣ୍ଡିଚିରା କଇଁ ଜଙ୍ଗଲରେ ଶିକାରୀଙ୍କ ଗୁଳି ମାଡ଼ରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ପ୍ରହଲ୍ଲାଦ ପ୍ରଧାନ। ତାଙ୍କ ଘର କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡାମାଳି ଗ୍ରାମରେ। ଏହି ଜଙ୍ଗଲରେ କିଛି ▶ପୃଷ୍ଠା-୭







■ ରଥଖଳାରୁ...

# ଚାରମାଳ ପାଇଁ ପହଞ୍ଚିଲା ତାଳଗଡ଼



ପୁରୀ, ୨୪।୫ (ସମିସ): ଆଉ ମାସେ ୨ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ତିନିରଥର ଚକ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତିନିରଥର ମୋଟ ୪୨ ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ମଧ୍ୟରୁ ଶୁକ୍ରବାର ସୁଦ୍ଧା ୩୬ଟି ସମ୍ପୂର୍ଣ୍ଣ ହୋଇଛି। ବାକି ୬ଟି ଚକ ମଧ୍ୟରୁ ୩ଟିର ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ମୋଟ ୩୯ଟି ଚକର ସିଙ୍ଗଡ଼ା ବାଡ଼ିଆ ସରିଛି। ଆଉ ୩ଟି ଚକର ସିଙ୍ଗଡ଼ା ବାଡ଼ିଆ ବାକି ରହିଛି। ସେହିପରି ଚଉଦ ନାହାକା ପାଇଁ ପ୍ରତ୍ୟେକ ରଥ ଚାଳିକୁ ୪ଟି ଲେଖାଏଁ ଫାଳି ଯୋଗାଇ ଦିଆଯାଇଥିଲା। ମହାରଣା ସେବକ ସେ ସବୁକୁ ଚଉପଟ କରିଛନ୍ତି। ଏହାପରେ ଆଠଅଂଶୀ କରିବେ। ଏଥିସହ ତିନିରଥର ମହାରଣା ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ବାକି ଅଂଶଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରଖିଛନ୍ତି। ଓରା, ଭୂଇଁ ଚଉତା, ମୁହାଁଟ, ନିରାଡ଼ି, ଖମ୍ବାର ବିନ୍ଧ କରାଯାଉଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ତିଆରି କରୁଛନ୍ତି। ଶୁକ୍ରବାର ରଥଖଳାରେ ଚଳିତବର୍ଷ ନୂଆ ଚାରମାଳ ପାଇଁ ତାଳଗଡ଼ ଆସି ପହଞ୍ଚିଛି। ଏ ବର୍ଷ ଚାରମାଳ ରଥ ଉପରୁ ଭୂମିକୁ ଅଧିକ ସ୍ଲୋପିଂ କରାଯିବ। ଗତବର୍ଷ ତାଳଧ୍ୱଜ ରଥର ଚାଳମାଳ ଉପରୁ ବଡଠାକୁର ପଡିଯିବା ପରେ ମନ୍ଦିର ପ୍ରଶାସନ ଏବର୍ଷ ଚାରମାଳ ଉପରେ ଅଧିକ ଫୋକସ ରଖିଛି। ସେଥିପାଇଁ ବଡ଼ ବଡ଼ ତାଳଗଡ଼ ଅଣାଯାଇଛି।



ମୌସୁମୀ ଆସିବା ପୂର୍ବରୁ ପୁରୀ ବଡ଼ଦାଣ୍ଡ ଆକାଶରେ କଳାହାଣ୍ଡିଆ ମେଘ... (ଫଟୋ-ଅନିଲ)

ବାଂଲା ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ

# ଓଏଚ୍ଆର୍ସିରେ ମାମଲା

କଟକ, ୨୪।୫ (ସମିସ): ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପାଇଁ ଭାରତୀୟ ନାଗରିକଙ୍କ ସୁରକ୍ଷା ବିପଦରେ ପଡ଼ିଛି। ଏଥିପାଇଁ ଦେଶର ନାଗରିକ ଅଧିକାର ମଧ୍ୟ କ୍ଷୁଣ୍ଣ ହେଉଛି। ଏହି ପ୍ରସଙ୍ଗରେ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍ଆରସି)ରେ ଏକ ମାମଲା ରୁଜୁ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନରେ ଦର୍ଶାଯାଇଛି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏଭଳି (ବାଂଲା) ଅନୁପ୍ରବେଶକାରୀ ବ୍ୟାପି ରହିଛନ୍ତି। ଫେରିବାଲା ଏବଂ କବାଡ଼ିଆ ଭାବେ ଏମାନେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ବସବାସ କଲେଣି। ଓଡ଼ିଶାରେ ଏହିଭଳି ୧ଲକ୍ଷ ୫୦ ହଜାରରୁ ଅଧିକ ବାଂଲା ଅନୁପ୍ରବେଶକାରୀ ରହିଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଇପାରୁନାହିଁ। ବିଶେଷକରି ଏମାନେ ବେଆଇନ ଭାବେ ଏଠାରେ ସମସ୍ତ ସରକାରୀ ସୁବିଧା ହାସଲ କରୁଥିବା ଦେଖାଗଲାଣି। ଏଣୁ ଅବୈଧ ଭାବେ ବସବାସ କରିଆସୁଥିବା ବାଂଲା ନାଗରିକମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରଭାବୀ ପଦକ୍ଷେପ ନେବା ପାଇଁ ସରକାରଙ୍କୁ କମିସନ୍ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରି ଆବେଦନକାରୀ ଉକ୍ତ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ୍ ଡିଜି ଓ ପୁଲିସ କମିସନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ମହିଳାଙ୍କୁ ଦଳିଦେଲା ହାତୀ

ବିଶୋଇ, ୨୪।୫ (ସମିସ): ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗାରଗାଡ଼ି ଗ୍ରାମର ବାଟା ନାଏକଙ୍କ ଝିଅ ଚାର୍ମେଇ ନାଏକ ଓରଫ୍ କିକିଳି। ତେବେ ସୌଭାଗ୍ୟକୁ ତାଙ୍କ ସାଥିରେ ଥିବା ବର୍ଷକର ଶିଶୁପୁତ୍ରଟି ଅଳ୍ପକେ ବର୍ତ୍ତିଯାଇଛି।

**ଅଳ୍ପକେ ବର୍ତ୍ତିଲା ଶିଶୁପୁତ୍ର**

ସୂଚନାନୁସାରେ, ଶନିବାର ସକାଳ ପ୍ରାୟ ୮ଟାରେ ଚାର୍ମେଇ ଶାଳ ଛାଲି ଦଉଡ଼ି ଆଣିବାକୁ ପୁଅକୁ ଧରି ଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ପୁଅକୁ ବସାଇଦେଇ ଦଉଡ଼ି ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ଚାର୍ମେଇଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇ ଜଙ୍ଗଲ ଭିତରକୁ ପଳାଇଥିଲା। ଏଥିରେ ଘଟଣାସ୍ଥଳରେ ଚାର୍ମେଇଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ବର୍ଷକର ପୁଅ ଅଳ୍ପକେ ରକ୍ଷା ପାଇଯାଇଥିଲା। ଶିଶୁପୁତ୍ରଟିର କାନ୍ଦ ଶୁଣି ମଧ୍ୟାହ୍ନରେ କିଛି ସ୍ଥାନୀୟ ଲୋକେ ତାକୁ ଜଙ୍ଗଲରୁ ଉଦ୍ଧାର କରିଥିଲେ। ଖବର ପାଇ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସିଂ, ଏସିଏଫ୍ ଧରିତ୍ରୀ ମୁର୍ମୁ, ବନପାଳ ପ୍ରଭାତ ରଞ୍ଜନ ମହାନ୍ତ, ବନପାଳ ଶୁଭଲକ୍ଷ୍ମୀ ପାତ୍ର ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ।

# 'ପାକିସ୍ତାନ-ଜିନ୍ଦାବାଦ୍' ନାରା ଦେଇ ୨ ଗିରଫ

କଟକ, ୨୪।୫(ସମିସ): 'ପାକିସ୍ତାନ ଜିନ୍ଦାବାଦ' ନାରା ଦେବା ୨ଜଣ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଏହି ୨ଜଣ ଯୁବକଙ୍କୁ ଗିରଫ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ। ସୋସିଆଲ ମିଡିଆରେ ଏସମ୍ପର୍କିତ ବିବାଦୀୟ ଭିଡିଓ ଭାଇରାଲ ହେବା ପରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଏହା ଜାଣିବାକୁ ପାଇଥିଲା। ପରେ ଚାଉଳିଆଗଞ୍ଜ ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। ସେମାନେ ହେଲେ, ମହାନଦୀବିହାରରେ ରହୁଥିବା କଟକ ଜିଲ୍ଲା ନରସିଂହପୁର ନିକଟ କାନପୁର ଥାନା ଅଞ୍ଚଳର ସୌରଭ କୁମାର ସାହୁ(୨୭) ଓ ମହାନଦୀ ବିହାରର ଗୌତମ ଲେଙ୍କା(୨୮)। ଅଭିଯୁକ୍ତଦ୍ୱୟଙ୍କଠାରୁ ୨ଟି ଫୋନ୍ ଜବତ ହୋଇଛି। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ଜେଲ୍ ପଠାଇ ଦିଆଯାଇଛି ବୋଲି ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

■ ଏନ୍ଆଇଏ ଜାଣିବା ପରେ ଚାଉଳିଆଗଞ୍ଜ ପୁଲିସର କାର୍ଯ୍ୟାନୁଷ୍ଠାନ
■ ଅଭିଯୁକ୍ତଦ୍ୱୟ ମର୍ଚ୍ଚାଣ୍ଟ ନ୍ୟାଭି ଓ ଆଇନପେସାରେ ଥିବା ଡିସିପିଙ୍କ ସୂଚନା

ଗତ ୧୫ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ କିଛି ଯୁବକ ଗାନ୍ଧୀପଲ୍ଲୀର ମହାନଦୀ କୂଳ ଗଡ଼ାରେ ବସି ଖଟି କରୁଥିଲେ। ସେମାନେ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବିଷୟରେ ଆଲୋଚନା କରୁଥିଲେ। ଏହାକୁ ନେଇ ୨ ପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ମଧ୍ୟରେ କିଛି ଯୁବକଙ୍କୁ କଡା ସମାଲୋଚନା କରିବାକୁ ଯାଇ ଅଭିଯୁକ୍ତ ସୌରଭ ପାକିସ୍ତାନ ସପକ୍ଷରେ ନାରା ଦେଇଥିଲା। ପ୍ରାୟ ୫୦ ଥର ଲଗାତାର ଭାବେ ସେ ପାକିସ୍ତାନ ଜିନ୍ଦାବାଦ ବୋଲି କହିଥିଲା। ଆଉ ଏହି ସମୟର ଦୃଶ୍ୟକୁ ପାଖରେ ଥିବା ଗୌତମ ଲେଙ୍କା ନିଜ ମୋବାଇଲରେ ରେକର୍ଡିଂ କରିଥିଲା। ତୁରନ୍ତ କିଛି ହ୍ୱାଟସଆପ ଗ୍ରୁପରେ ଉକ୍ତ ଭିଡିଓକୁ ଛାଡିବା ପରେ ତାହା ଆଖିପିଛୁଳାକେ ଭାଇରାଲ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେହି ସମୟରେ ଭାରତ-ପାକିସ୍ତାନ ମଧ୍ୟରେ ଅପରେସନ ସିନ୍ଦୁର ପରବର୍ତ୍ତୀ ତିକ୍ତତା ସର୍ବୋଚ୍ଚ ସ୍ତରରେ ଥିଲା। ଏପରିକି, ଭାଇରାଲ ଭିଡିଓ ବିଷୟ ଶେଷରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ମଧ୍ୟ ଜାଣିବାକୁ ପାଇଥିଲା। ଏ ବିଷୟରେ ତଦନ୍ତକାରୀ ଏଜେନ୍ସି କମିଶନରେଟ୍ ପୁଲିସକୁ ଅବଗତ କରାଇଥିଲା। କମିଶନରେଟ୍ ପୁଲିସ ଠାରୁ ଏ ସମ୍ପର୍କରେ ତୁରନ୍ତ ଉତ୍ତର ଦେବାକୁ କୁହାଯାଇଥିଲା। ଚାଉଳିଆଗଞ୍ଜ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଭିଡିଓଟି ଅନ୍ଧାରୁଆ ଓ କମ ସମୟରେ ହୋଇଥିବାରୁ ତାହା କେଉଁଠିକାର ଏବଂ କିଏ କରିଛି ତାହା ଜଣାପଡିନଥିଲା। ଗତ ଏକ ସପ୍ତାହ ଧରି ଯାଞ୍ଚ ପରେ ଆଜି ଅଭିଯୁକ୍ତ ଦ୍ୱୟଙ୍କୁ ଚିହ୍ନଟ କରିବାରେ ପୁଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମର୍ଚ୍ଚାଣ୍ଟ ନ୍ୟାଭିରେ ଥିବା ବେଳେ ଅନ୍ୟ ଜଣେ ଆଇନ ପେସା ସହିତ ଜଡ଼ିତ ବୋଲି ପୁଲିସ ସୂଚନା ଦେଇଛି। ଅଧିକ ତଦନ୍ତରୁ ଜଣାପଡିଛି ଯେ, ଜାଣିଶୁଣି ୨ ଯୁବକ ଏଭଳି ନାରା ଦେବା ସହିତ ତାହାକୁ ଅନ୍ୟମାନଙ୍କ ପାଖକୁ ପହଞ୍ଚାଇଥିଲେ। ଉକ୍ତ ଭିଡିଓଟି ଦୁଇ ସଂପ୍ରଦାୟ ମଧ୍ୟରେ ବିବାଦକୁ ବଢାଉଥିଲା। କଟକରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ଆଶଙ୍କା ବଢିଥିଲା। ତେଣୁ ଦେଶ ଭିତରେ ସାଂପ୍ରଦାୟିକ ସଦ୍ଭାବନା ବିଗାଡିବା ଓ ୨ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି କରିବା ଅଭିଯୋଗରେ ପୁଲିସ ଯୁବକ ଦ୍ୱୟଙ୍କୁ ଗିରଫ କରିଥିବା ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି।

■ ଭଉଣୀ ଘରେ ପହଞ୍ଚି ପାରିଲାନି ସାବିତ୍ରୀ ଭାର

# ବଜ୍ରପାତରେ ଚାଲିଗଲା ଭାଇର ଜୀବନ

ଟାଙ୍ଗୀ/ଭୂଷଣ୍ପୁର,୨୪।୫(ସମିସ): ସୋମବାର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ଶାଢ଼ି-ଚୂଡ଼ି, ଶଙ୍ଖା-ସିନ୍ଦୂର ସାଙ୍ଗକୁ ଫଳଭାର ନେଇ ଭଉଣୀ ଘରକୁ ଯାଉଥିଲେ। କିନ୍ତୁ ବାଟ ଅଧାରୁ ଯମ ଟେକିନେଲା। ଆକାଶରୁ ବଜ୍ର ଖସି ଭାଇର ଜୀବନ ଚାଲିଗଲା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାରେ ଆଜି ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, କନ୍ତଳବାଇର ନବକିଶୋର ମହାପାତ୍ରଙ୍କ ପୁଅ ଅଭୟ ମହାପାତ୍ର (୨୭)।

ସୂଚନାନୁଯାୟୀ, ଅଭୟ ଆଜି ସାବିତ୍ରୀ ଭାର ନେଇ ଏକ ବାଇକ୍‌ରେ ନିଜ ଦାଦା ଝିଅ ଭଉଣୀ ଘର ଜରିପଡ଼ାକୁ ଯାଉଥିଲେ।



ଅପରାହ୍ଣ ପ୍ରାୟ ୪ଟା ବେଳେ ହଠାତ୍ ବର୍ଷା ପବନ ମାଡ଼ି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ସେ ଟାଙ୍ଗୀ ମଙ୍ଗଳାଯୋଡ଼ି ରାସ୍ତାରେ ଥିବା ଏକ ବରଓସ୍ତ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ଅଭୟ ସେହିଠାରେ ହିଁ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ଅଭୟଙ୍କ ଶବକୁ ବ୍ୟବଛେଦ ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅଭୟଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ମହଙ୍ଗା ପଡ଼ିଲା ମାମଲାରୁ ନାଁ କାଟିବା

# ଭିଜିଲାନ୍ସ ଜାଲରେ ବାଙ୍କୋଇ ଫାଣ୍ଡି ଏଏସ୍ଆଇ

ଖୋର୍ଦ୍ଧା/ବୋଲଗଡ଼, ୨୪।୫ (ସମିସ): ପୁଣି ଖାକିରେ ଦାଗ। ଏକ ମାମଲାରୁ ଜଣେ ଅଭିଯୁକ୍ତଙ୍କ ନାଁ କାଟିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୋଲଗଡ଼ ଥାନା ବାଙ୍କୋଇ





ଫାଣ୍ଡିର ଏଏସ୍ଆଇ ତୁଷାରକାନ୍ତ ନାୟକ। ଭିଜିଲାନ୍ସ ତାଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏହାସହ ଲାଞ୍ଚ ଟଙ୍କା ନେଣଦେଣରେ ମଧ୍ୟସ୍ଥି ସାଜିଥିବା ଫାଣ୍ଡି ଡ୍ରାଇଭର୍ ହୋମ୍‌ଗାର୍ଡ ପି.କେ ସୁନ୍ଦରାୟଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି ବୋଲି ଭିଜିଲାନ୍ସ ଡିଏସ୍‌ପି ବ୍ରଜକିଶୋର ସାହୁ ସାହୁ ସୂଚନା ଦେଇଛନ୍ତି।

ଶ୍ରୀ ସାହୁଙ୍କ ସୂଚନାନୁସାରେ, ଗତ ଏପ୍ରିଲ ୨୬ ତାରିଖରେ ରାଜସୁନାଖଳା କାଉଁରିପାଟଣା ସାହିରେ ଏକ ଆପରାଧିକ ଘଟଣା ଘଟିଥିଲା। କିଛି ଯୁବକ ଭୋଜି କରିସାରିବା ପରେ ସେଠାକାର ଜଣେ ନାବାଳିକାଙ୍କ ଘର କବାଟ ବାଡ଼େଇବା ସହ ଗାଳିମନ୍ଦ କରିଥିଲେ। ଏନେଇ ୫ଜଣଙ୍କ

■ ମଧ୍ୟସ୍ଥି ହୋମ୍‌ଗାର୍ଡ ବି ଗିରଫ
■ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ ହୋଇଥିଲେ ତୁଷାରକାନ୍ତ
■ ପୈତୃକ ଘର ସମେତ ଦୁଇଟି ସ୍ଥାନରେ ଚଢ଼ଉ

ନାଁରେ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହେବା ପରେ ବୋଲଗଡ଼ ପୁଲିସ୍ ନମ୍ବର ୯୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ତୁଷାରକାନ୍ତ ନାୟକ ରହିଥିଲେ। ତେବେ ମାମଲାରୁ ନିଜ ନାଁ କାଟିବା ଲାଗି ଜଣେ ଅଭିଯୁକ୍ତ ରାକେଶ ପୃଷ୍ଟି ଓରଫ୍ ଲୁଲୁ ଫାଣ୍ଡିକୁ ଯାଇଥିଲେ। ଫାଣ୍ଡି ଡ୍ରାଇଭର୍ ହୋମ୍‌ଗାର୍ଡ ସୁନ୍ଦରାୟ ଏଥିରେ ମଧ୍ୟସ୍ଥି ସାଜିଥିଲେ। ନାଁ କାଟିବାକୁ ଲୁଲୁଙ୍କୁ ଏଏସ୍ଆଇ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମାତ୍ର ଲୁଲୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଶୁକ୍ରବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଡିଏସ୍‌ପି ଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲା। ଶୁକ୍ରବାର ରାତିରେ ଭିଜିଲାନ୍ସର ଏକ ଟିମ୍ ଫାଣ୍ଡି ନିକଟରେ ଛପି ରହିଥିଲେ। ଲୁଲୁ ଟଙ୍କା ନେଇ ଡ୍ରାଇଭରଙ୍କୁ ଦେଇଥିଲେ। ଡ୍ରାଇଭରଠାରୁ ଏଏସ୍ଆଇ ନେବା ବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପରେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତୁଷାରକାନ୍ତଙ୍କ ଭଡ଼ାଘର ଓ ନୟାଗଡ଼ସ୍ଥିତ ପୈତୃକ ଘରେ ଚଢ଼ଉ କରିଛି। ପ୍ରକାଶ ଥାଉକି, ଏଏସ୍ଆଇ ତୁଷାରକାନ୍ତ ନାୟକ ଉଲ୍ଲେଖନୀୟ ସେବା ପାଇଁ ଜିଲ୍ଲା ପୁଲିସ୍ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା।

■ ବିବାହ କରିବାକୁ ମନା କରିବାରୁ...

# ଯୁବକଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ

କଣାସ,୨୪।୫(ସମିସ): ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେବାରୁ କଙ୍ଗାରୁ କୋର୍ଟରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରିବାରକୁ ପରିବାରକୁ ନିଆଁ, ପାଣି ବାସନ୍ଦ। ତାଙ୍କ ପରିବାରକୁ ମନ୍ଦିର ଓ ଦୋକାନରୁ ସଉଦା କିଣିବାକୁ ମଧ୍ୟ ବାରଣ କରାଯାଉଛି। ଏପରିକି, ତାଙ୍କ ଘରର ବିଦ୍ୟୁତ୍ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରିଦେଇଛନ୍ତି। ମାସେ କି ଦୁଇ ମାସ ନୁହେଁ, ପାଖାପାଖି ୧୧ ମାସ ହେଲା କଣାସ ବ୍ଲକ୍ ବଡ଼ାଲ ପଞ୍ଚାୟତ ଓଗାଳପୁର ଗ୍ରାମର ଲକ୍ଷ୍ମୀଧର ପଲାଇଙ୍କ ପରିବାରକୁ ଏମିତି ବାସନ୍ଦ ଜୀବନ ବିତାଇବାକୁ ପଡୁଛି। ଏଥିରେ ଅତିଷ୍ଠ ହୋଇ ଲକ୍ଷ୍ମୀଧର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀଧରଙ୍କ ଝିଅ ମଧ୍ୟ ପୂର୍ବରୁ ଏ ସଂପର୍କରେ ସେ ପୁରୀ ଏସ୍‌ଡିପିଓଙ୍କୁ ସାକ୍ଷାତ କରି ଅଭିଯୋଗ କରିସାରିଛନ୍ତି।


ମିଳିଥିବା ସୂଚନାନୁଯାୟୀ, ଗ୍ରାମର ଜଣେ ଯୁବତୀଙ୍କ ସହ ଲକ୍ଷ୍ମୀଧରଙ୍କ ପୁଅ ମନୋଜ ପଲାଇଙ୍କ ୫ ବର୍ଷ ଧରି ସଂପର୍କ ଥିଲା। ମନୋଜ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ମନା କରିଦେବାରୁ ଯୁବତୀଜଣଙ୍କ ତାଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। କଥା ବଢ଼ିବାରୁ, ଗ୍ରାମବାସୀମାନେ କଙ୍ଗାରୁ କୋର୍ଟ ବସାଇ ମାମଲାର ଫଇସଲା କରିଥିଲେ। କେତେକ ଭଦ୍ରବ୍ୟକ୍ତିଙ୍କୁ ଡକାଇ ହାଡ଼ିବନ୍ଧୁଙ୍କ ସଭାପତିତ୍ୱରେ ଗଡ଼ିଶାଗୋଦା ଥାନା ନିକଟରେ ଏକ ବୈଠକ ବସିଥିଲା। ଏଥିରେ ମନୋଜ ଓ ଉକ୍ତ ଯୁବତୀଙ୍କୁ ମଧ୍ୟ ଡକାଯାଇଥିଲା। ତେବେ ମନୋଜ ଉକ୍ତ ଯୁବତୀଙ୍କୁ ବିବାହ କରିବେ ନାହିଁ ବୋଲି ମନା କରିଦେବାରୁ ତାଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ କରିଦିଆଯାଇଥିଲା। ଏହାସହ ଯୁବତୀଜଣଙ୍କ ମଧ୍ୟ ଏ ସଂପର୍କରେ ଥାନାରେ ଏତଲା ଦେଇଥିଲେ। ଗଡ଼ିଶାଗୋଦା ପୁଲିସ୍ ଅଭିଯୋଗକୁ ଭିତ୍ତି କରି ମନୋଜ, ବାପା ଲକ୍ଷ୍ମୀଧର ପଲାଇ, ମାଆ ଖୁଲଣାଙ୍କ ନାମରେ ମାମଲା ରୁଜୁ କରି କରିଥିଲେ। ଲକ୍ଷ୍ମୀଧର ଓ ଖୁଲଣାଙ୍କୁ ହାଇକୋର୍ଟରୁ ଜାମିନ ମିଳି ଯାଇଥିବା ବେଳେ ମନୋଜଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲେ। ମନୋଜ ୨୨ ଦିନ ଧରି ଜେଲ୍‌ରେ ରହିବା ପରେ ଜାମିନରେ ଆସିଥିବା ବେଳେ କୋର୍ଟରେ ମାମଲା ଚାଲୁ ରହିଛି।

ତେବେ ଗ୍ରାମବାସୀମାନେ ମଝିରେ ଲକ୍ଷ୍ମୀଧରଙ୍କ ଘରର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଣିଥରେ ସଂଯୋଗ କରାଯାଇଥିଲା। କିନ୍ତୁ ପୁଣିଥରେ କିଛି ଗ୍ରାମବାସୀ ତାଙ୍କ ଘରର ବିଦ୍ୟୁତ୍ କାଟିଦେବାରୁ ଲକ୍ଷ୍ମୀଧର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରିଛି।

ପୂର୍ବ ଶତ୍ରୁତାରୁ ଗଡ଼ିଲା ମୁଣ୍ଡ

# ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣିଲେ

ରେଢ଼ାଖୋଲ, ୨୪।୫ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବୁର୍ଡା ପଞ୍ଚାୟତର ବଡ଼ମାଳ ଗ୍ରାମରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ପ୍ରଫୁଲ୍ଲ ନାଏକ। ପ୍ରଫୁଲ୍ଲ ନିଜ ଚାଷ ଜମିରେ କାମ କରୁଥିବା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୁଲିସ୍ ପ୍ରଫୁଲ୍ଲଙ୍କ ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଏହି ଘଟଣାରେ ପୁଲିସ୍ ସେହି ଗ୍ରାମର ବିଭୂତି ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଅନ୍ୟ ୩ଜଣ ଫେରାର୍ ହୋଇଯାଇଥିବା ଜଣାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ସୂଚନାନୁଯାୟୀ, ପ୍ରଫୁଲ୍ଲ ଆଜି ନିଜ ଚାଷ ଜମିରେ ଜେସିବି ସାହାଯ୍ୟରେ କାମ କରୁଥିଲେ। ତାଙ୍କ ଜମି ପାର୍ଶ୍ୱକୁ ଲାଗି ସେହି ଗ୍ରାମର ବିଭୂତି ପ୍ରଧାନ ଚାଷଜମି ରହିଛି। ବିଭୂତିଙ୍କ ଜମି ଆଡ଼କୁ କିଛି ମାଟି ଧସିଯିବାରୁ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ, କଥା ବଢ଼ିବାରୁ ବିଭୂତିଙ୍କ ସହ ତାଙ୍କ ସ୍ତ୍ରୀ, ଭାଇ ଏବଂ ମାଆ ମିଶି ସଂଘବଦ୍ଧ ଭାବେ ପ୍ରଫୁଲ୍ଲଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡ଼ିଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ।

ଖାଲି ପଡ଼ିଛି ଏସ୍‌ଡିପିଓ ପଦବୀ

# ପଦୋନ୍ନତି ମିଳିଲା; ପୋଷ୍ଟିଂ ମିଳୁନି

ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ବିଚିତ୍ର ବ୍ୟବସ୍ଥା ଦେଖାଦେଇଛି। ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ୧୬୯ ଜଣ ଇନ୍ସପେକ୍ଟର ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କର ପୋଷ୍ଟିଂ ହୋଇପାରି ନାହିଁ। ଫଳରେ ପଦୋନ୍ନତି ପାଇବା ପରେ ମଧ୍ୟ ଅଧିକାଂଶ ଡିଏସ୍‌ପି ଏବେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପଦୋନ୍ନତିର ମାସେ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଅନୁସାରେ, ଗତମାସ ୨୩ତାରିଖଦିନ ରାଜ୍ୟସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ମାସେ ବିତିଯାଇଥିଲେ ମଧ୍ୟ ଡିଏସପିମାନଙ୍କୁ ପୋଷ୍ଟିଂ ମିଳିନାହିଁ।

ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଏସଡିପିଓ ପଦବୀ ଖାଲି ପଡ଼ିଛି। ଏକାଧିକ ସ୍ଥାନରେ ଜଣେ ଅଧିକାରୀ ଦୁଇଟି ଦାୟିତ୍ୱରେ ରହିଥିବାବେଳେ କେତେକ ସ୍ଥାନରେ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସବୁଠାରୁ ଉତ୍ତମ ପୁଲିସ ସେବା ଯୋଗାଉଥିବା କମିସନରେଟ ପୁଲିସରେ ମଧ୍ୟ ଏକପ୍ରକାର ଡିଏସ୍‌ପି ନିଅଣ୍ଟ। କମିସନରେଟ ପୁଲିସର କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି) ଅଧୀନରେ ଥିବା ଜୋନ୍ ୩ ଏସିପି ପଦବୀ ଫାଙ୍କା ପଡ଼ିଛି। କଟକର ଲାଲବାଗ, ବିଡ଼ାନାସୀ, ଫେଜ୍ ୨ ଓ ମର୍କତ ନଗର ଭଳି ଗୁରୁତ୍ୱପୂର୍ଣ୍ଣ ଥାନା ଜୋନ୍ ୩ ଅଧୀନରେ ଆସୁଛି। ଏଠାରେ ପୂର୍ବରୁ ଏସିପି ଭାବେ କାର୍ଯ୍ୟରତ ଥିବା ଡିଏସ୍‌ପିଙ୍କର କ୍ରାଇମବ୍ରାଞ୍ଚକୁ ବଦଳି ହେବା ପରେ ଜୋନ୍ ୨ ଏସିପି ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି।

■ ହେଡ୍‌କ୍ୱାର୍ଟରରେ ଇନ୍ସପେକ୍ଟର; ଥାନାରେ ଡିଏସ୍‌ପି
■ ଏକାଧିକ ଦାୟିତ୍ୱରେ ଏକାଧିକ ଅଧିକାରୀ
■ କମିସନରେଟ୍ ପୁଲିସରେ ବି ଅସ୍ଥାୟୀ ଏସିପି

କେବଳ କଟକ ନୁହଁ; ଭୁବନେଶ୍ୱର ୟୁପିଡିର ବଡ଼ଗଡ଼, ଲକ୍ଷ୍ମୀସାଗର, ପାହାଳ, ବାଲିଅନ୍ତା ଓ ବାଲିପାଟଣା ଥାନାକୁ ନେଇ ଗଠିତ ଜୋନ୍ ୪ରେ ମଧ୍ୟ ସମାନ ଅବସ୍ଥା। ପୂର୍ବରୁ ଜୋନ୍ ୪ ଏସିପି ଥିବା ବିଭୂତି ଭୂଷଣ ମହାପାତ୍ରଙ୍କର ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ହେବା ସହିତ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଛି। ଶ୍ରୀ ମହାପାତ୍ର ଯିବା ପରେ ଡିଏସ୍‌ପି ଅଭିମନ୍ୟୁ ନାୟକଙ୍କୁ ଅସ୍ଥାୟୀ ଭାବେ ଜୋନ୍ ୪ ଦାୟିତ୍ୱ ଦିଆଯାଇଛି। ସେହିପରି କମିସନରେଟ୍ ପୁଲିସର ହେଡ୍‌କ୍ୱାର୍ଟରରେ ଏକାଧିକ ଇନ୍ସପେକ୍ଟର ରହିଥିବା ବେଳେ ୮ଜଣ ଡିଏସ୍‌ପି ଥାନା ଦାୟିତ୍ୱରେ ରହିଛନ୍ତି। ଯଦି ଖୋଦ୍ କମିସନରେଟ ପୁଲିସରେ ଏଭଳି ବ୍ୟବସ୍ଥା, ତେବେ ସାରା ରାଜ୍ୟରେ ଅବସ୍ଥା କ'ଣ ହୋଇଥିବ ତାହା ଅନୁମେୟ।

ରାଜ୍ୟରେ ଏସ୍‌ଡିପିଓ ଓ ଏସିପି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଓ ଅଧିକାରୀମାନେ ଅସ୍ଥାୟୀ ଦାୟିତ୍ୱରେ ଥିବାରୁ ଏସସି/ଏସ୍‌ଟି ମାମଲା ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛି। ଅନୁସୂଚିତ ଜାତି ଓ ଜନଜାତିଜନିତ ମାମଲାର ତଦନ୍ତ ସର୍ବନିମ୍ନ ଡିଏସ୍‌ପି ପାହ୍ୟାର ଅଧିକାରୀ କରିଥା'ନ୍ତି। ସେଥିପାଇଁ ଥାନା ଅଧିକାରୀମାନେ କେବଳ ମାମଲା ରୁଜୁ କରୁଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ହେଉନାହିଁ। ଫଳରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଅସ୍ଥାୟୀ ବା ଅତିରିକ୍ତ ଦାୟିତ୍ୱରେ ଥିବାରୁ ତଦନ୍ତକାରୀ ଅଧିକାରୀମାନେ ମଧ୍ୟ ବିଶେଷ ମନଯୋଗ ଦେଉନାହାନ୍ତି।

କେବଳ ଏତିକି ନୁହଁ; ଏକାଧିକ ଦାୟିତ୍ୱରେ ଥିବା ଡିଏସ୍‌ପିମାନେ ମଧ୍ୟ କାର୍ଯ୍ୟ ଚାପ ଯୋଗୁଁ ମାନସିକ ଅବସାଦରେ ରହୁଛନ୍ତି। ଜାଣିଶୁଣି ଅଧିକ ଦାୟିତ୍ୱ ଦିଆଯାଉଥିବାରୁ ଜୀବନ ହାରିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ ବୋଲି ନିକଟରେ ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ବ୍ରଜମୋହନ ବାଲେଶ୍ୱର ହେଡ୍‌କ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବାବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱ ସମ୍ଭାଳୁଛନ୍ତି। ଗୋଟିଏପଟେ ଡିଏସ୍‌ପି ପଦବୀ ଫାଙ୍କା ପଡ଼ିବା ଓ ଅନ୍ୟପଟେ ୧୬୯ ଜଣ ଡିଏସ୍‌ପି ନିଯୁକ୍ତି ଅପେକ୍ଷାରେ ରହିବା, ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ଉଠାଇଛି।

# ଜେଲ୍ ଗଲେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୨୪।୫(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ନୂଆପଡ଼ା ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ଯାଞ୍ଚ ପରେ ଜଣାପଡିଛି। ଆହୁରି ମଧ୍ୟ ତଦନ୍ତରୁ ଚାଞ୍ଚଲ୍ୟକର ତଥ୍ୟ ଜଣାପଡ଼ିଛି। ଭିଜିଲାନ୍ସ ଚଢ଼ଉରୁ ବର୍ତ୍ତିବା ପାଇଁ ସୁଶାନ୍ତଙ୍କ ପତ୍ନୀ ଲିପି ସେଠୀ ଅଭିନବ

■ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି
■ ଭଡ଼ାଟିଆଙ୍କ ଘରେ ରଖିଥିଲେ କଳାଧନ

ଉପାୟ ଆପଣାଇଥିଲେ। ତାଙ୍କ ତୃତୀୟ ମହଲା ଘରେ ଭଡ଼ାରେ ରହୁଥିବା ରାକେଶ କୁମାର ସେନାପତିଙ୍କ ଘରେ ସେ ରଖିଥିବା ଲକ୍ଷାଧିକ ଟଙ୍କା ଓ ସୁନାଗହଣାକୁ ରାକେଶ ଚୋରି କରି ନେଇଥିବା ନେଇ ଲିପି ୨୦୨୪ ଏପ୍ରିଲ ୧୩ରେ ଭୁବନେଶ୍ୱର ଧଉଳି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଜମି ବିକା ଟଙ୍କା ୫୫ ଲକ୍ଷ ଏବଂ ୧କେଜି ୪୦୦ ଗ୍ରାମର ସୁନା ଗହଣା ଚୋରି ହୋଇଥିବା ଲିପି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତାହା ଏବେ ଧଉଳି ଥାନା ପୁଲିସର ତଦନ୍ତ ପରିସରରେ ଥିବା ଭିଜିଲାନ୍ସ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଚଢ଼ଉ ଭୟରେ ଲିପି ଭଡ଼ାଟିଆଙ୍କ ଘରେ କଳାଧନ ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ଗତକାଲି ଭିଜିଲାନ୍ସ ଚଢ଼ଉରେ ସୁଶାନ୍ତଙ୍କ ଭୁବନେଶ୍ୱରରେ ଦୁଇ ଦୁଇଟି ବହୁତଳ କୋଠା, ୯ଟି ଦାମୀ ପ୍ଲଟ୍, ଫାର୍ମ ହାଉସ୍, ୫୦ ଲକ୍ଷ ଟଙ୍କାର ବୀମା ଓ ବ୍ୟାଙ୍କ ବାଲାନ୍ସ ଥିବା ଠାବ କରିଥିଲା।

# କଟକ ସିଟି



■ 'ନାଦ ନିନାଦ' ପକ୍ଷରୁ ଗ୍ରୀଷ୍ମ ଉତ୍ସବ

## 'ଶାସ୍ତ୍ରୀୟ ସଂଗୀତ ଶୃଙ୍ଖଳାର ମାର୍ଗ'




କଟକ,୨୪।୫(ସମିସ): ଶନିବାର କଳାବିକାଶ କେନ୍ଦ୍ରଠାରେ ସାଂସ୍କୃତିକ ଅନୁଷ୍ଠାନ 'ନାଦ ନିନାଦ'ର ଦୁଇଦିନିଆ ଗ୍ରୀଷ୍ମ ଉତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବକୁ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଉଦଘାଟନ କରି ଭାରତୀୟ ଶାସ୍ତ୍ରୀୟ ସଂଗୀତ କିପରି ସମାଜକୁ ଶୃଙ୍ଖଳିତ କରେ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ରନାଥ ମହାନ୍ତି, ସୁଧୀରଞ୍ଜନ ମିଶ୍ର ଓ ଅସୀମ କୁମାର ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ସଂଗୀତ ଓ ନୃତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ 'ନାଦ ନିନାଦ'ର ନିରନ୍ତର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରଞ୍ଜନ କୁମାର ସାହୁ ସମ୍ପାଦକ ବିବରଣୀ ପାଠ କରିଥିଲେ। ଶାସ୍ତ୍ରୀୟ ସଂଗୀତର ପ୍ରଚାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସମ୍ପାଦକ ଇଂ କ୍ଷୀରୋଦ ମୋହନ ପଟ୍ଟନାୟକଙ୍କୁ ଚଳିତ ବର୍ଷର ନିଦାଘ ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ପଣ୍ଡିତ ଏ. ମହେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ ରାଗ ମାଳା ପରିବେଷଣ କରିଥିଲେ। ଯୁବ ଶାସ୍ତ୍ରୀୟ ସଂଗୀତ କଣ୍ଠଶିଳ୍ପୀ ଏ. ଶିବ ପ୍ରସାଦ ରାଓ ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ପରିବେଷଣ କରିଥିଲେ। ଦିଲ୍ଲୀର ପ୍ରସିଦ୍ଧ ବେହେଲା ବାଦକ ଯଦଦେଶ ରାଇକର ବେହେଲା ବାଦନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଜନ କୁମାର ରାୟଚୌଧୁରୀ, କାନନ ବାଳା ରାୟଚୌଧୁରୀ, ମିଳନ ପରିଡା, ବିଜୟ କୁମାର ସ୍ୱାଇଁ, ଏ. ନାରାୟଣ ରାଓ, ଏ. ମନ୍ଦାକିନୀ ରାଓ, ନମ୍ରତା ମହାନ୍ତି, ଅଜୟ ବାରିକ, ବନଲକ୍ଷ୍ମୀ କାନୁନଗୋ, ବିଜୟାଲକ୍ଷ୍ମୀ ପତି, ଲଳିତ ତ୍ରିପାଠୀଙ୍କ ସମେତ 'ନାଦ ନିନାଦ'ର ସଦସ୍ୟମାନେ ସହଯୋଗ କରିଥିଲେ। ବିଶିଷ୍ଟ ଉଦଘୋଷକ ବିଚିତ୍ରାନନ୍ଦ ପଣ୍ଡା ପରିଚାଳନା କରିଥିବା ବେଳେ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ଚଣ୍ଡୀ ମନ୍ଦିର ନବୀକରଣ ବିଳମ୍ବ ପ୍ରସଙ୍ଗ

## ନିର୍ମାଣକାରୀ ସଂସ୍ଥାକୁ ତାଗିଦ

କଟକ,୨୪।୫(ସମିସ): କଟକ ଚଣ୍ଡୀ ମନ୍ଦିର ନବୀକରଣ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଆକ୍ସନ ମୋଡ୍‌କୁ ଆସିଛି। ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାକୁ ତାଗିଦ କରାଯାଇଛି। ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି। କଟକ ସାଂସଦ ଭର୍ତ୍ତୃହରୀ ମହତାବ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ମା'ଙ୍କ ମୁଖ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜୁନ ମାସ ଶେଷ ସୁଦ୍ଧା ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଖୋଲା ହେବା ସହିତ ପୂର୍ବଦ୍ୱାର ଏବଂ ଏହା ସହ ପାଶ୍ୱର୍ ଦେବାଦେବୀଙ୍କ ମନ୍ଦିର କାର୍ଯ୍ୟ ମଧ୍ୟ ସମୟ ଅନୁସାରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ମନ୍ଦିରରେ ବ୍ୟବହାର ହେଉଥିବା ପଥର ଆସିବାରେ ବିଳମ୍ବ ହୋଇଥିଲା। ପ୍ରଶାସନିକ ଅସୁବିଧା ଯୋଗୁଁ ପଥର ଆସି ପାରୁ ନଥିଲା। ହେଲେ ଏବେ ସ୍ୱାଭାବିକ କାମ ଚାଲିଛି। ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସାଂସଦ ଶ୍ରୀ ମହତାବ କହିଛନ୍ତି। ଅନ୍ୟପଟେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ମନ୍ଦିର ନବୀକରଣ କାର୍ଯ୍ୟ ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ହେବ ବୋଲି ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମସିହାରେ କଟକ ଚଣ୍ଡୀ ମନ୍ଦିର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ, ଗତକାଲି ହାଇକୋର୍ଟରେ କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି ପକ୍ଷରୁ କାର୍ଯ୍ୟ ନିମ୍ନମାନର ଓ ବିଳମ୍ବିତ ନେଇ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା।



ହାଇପ୍ରୋଫାଇଲ୍ ଦଲାଲ ଗ୍ୟାଙ୍ଗ୍ ଠାବ

## ଚାକିରି ଦେବା ନାଁରେ ଠକେଇ; ୩ ଗିରଫ



'ଡାଟା-ଆନାଲିଷ୍ଟ' ପଦ ପାଇଁ ଦେଇଥିଲେ ନକଲି ବିଜ୍ଞାପନ

ଲାପ୍‌ଟପ୍ ଓ ପେନ୍‌ଡ୍ରାଇଭ୍‌ରୁ ମିଳିଲା ଚାଞ୍ଚଲ୍ୟକର ତଥ୍ୟ

କ୍ୟାବିନ୍‌ରେ ଚାଲିଥିଲା ଦଲାଲଙ୍କ କାର୍ଯ୍ୟାଳୟ



କଟକ,୨୪।୫(ସମିସ): ଚାକିରି ଆଶାୟୀଙ୍କୁ ଟାର୍ଗେଟ୍ କରି ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିଲେ। ପ୍ରତିବାଦ କରିଲେ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଫୋନ୍ ସୁଇଚ୍ ଅଫ୍ କରି ହ୍ୱାଟ୍‌ସଆପ୍ ଆକାଉଣ୍ଟ୍ ଡିଲିଟ୍ କରି ଦେଉଥିଲେ। ଏମାନେ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରି ଗ୍ୟାଙ୍ଗ୍ ଚଳାଉଥିଲେ। ଏହି ଗ୍ୟାଙ୍ଗ୍‌କୁ ଚାଉଳିଆଗଞ୍ଜ ଥାନା ପୁଲିସ ଠାବ କରିବା ସହିତ ୩ଜଣ ଦଲାଲଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ମଙ୍ଗଳାବାଗ ଅଞ୍ଚଳର ସୁବାସିନୀ ମହାପାତ୍ର ଓରଫ୍ ବେବି(୪୪), ମଧୁପାଟଣା ଅଞ୍ଚଳର ସତ୍ୟସାଗର ସେନାପତି ଓରଫ୍ ସତ୍ୟ(୪୫) ଏବଂ ଚାଉଳିଆଗଞ୍ଜ ଅଞ୍ଚଳର ଚନ୍ଦନ ସାହୁ ଓରଫ୍ କ୍ଷୀରୋଦ(୩୮)। ଏମାନଙ୍କ ନିକଟରୁ ଲାପଟପ୍, ପେନଡ୍ରାଇଭ୍, ନକଲି କାଗଜପତ୍ର, ନକଲି ବିଜ୍ଞାପନ, ଆଧାର କାର୍ଡ ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜବତ କରାଯାଇଥିବା ପେନ୍‌ଡ୍ରାଇଭ୍‌ରେ ଏକାଧିକ କଲ୍ ରେକର୍ଡିଂ, ସ୍କ୍ରିନ୍-ସଟ, ଚାଟ୍ ଇତ୍ୟାଦି ରହିଥିବା ବେଳେ ପୁଲିସ ଏହାକୁ ଯାଞ୍ଚ କରୁଛି। ତେବେ ୩ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗ୍‌ରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି ପୁଲିସ ତାହାକୁ ଖୋଳତାଡ଼୍ କରୁଥିବା ଜଣାପଡ଼ିଛି।

ପୁରୀଘାଟ ଥାନା ପିଠାପୁରର ଶିବମ୍ ଜୟସ୍ୱାଲ୍ ଅଭିଯୋଗ କରିଥିଲେ ଯେ ତାଙ୍କୁ ହ୍ୱାଟସଆପ୍‌ରେ ଚାକିରି ସମ୍ପର୍କିତ ଏକ ବିଜ୍ଞାପନ ପ୍ରାପ୍ତ ହୋଇଥିଲା। ସେଥିରେ 'ଡେଟା-ଆନାଲିଷ୍ଟ' ପଦ ପୂରଣ ନିମନ୍ତେ ଚାକିରି ଆହ୍ୱାନ କରାଯାଇଥିଲା। ସେ ଏହା ଦେଖିବା ପରେ ହ୍ୱାଟସଆପ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଅଭିଯୋଗକାରୀ ଗତ ୨୨ ତାରିଖ ରାତିରେ ଚାକିରି ବିଷୟରେ ଅଧିକ ଜାଣିବା ପାଇଁ ବିଜ୍ଞାପନ୍‌ରେ ଉଲ୍ଲେଖ ଥିବା ମୋବାଇଲ୍ ନମ୍ବର(୯୩୩୭୩୩୫୪୯୮)ରେ ଯୋଗାଯୋଗ କରିଥିଲେ। ଫୋନ୍‌ରେ "ସୁବାସିନୀ ମାମ୍' ବୋଲି ଜଣେ ମହିଳା ପରିଚୟ ଦେଇ ତାଙ୍କୁ ଚାଉଳିଆଗଞ୍ଜ ପୋଷ୍ଟ ଅଫିସ୍ ସମ୍ମୁଖରେ ଥିବା ତାଙ୍କ କାର୍ଯ୍ୟାଳୟକୁ ଯିବାକୁ କହିଥିଲେ। ତଦନୁସାରେ, ଗତ ୨୩ ତାରିଖ ସକାଳ ପ୍ରାୟ ୧୧ଟାରେ, ଅଭିଯୋଗକାରୀ ଉକ୍ତ କାର୍ଯ୍ୟାଳୟକୁ ଯାଇଥିଲେ। ସମ୍ପୃକ୍ତ କାର୍ଯ୍ୟାଳୟ ଏକ ଛୋଟ କ୍ୟାବିନ୍‌ରେ ଚାଲୁଥିଲା। ସେଠାରେ ଜଣେ ବ୍ୟକ୍ତି ଓ ଜଣେ ମହିଳା ଉପସ୍ଥିତ ଥିଲେ। ସେମାନେ ନିଜକୁ ସତ୍ୟ ଏବଂ ସୁବାସିନୀ ବୋଲି ପରିଚୟ ଦେଇଥିଲେ। ସେମାନେ ଅଭିଯୋଗକାରୀଙ୍କୁ ସେମାନଙ୍କ କମ୍ପାନୀର କିଛି କାଗଜପତ୍ର ଦେଖାଇଥିଲେ ଏବଂ ସେମାନେ ପୂର୍ବରୁ ସେମାନଙ୍କ ଏଜେନ୍ସି ମାଧ୍ୟମରେ ଅନେକ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ଦାବି କରିଥିଲେ। ଅଭିଯୁକ୍ତଙ୍କ ପରାମର୍ଶକ୍ରମେ ଅଭିଯୋଗକାରୀ ଶିବମ୍ ତାଙ୍କର ସମସ୍ତ ସାର୍ଟିଫିକେଟ୍ ଓ ବାୟୋଡେଟା ଦେଇଥିଲେ। ଏହାପରେ ଅଭିଯୁକ୍ତମାନେ ତାଙ୍କୁ ନାମ ପଞ୍ଜୀକରଣ ପାଇଁ କହିଥିଲେ। ଏ ବାବଦରେ ୫ହଜାର ଟଙ୍କା ଦେବାକୁ କହିବାରୁ ଶିବମ୍ ଟଙ୍କା ଦେଇଥିଲେ। ଯେତେବେଳେ ଅଭିଯୋଗକାରୀ ଚାକିରିର ସମୟ ଏବଂ କର୍ତ୍ତବ୍ୟ ବିଷୟରେ ବିବରଣୀ ମାଗିଥିଲେ, ଅଭିଯୁକ୍ତମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ସନ୍ଦେହ ହେବାରୁ ଶିବମ୍ ଟଙ୍କା ଫେରସ୍ତ କରିବାକୁ ଅନୁରୋଧ କରିଥିଲେ। ଜବାବରେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷା ବ୍ୟବହାର କରି ଗାଳିଗୁଲଜ କରିଥିଲେ। ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏହାପରେ ଶିବମ୍ ଚାଉଳିଆଗଞ୍ଜ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ କ୍ୟାବିନ୍‌ରେ ଯାଇ ପଚରାଉଚରା କରିଥିଲା। ଏହାପରେ ସତ୍ୟ ଓ ସୁବାସିନୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଠକାମି ସମ୍ପର୍କରେ ୨ ଜଣ ସ୍ୱୀକାର କରିଥିଲେ। ଅନ୍ୟତମ ଅଭିଯୁକ୍ତ ଚନ୍ଦନ ସାହୁକୁ ଗିରଫ କରାଯାଇଥିଲା। ଏହି ଦଲାଲ ଗ୍ୟାଙ୍ଗ୍‌ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ଥାନୀୟ ଅଞ୍ଚଳରେ ଚଢ଼ଉ ଜାରି ରହିଥିବା ଥାନା ଆଇଆଇସି ଚିନ୍ତେଶ୍ୱର ମୁଣ୍ଡା ସୂଚନା ଦେଇଛନ୍ତି।

୧୬୭ତମ ସାତସାହି କଟକ ନୃତ୍ୟ ଉତ୍ସବ ନବମ ସନ୍ଧ୍ୟା

## ନାଚଗୀତ ସାଙ୍ଗକୁ ରୋଗୀଙ୍କୁ ସାହାଯ୍ୟ କରିବା ପ୍ରଶଂସନୀୟ



କଟକ,୨୪।୫(ସମିସ): କଟକ ନୃତ୍ୟ ଉତ୍ସବ କମିଟି ଜିଲ୍ଲା ପ୍ରଶାସନ ସିଏମସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡିଆରେ ଆୟୋଜିତ ୧୬୭ତମ ସାତସାହି କଟକ ନୃତ୍ୟ ଉତ୍ସବର ନବମ ସନ୍ଧ୍ୟାକୁ ବରିଷ୍ଠ ବିଜେପି ନେତା ତଥା ଶିକ୍ଷାବିତ ବିନୋଦ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବ ରାଜାବଗିଚାରୁ ବାଲିଯାତ୍ରାକୁ ଯାତ୍ରା ଅନେକ ବାର୍ତ୍ତା ଦେଉଛି। ବିଶେଷକରି ନାଚଗୀତ ସାଙ୍ଗକୁ ରୋଗରେ ପୀଡ଼ିତ ଶିଶୁଙ୍କୁ ଆର୍ଥିକ ସହାୟତାର ଏହି ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରି ନଳିନୀକାନ୍ତ ସାହୁ, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁ, ଲାଲବାଗ ଥାନା ଅଧିକାରୀ ସୁଧାଂଶୁ ଶେଖର ଜେନା, କ୍ୟାଣ୍ଟନମେଣ୍ଟ ଥାନାଧିକାରୀ ଯତୀନ୍ଦ୍ର ନାଥ ସେଠୀ, ବିଜେପି ନେତା ଲଲାଟେନ୍ଦୁ ବଡୁ, ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡାକ୍ତର ଖିରୋଦ ଚନ୍ଦ୍ର ନନ୍ଦ, ପ୍ରଫେସର ଡାକ୍ତର ସୁନୀଲ କୁମାର ଅଗ୍ରୱାଲାଙ୍କୁ ଜାତୀୟ ସେବା ରତ୍ନ, ବିଶିଷ୍ଟ ଶିଶୁ ରୋଗ ସର୍ଜନ ଡାକ୍ତର ମାନସ ରଞ୍ଜନ ଦାଶଙ୍କୁ ଓଡିଶା ସେବା ରତ୍ନ ଯୁବ ଆଇନଜୀବୀ ପ୍ରଭୁ ପସନ୍ନ ବେହେରାଙ୍କୁ ଓଡିଶା ଆଇନ ରତ୍ନ, ଶିଳ୍ପଦ୍ୟୋଗୀ ଅନୁପ ରାୟ ଙ୍କୁ ଓଡିଶା ଶିଳ୍ପ ରତ୍ନ ସଂମ୍ମାନ ବିଶିଷ୍ଟ ସାହିତ୍ୟିକା ଶୋଭାଗିନୀ ବେହେରା ଙ୍କୁ ଓଡିଶା ସାହିତ୍ୟ ରତ୍ନ ସଂମ୍ମାନ ଓ ମେଡେକ୍ସ ହସ୍ପିଟାଲକୁ ଓଡିଶା ହେଲଥ କେୟାର ଏକ୍ସିଲେନ୍ସ ସଂମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ସାଉଣ୍ଡ ପରିଚାଳନା ରେ ଥିବା ରିତେଶ ପଣ୍ଡା ଙ୍କୁ ମଧ ସଂମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ସଂଯୋଜିକା ବିବିତା ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ନୃତ୍ୟଙ୍ଗନା ଅନୁଷ୍ଠାନ ର ଓଡିଶୀ ନୃତ୍ୟରୁ ସାଂସ୍କୃତିକ ବିଚିତ୍ରା ଆରମ୍ଭ ହୋଇଥିଲା. ପରେ ପରେ ଶିବାଷ୍ଟ ଡ୍ୟାନ୍ସ ଏକାଡେମୀ, ନୃତ୍ୟାଞ୍ଜଳି ଡ୍ୟାନ୍ସ ଏକାଡେମୀ ଅନନ୍ୟା ଡ୍ୟାନ୍ସ ଗ୍ରୁପ ସ୍ୱସ୍ତିକ କଳାକେନ୍ଦ୍ର, ନଚନିଆ କଳା ପରିଷଦ, ନଟରାଜ ନୃତ୍ୟାଳୟ ଶୋଭନୀୟ ଶିକ୍ଷଶ୍ରମ ଓ ଲାସ୍ୟା ଡ୍ୟାନ୍ସ ଏକାଡେମୀ ଆକର୍ଷଣୀୟ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ। ଏହି ଅବସରରେ ଅନେକ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା। ସବିତା ମହାନ୍ତି ରଶ୍ମିରଂଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ, ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ, ସୁଶାନ୍ତ ପାତ୍ର, ସନ୍ଦୀପ ମିଶ୍ର ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ପ୍ରକାଶ ନାୟକ ମଞ୍ଚରେ ଉଦଘୋଷଣା ଶେଷ ରେ ସଦସ୍ୟ ସତ୍ୟପ୍ରସାଦ ବଳ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଡୋ କପ୍ ପ୍ରତିଯୋଗିତାରେ ଓଡ଼ିଶାକୁ ୧୯ଟି ପଦକ

କଟକ,୨୪।୫(ସମିସ): ୩ୟ ଜାତୀୟ କୁଡୋ କପ୍ ପ୍ରତିଯୋଗିତା ଓ ପ୍ରଶିକ୍ଷଣ ଶିବିର ମହାରାଷ୍ଟ୍ରର ପୁନେ ଫୁଲଗାଓଁର ନେତାଜୀ ସୁଭାଷଚନ୍ଦ୍ର ବୋଷ ବାଳକ ମିଲିଟାରୀ ବିଦ୍ୟାଳୟଠାରେ ଚଳିତ ମଇ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। 'କୁଡୋ ଆସୋସିଏସନ୍', ଓଡ଼ିଶା ତରଫରୁ ୨୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ସଫଳତାର ସହିତ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ବୈଶିଷ୍ଟା ସେନାପତି, ବୈଷ୍ଣବୀ ସେନାପତି, ଅନନ୍ୟା ମହାନ୍ତି, ସ୍ଥିତିପ୍ରଜ୍ଞା ନାୟକ ଓ ଆମେରା ସାଇନି ବାର୍ଲା 'ସ୍ୱର୍ଣ୍ଣ ପଦକ' ହାସଲ କରିଥିଲା ବେଳେ କୈବଲ୍ୟ ପଡ଼ିହାରୀ, ସ୍ୱସ୍ତିକା ମିଶ୍ର, ରାଜ ଅର୍ଜୁନ ମଲ୍ଲିକ, ରାଜେନ୍ଦ୍ର ଦଳେଇ, ଖୁସି ମୁଣ୍ଡା, ହିମାଂଶୁ ସେଠୀ ଓ ତ୍ରିଶା କୁମାରୀ ଚାନ୍ଦ 'ରୌପ୍ୟ ପଦକ' ଓ ମୈତ୍ରୀ ପିପ୍ପଲା, ସେଲିନା ପଟ୍ଟନାୟକ, ଶର୍ମିଷ୍ଠା ମିଶ୍ର, ସାଇଶ୍ରୀ ମହାନ୍ତି, ପ୍ରିସ୍‌କିଲା ନାଗ୍, ତ୍ରିଶାତ ମାର୍ଥା ଓ ମୃତ୍ୟୁଞ୍ଜୟ ସ୍ୱାଇଁ 'ବ୍ରୋଞ୍ଜ ପଦକ' ହାସଲ କରିଛନ୍ତି। 'କୁଡୋ ଆସୋସିଏସନ୍ ଅଫ୍ ଓଡ଼ିଶା'ର ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ପ୍ରତିଯୋଗୀଙ୍କ ନେତୃତ୍ୱ ନେଇଥିବା ବେଳେ ମୁକେଶ କୁମାର ନାୟକ, ଅଜୟ କୁମାର ବେହେରା ଓ ଅନିଲ୍ ବାର୍ଲା ସହପ୍ରଶିକ୍ଷକ ଏବଂ ମୃତ୍ୟୁଞ୍ଜୟ ଯାଦବ, ଅତିସ ଷଡ଼ଙ୍ଗୀ ଓ ବରଦା ପ୍ରସାଦ ଦାସ ରେଫରୀ ଓ ନର୍ମଦା ଗୁଇଁ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶିବାଶିଷ କର ଓ ମୁଖ୍ୟ ଉପଦେଷ୍ଟା ଡ. ବିଜୟାନନ୍ଦ ସିଂହ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।




## କାଞ୍ଜିଆହୁଦା ପରିଚାଳନା ଦାୟିତ୍ୱ ନେବ ମିଶନ ଶକ୍ତି ଗୋଷ୍ଠୀ



କଟକ,୨୪।୫(ସମିସ):


କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ବୁଲା ଗୋରୁଗାଈଙ୍କ ଉପଦ୍ରବ ନିତିଦିନିଆ ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ବିଭିନ୍ନ ଯୋଜନା ବିଫଳ ହୋଇଆସିଛି। ଏହି ଦୃଷ୍ଟିରୁ ମହାନଗର ନିଗମ ଏଣିକି ସ୍ୱୟଂ ସହାୟକ ଗୋଷ୍ଠୀ ହାତରେ ଏହି ବୁଲା ଗୋରୁଙ୍କ ଦାୟିତ୍ୱ ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି। ଏଥିପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ସହ ଟେଣ୍ଡର ଆହ୍ୱାନ ସକାଶେ ପ୍ରସ୍ତୁତି ଚାଲିଛି। ବିଭିନ୍ନ ସମୟରେ ବିଶେଷକରି ରାସ୍ତାଘାଟରେ ଗୋରୁଗାଈ, ଷଣ୍ଢ ଅବରୋଧ କରି ରଖୁଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଅନ୍ୟପଟରେ ଧରାଯାଉଥିବା ବୁଲା ଗୋରୁଙ୍କୁ ରଖିବା ପାଇଁ ଏକମାତ୍ର ସତୀଚୌରାସ୍ଥିତ କାଞ୍ଜିଆହୁଦା ଉପରେ ନିର୍ଭର କରିବାକୁ ପଡୁଛି। ଏଠାରେ ୭ଦିନର ରହଣି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅନେକ ସମୟରେ ପରିଚାଳନାଗତ ତ୍ରୁଟି ନେଇ ଅଭିଯୋଗ ଉଠୁଛି।

### ବୁଲା ଗୋରୁ ଉପଦ୍ରବ: ବର୍ଷକୁ ୪ ଲକ୍ଷ ଟଙ୍କା ଜରିମାନା

କଟକ ମହାନଗର ନିଗମର ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ପ୍ରଶାସନ ପକ୍ଷରୁ କାଞ୍ଜିଆହୁଦା ପରିଚାଳନା ଦାୟିତ୍ୱ ମିଶନଶକ୍ତି ଗୋଷ୍ଠୀ ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯିବା ପାଇଁ ଯୋଜନା କରାଯାଇଛି। ଏଥିପାଇଁ ବିଡ୍ ଆହ୍ୱାନ କରାଯାଇଛି। ଚଳିତ ମେ ମାସ ଶେଷ ସୁଦ୍ଧା ଏହା ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି। ନିର୍ଦ୍ଧାରିତ ସମୟରେ ଧାର୍ଯ୍ୟ ଜରିମାନା ପଇଠ କରି ଯଦି ଗୋରୁଗାଈ ମାଲିକ ସେମାନଙ୍କ ଗୋରୁ ନନେଲେ ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଗୋରୁଗାଈଙ୍କୁ ସହରର ୨୦ କିଲୋମିଟର ଦୂରରେ ଛାଡ଼ି ଦିଆଯିବ। ଟେଣ୍ଡର ଚୂଡ଼ାନ୍ତ ହେବା ପରେ ସିଏମସି ପକ୍ଷରୁ ସମ୍ପୃକ୍ତ ମିଶନଶକ୍ତି ଗୋଷ୍ଠୀ ସହ ଏକ ଏମଓୟୁ ସ୍ୱାକ୍ଷର ହେବ। କାଞ୍ଜିଆହୁଦାରେ ସୁପରଭାଇଜର, ସୁରକ୍ଷା କର୍ମୀ, ୱାର୍ଡର ଆଦି ନିଯୁକ୍ତ କରାଯିବ। ସେହିଭଳି ଏଠାରେ ରେଜିଷ୍ଟରରେ ଦୈନନ୍ଦିନ କାର୍ଯ୍ୟକଳାପ ଉଲ୍ଲେଖ କରାଯିବ ବୋଲି ସିଏମସି ସର୍ତ୍ତାରୋପ କରିଛି।


ଅନ୍ୟପକ୍ଷରେ, ବୁଲା ଗୋରୁଗାଈଙ୍କ ପାଇଁ ପୁଲିସର ଚିନ୍ତା ବଢ଼ିଛି। ମହାନଗର ନିଗମ ପକ୍ଷରୁ ନିୟମିତ ବୁଲା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ଛଡ଼ା ଯାଉଥିଲେ ମଧ ଏହି ଅଭିଯାନ ସେତେଟା ସଫଳ ହୋଇପାରୁନି। ମହାନଗର ନିଗମର ମୋଟ ୫୯ଟି ୱାର୍ଡ ରହିଥିବା ବେଳେ ଏଥିପାଇଁ ମାତ୍ର ଗୋଟିଏ ଗୋରୁଗାଈ ଧରା ଗାଡ଼ି ରହିଛି। ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ୫-୭ଟି ୱାର୍ଡ ପାଇଁ ଗୋଟିଏ ଗାଡିର ଆବଶ୍ୟକ ରହିଛି ହେଲେ ମହାନଗର ନିଗମର ବଡ଼ ଗାଡ଼ି ସମସ୍ତ ଗଳିକନ୍ଦିକୁ ପଶିପାରୁନାହିଁ। ଫଳରେ ଗୋରୁଗାଈଙ୍କ ଉପଦ୍ରବ କମୁନି। ସହରରେ ବୁଲା ଗୋରୁଙ୍କ ଉପଦ୍ରବ ନେଇ ହାଇକୋର୍ଟ ମଧ ରିପୋର୍ଟ ତଲବ କରିଥିବାର ନଜିର ରହିଛି।

ସୂଚନାନୁସାରେ, ଗତ ବର୍ଷକ ମଧ୍ୟରେ ଗୋରୁ ଗାଈ ମାଲିକଙ୍କଠାରୁ ୪ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇ ଗୋରୁଗାଈଙ୍କୁ ଛଡ଼ାଯାଉଛି। ସିଏମସି କର୍ତ୍ତୃପକ୍ଷଙ୍କ କହିବାନୁସାରେ, ଗୋରୁଗାଈଙ୍କୁ ଧରିବା ପାଇଁ ଦୁଇଟି ପର୍ଯ୍ୟାୟରେ ଅଭିଯାନ କରାଯାଉଛି। ପ୍ରତି ପର୍ଯ୍ୟାୟରେ ୭ ଜଣଙ୍କୁ ନିୟୋଜିତ କରାଯାଉଛି। ପ୍ରଥମ ପର୍ଯ୍ୟାୟ ସକାଳ ୭ଟାରୁ ଦିନ ୧୨ଟା ଓ ଦ୍ୱିତୀୟ ପର୍ଯ୍ୟାୟ ଦିନ ୨ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ହେଉଛି। ଜାତୀୟ ରାଜପଥରେ ବୁଲା ଗୋରୁଗାଈ ଅଧିକ ସଂଖ୍ୟାରେ ରାତ୍ରୀ ସମୟରେ ବୁଲିବା ଚିନ୍ତାର କାରଣ ପାଲଟିଛି ବୋଲି ପୁଲିସ ଅଧିକାରୀ କହିଛନ୍ତି। ସିଏମସି ବୁଲା ଗୋରୁଙ୍କୁ କାଁଭାଁ ନେଉଥିଲେ ମଧ ଷଣ୍ଢଗୁଡିକ କ୍ଷେତ୍ରରେ କିଛି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହେଉଛି।



# କାଠ କଣ୍ଢେଇ






ମୂଳ ମାଲାୟାଲମ୍: କାରୁର ନୀଳକଣ୍ଠ ପିଲ୍ଲାଇ

ଅନୁସୃଜନ : ଲଳିତ ମୋହନ ମିଶ୍ର


ଘର ଅଗଣାରେ ପହଞ୍ଚି ଜନଗଣନାକାରୀ ଉଚ୍ଚ ସ୍ୱରରେ ପଚାରିଲେ, "କେହି ଘରେ ଅଛନ୍ତି କି?" ନଡ଼ିଆ ପତ୍ର ଛାଇର ବାରଣ୍ଡାରୁ ଜଣେ ମହିଳା ଆସିଲେ।

ହାତରେ ଧରିଥିବା କାଗଜକୁ ଦେଖି ଆଗନ୍ତୁକ ଜଣକ ପଚାରିଲେ, "ଆମ୍ଭିନି କାହାର ନାମ? ମୋତେ କୁହ, ଏଠାରେ କିଏ କିଏ ରୁହନ୍ତି?"

-ଏବେ ତ ମୁଁ ହିଁ ଜଣେ । ମା' ଚମ୍ପା ଫୁଲ କାଟିବାକୁ ଯାଇଛି । ଭାଇ ମୂଲ ଲାଗିବାକୁ ଯାଇଛି।

- ଆମ୍ଭିନି କାହାର ନାମ ?

- ମା'ର ନାମ।

"ଓଃ , ଆମ୍ଭିନି ପୁରୁଷ ନୁହେଁ ? ଜଣେ ମହିଳା?" କହି ହସିଲେ ।

- ମୁଁ ଓ ମୋ ମାଆ ମହିଳା... ମୋ ଭାଇ ପୁରୁଷ।

- ବାପା ନାହାଁନ୍ତି କି?

- ମରିଗଲା...

- ତେବେ ଅମ୍ଭିନି ଜଣେ ବିଧବା?

- ଏବେ ସେ ବିଧବା... ।

ଆଗନ୍ତୁକ ଜଣକ, ଛୋଟ ବାରଣ୍ଡାରେ ପଡ଼ିଥିବା ଏକ ବେଞ୍ଚ ଉପରେ ବସିଲେ। ତା'ପରେ ସେ ଦେଉଥିବା ତଥ୍ୟଗୁଡ଼ିକ ଲେଖିବା ଆରମ୍ଭ କଲେ।

- ତୋର ନାମ ?

- ମୋର ନାଁ ନଳିନୀ । ସେ ସାମାନ୍ୟ ଲଜ୍ଜାରେ କହିଲା।

- ବୟସ ?

- ତେଇଶି...

- ବିବାହିତା କି...?

ସେ ଟିକିଏ ବିଚଳିତ ହୋଇଗଲା କହିଲା, "ତେର ନମ୍ବର ମିଲ୍‌ବାଲା ଘରେ ଜନଗଣନା ହେଲା କି?"

ସେଠାକାର ଜନଗଣନା ଅନ୍ୟ ଜଣେ ବ୍ୟକ୍ତି କରିବ। ଏବେ ତୁମେ ମୋତେ କୁହ "ତୁମର ସ୍ୱାମୀ ଅଛି ନା ନାହିଁ?"

"ହଁ ଅବା ନାହିଁ... ଯାହା ତୁମକୁ ଭଲ ଲାଗିବ ଲେଖିବ।" ସେ ଆନମନା ଭାବରେ କହିଲା। "ମୁଁ ଏ ପର୍ଯ୍ୟନ୍ତ ବିବାହ କରିନାହିଁ, କେବଳ ନିର୍ବନ୍ଧଘର ବା ରିଂଗ ସେରିମନୀ ହୋଇଛି।"

-ତାହା ହେଲେ ଅବିବାହିତ ଲେଖିବାକୁ ପଡ଼ିବ।

"ବିବାହ ତ ହୋଇଛି... ।" ଏହା କହି ମୁଣ୍ଡ କୁଣ୍ଡେଇବାକୁ ଲାଗିଲା....ତା' ମୁଣ୍ଡର ତୈଳବିହୀନ କେଶରାଶି ଖୋଲିଗଲା... ନିଜର ସୁନ୍ଦର ରୂପଲାବଣ୍ୟ...ମନ୍ତ୍ରମୁଗ୍ଧ କରି ଦେଇଥିଲା ସୁନ୍ଦର ପରିବେଶ।

- ମୋର ଜଣେ ସ୍ୱାମୀ ଅଛନ୍ତି... ଏବଂ ସେ ମୋର ନୁହଁନ୍ତି। ଛାଡ଼ି ଦେଇଛି ?

- ତା'ହେଲେ ତୁମେ ବିଭର୍ତ୍ତୁକା ଅଥବା ପତିବିହୀନା...?

- ଯଦି ସେ ମୋତେ ଛାଡ଼ି ଦେଇଛନ୍ତି, ତେବେ ସେ ପ୍ରତି ସପ୍ତାହରେ ମୋ ପାଖକୁ କାହିଁକି ତାଙ୍କର ଦୂତ ପଠାଉଛନ୍ତି ?

- ତୁମେ ତାକୁ ଛାଡ଼ି ଦେଇଥିବ...?

- ମୁଁ ତ ତାକୁ ଗ୍ରହଣ କରି ନଥିଲି, ଆଉ ଛାଡ଼ିବାର ପ୍ରଶ୍ନ କେଉଁଠୁ ଆସିଲା ? ଆପଣଙ୍କୁ ଯାହା ଭଲ ଲାଗୁଛି... ତାହା ଲେଖନ୍ତୁ। ତୁମକୁ ତ ସବୁକଥା ଜଣା...ତୁମେ ଅନୁଭବି।

- ମୁଁ ତୁମର ସ୍ୱାମୀଙ୍କ ବିଷୟରେ କ'ଣ ଜାଣେ ? ତୁମେ ଯାହା କହିବ, ମୁଁ ତାହା ଲେଖିବି । ସ୍ୱାମୀ ଅଛନ୍ତି, ଲେଖି ଦେବି ?

- ହଁ, ଏହା ଭଲ ହେବ ।

- ଏହି ରେଜିଷ୍ଟର ଭଲ ଓ ଖରାପ ଲେଖିବା ପାଇଁ ନୁହେଁ। ଯାହା ସତ୍ୟ ତାହା ଲେଖିବା ଦରକାର ।

- ମୁଁ ଯାହା କହିଲି, ତାହା ସତ୍ୟ।

- ଆଚ୍ଛା, ମୋତେ କୁହ ! ତୁମର ମାସିକ ରୋଜଗାର କେତେ ?

- ମୁଁ କୌଣସି କାମ କରେ ନାହିଁ।

- ତେବେ ଆୟ ନାହିଁ...ପରାବଲମ୍ବୀ...

- ଏକଥା କିଏ କହିଲା ?

- ଯେଉଁ ବ୍ୟକ୍ତିଙ୍କର ରୋଜଗାର ନାହିଁ, ସେ ଅନ୍ୟର ଆୟ ଉପରେ ବଞ୍ଚିବାକୁ ପଡ଼ିଥାଏ । ଆପଣଙ୍କର କୌଣସି ରୋଜଗାର ନାହିଁ ।

- ଖାଇବା ଓ ପିନ୍ଧିବା ପାଇଁ ଟଙ୍କା ଦରକାର । ସେ ଦେବାବାଲା ମା' ହୁଅନ୍ତୁ କି ଭାଇ, ତାଙ୍କର ଆଶ୍ରୟରେ ରହୁଅଛି ? ଠିକ୍ କଥା ନା...? ଆପଣ କୋର୍ଟରେ ପ୍ରଶ୍ନ ପଚାରିଲା ଭଳି ପ୍ରଶ୍ନ କରୁଛନ୍ତି ?

- ତୁମକୁ କେବେ କୋର୍ଟରେ ପଚରାଉଚରା କରାଯାଇଥିଲା କି ?

- ସେହି ବଦମାସ୍ ମଧ୍ୟ ତାହା କରିଥିଲା ।

- ପତି...? କ'ଣ, ସେ ତୁମର ସ୍ୱାମୀ !

- ମୋର ସ୍ୱାମୀ ନାହାଁନ୍ତି ବୋଲି ଲେଖି ଦିଅନ୍ତୁ। ଯଦି ତୁମେ ଚାହୁଁଛ, ତାଙ୍କ ପାଇଁ ମୁଁ ତୁମକୁ ଏକ ଉପହାର ଦେବି ।

- ତୁମର କିଛି ରୋଜଗାର ନାହିଁ...ନା...?

- ମୋର ରୋଜଗାର ଅଛି । ମୁଁ ପରାଶ୍ରୟରେ ବଞ୍ଚୁ ନଥିଲି । ମୋର ମାସିକ ରୋଜଗାର ପନ୍ଦର ଟଙ୍କା ।

- ଠିକ୍ ଅଛି । ତା'ହେଲେ ତୁମର ମଧ୍ୟ ଏକ ବୃତ୍ତି ଅଛି, ତାହା ମୋତେ କୁହ ?

- ଭଲ କଥା... ! ଏଇ ସରକାରକୁ କ'ଣ... କ'ଣ...ଜାଣିବା ଦରକାର ? ଗୋଟିଏ ବୃତ୍ତି ନୁହଁ, ଅନେକ ବୃତ୍ତି ରହିଛି...। ସେସବୁ କହିଦେବି...। ଲେଖିବା ପାଇଁ କାଗଜରେ ଜାଗା ଅଛି ତ...। ମୁଁ ଏହି ଘରେ ରୋଷେଇ କରୁଅଛି । ମୁଁ ଏହି ବାରଣ୍ଡାକୁ ଲିପା ପୋଛା କରିଅଛି । ଭଲ ଭାବରେ ଲିପା ପୋଛା କରିଅଛି । କେମିତି ଦର୍ପଣ ଭଳି ଚମକୁ ଅଛି? ମୋର ସ୍ୱାମୀ...ଓହୋ...! ସେ ତ ମୋର କିଏ ନୁହେଁ ! ସେ କହୁଥିଲେ, ମୋର ଗାଲ ଦର୍ପଣ ଆଗରେ ଚମକୁ ଅଛି, ତେଣୁ ଏହି ବାରଣ୍ଡାଟି ମୋର ଗାଲ ପରି।

ସେ ହସିଲେ, ଯେମିତି ସେ କିଛି ମଜାଳିଆ କଥା କହିଲେ ।

-ମୁଁ ଆପଣଙ୍କ ବୃତ୍ତି ବିଷୟରେ ଜାଣିବାକୁ ଚାହୁଁଛି । ଯାହା ତୁମକୁ କିଛି ରୋଜଗାର ଦେଇଥାଏ।

- ଯଦି ରୋଜଗାର ବୃତ୍ତି ନୁହେଁ, ତେବେ ଆପଣ କିଛି କାମ ଦେବେ କି ?

ବ୍ୟକ୍ତି ଜଣକ ଚାରିଆଡ଼କୁ ଚାହିଁଲା। ସେ କହିଲା, "ଯଦି କେହି ଘରକୁ ଆସନ୍ତି, ଶିଷ୍ଟାଚାର ପାଳନ କରିବା ଉଚିତ୍, ନୁହେଁ କି? ଲାଗୁଛି ଆପଣ ପାନ ଖାଇବା ଲୋକ।" ଏତିକି କହି ସେ କୋଠରି ଭିତରକୁ ଚାଲିଯାଇଥିଲା। କିଛି ସମୟ ପରେ ସେ ପାନ ଗୁଆ ଇତ୍ୟାଦି ନେଇ ଆସିଲା । ବ୍ୟକ୍ତି ଜଣକ ପାନ ଖାଇବାକୁ ଲାଗିଲା। ଏହା ହିଁ ପରେ ସେ ପୁଣି କୋଠରି ଭିତରକୁ ଯାଇ ତିନୋଟି କଣ୍ଢେଇ ଆଣି କହିଲା, "ଏହା ମୋର ବୃତ୍ତି। ଗୋଟିଏ କଣ୍ଢେଇ ତିଆରି କରିବାକୁ ମୋ ପାଇଁ ଗୋଟିଏ ଦିନ ଯଥେଷ୍ଟ।"

ଲୋକଟି କଣ୍ଢେଇ ଦେଖିଲା । ଏକ ବିଶେଷ ଶୈଳୀରେ ନିର୍ମିତ ସ୍ତ୍ରୀ ମୂର୍ତ୍ତି। ଲୋକଟି ଆଖି ବନ୍ଦ ନକରି ମୂର୍ତ୍ତିକୁ ଚାହିଁ ରହିଲା। ତା'ପରେ କହିଲା, ଚମତ୍କାର...। ଚାରିଜଣ ଯାକ ଏକାପରି...!

ସେ କହିଲା, "ତିନି ଦେଖିକରି ଚାରି ପରି ଲାଗିବା...ଅଦ୍ଭୁତ...ଆଶ୍ଚର୍ଯ୍ୟଜନକ।" ବ୍ୟକ୍ତି ଜଣକ କିଛି ଉତ୍ତର ଦେଲା ନାହିଁ।

-ଏଗୁଡ଼ିକ ଅତି ନିଖୁଣ ଭାବରେ ତିଆରି କରାଯାଇଛି? ଛାଞ୍ଚରେ ନୁହେଁ ତ... ଆମେ ଛାଞ୍ଚରେ କରିବୁ ନାହିଁ।

ତା'ହେଲେ ନିଶ୍ଚୟ ଏହାକୁ ଖୋଦେଇ କରି କରା ଯାଇଥିବ। ସମୁଦ୍ର ମନ୍ଥନରୁ ବାହାରି ଥିବା କ୍ଷୀରସାଗର ଲକ୍ଷ୍ମୀଙ୍କ ପରି ଦେଖାଯାଉଛନ୍ତି।

-ମୁଁ କ୍ଷୀରସାଗର ମନ୍ଥନରେ ଭାଗ ନେଇନଥିଲି। ସେଥିପାଇଁ ମୁଁ ଲକ୍ଷ୍ମୀଙ୍କୁ ଦେଖିନାହିଁ। ମୁଁ ତୁମକୁ ମୋର ବୃତ୍ତି ଦେଖାଇଥିଲି, ଏତିକି । ବାସ୍ତବରେ, ତୁମେ ତିନି ଜଣଙ୍କୁ ଦେଖି ଚାରି ଜଣ କାହିଁକି କହିଲ?

ଜଡ଼ ମୂର୍ତ୍ତି ତିନୋଟି, କିନ୍ତୁ ଏହାକୁ ସୃଷ୍ଟି କରିଥିବା ଚେତନ ଏକ। ଏହିପରି ସମୁଦାୟ ଚାରୋଟି। ଆଶ୍ଚର୍ଯ୍ୟର କଥା ହେଉଛି, ଚାରିଜଣ ଯାକ ସମାନ। ଅର୍ଥାତ୍ ଚେତନ ମଧ୍ୟ ଜଡ଼ ପରି ଜଣାପଡୁଛି। ଏହା ନା..., ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ତ ମୋର ଭାଗ୍ୟ । ତା'ର ଆଖି ଛଳଛଳ ହୋଇଗଲା। ଏହାପରେ ସେ କୋଠରି ଭିତରକୁ ଚାଲିଗଲା । ■


ଅରବିନ୍ଦ ନଗର, ନୟାଗଡ଼

ମୋ: ୯୪୩୭୯୮୫୮୬୬


## ପୁସ୍ତକ ପରିଚୟ

### ତାରଜାଲି ଓ ଅନ୍ୟାନ୍ୟ ଗଳ୍ପ

**ଶକ୍ତିପ୍ରଭା ମିଶ୍ର**



ପଶ୍ଚିମା ପବ୍ଲିକେଶନ୍ସ
୯୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୨୪
ମୂଲ୍ୟ: ୧୭୯ ଟଙ୍କା

ସାଧାରଣ କଥାଟିଏ ମଧ୍ୟ କହି ଜାଣିଲେ ସୁନ୍ଦର ଗପଟି ହୋଇଯାଏ। ସମାଜର ସାଧାରଣ ମଣିଷଟିଏ ପାଲଟି ଯାଏ ଗପର ଚରିତ୍ରଟିଏ। ଏମିତି କିଛି ସାଧାରଣ ଚରିତ୍ର ଶକ୍ତିପ୍ରଭା ମିଶ୍ରଙ୍କ 'ତାରଜାଲି ଓ ଅନ୍ୟାନ୍ୟ ଗପ' ପୁସ୍ତକର ଗପଗୁଡ଼ିକରେ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି। ଏହି ପୁସ୍ତକରେ ୧୯ଟି ଗପ ସଂକଳିତ ହୋଇଛି। ଏଥିରେ ସନ୍ନିବେଶିତ 'ଜହ୍ନରାତି', 'କଳ୍ପବଟ', 'ତାରଜାଲି', 'ଝିଅ ପାଇଁ', 'ଧୂଳିଖେଳ', 'ଶଙ୍ଖା ସିନ୍ଦୂର', 'ଚେନାଏ ଆକାଶ', 'ଏକାକୀ ମଣିଷ', 'ରାତିର ଆୟୁଷ', 'ସେଇ ଝିଅଟି', 'ଏମିତି ରାତି', 'ଧକ୍କା', 'ରାଧୁବାପା', 'ମିଶା ମିଶ୍ର', 'ଗୋଲାପଜାମୁ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଜହ୍ନ ଓ ଜହ୍ନରାତି କାହାକୁ ବା ଭଲ ନ ଲାଗେ! କିନ୍ତୁ ଏହି ଜହ୍ନ ଦିନେ କାହାର ସଂସାରକୁ ଉଜୁଡ଼ା ଦିଏ। ତେଣୁ ଜହ୍ନ ନାଁ ଶୁଣିଲେ, ପୁନେଇଁ ଜହ୍ନକୁ ଦେଖିଲେ ଜଣେ ନାରୀ ଦେହରେ କାଳେଣୀ ଲାଗିଯାଏ। ଏଭଳି ଏକ ନିଆରା କଥାକୁ ନେଇ 'ଜହ୍ନରାତି' ଗପର କାହାଣୀ ଗତିଶୀଳ ହୋଇଛି। ସେଭଳି ବିଶ୍ୱାସ ଉପରେ ସଂପର୍କର ମୂଳଦୁଆ ଛିଡ଼ା ହୋଇଥାଏ। କିନ୍ତୁ ବେଳେବେଳେ ଅନୈତିକ ସଂପର୍କ ଏଇ ବିଶ୍ୱାସକୁ ଭାଙ୍ଗି ଦେଇଥାଏ। 'ଗୋଲାପଜାମୁ' ଗପରେ ସୁମିତ୍ରାଙ୍କ ବିଶ୍ୱାସ କିଭଳି ଭାଙ୍ଗି ଯାଉଛି, ତାହା ଗାଳ୍ପିକା ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ସାମାଜିକ ବାସ୍ତବତା, ମାନବୀୟ ସଂପର୍କର ଚିତ୍ର ଏହି ପୁସ୍ତକର ଅନେକ ଗପରେ ପ୍ରତିଫଳିତ ହୋଇଛି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ପ୍ରିୟ ବାନ୍ଧବୀ ଓ ଅନ୍ୟାନ୍ୟ କବିତା

**ଶାନ୍ତନୁ କୁମାର ଦାସ**




କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍ ରୋଡ୍
ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ : ୨୦୨୨
ମୂଲ୍ୟ: ୨୦୦ ଟଙ୍କା

"ମରିନାହିଁ ପ୍ରିୟତମା/ ଏ ମନରୁ ତୁମସ୍ମୃତି/ ଏ ଦେହରୁ ତୁମ ଧୂପ/ ଏ ଆଖିରୁ ନିଭି ନାହିଁ/ ତମରି ସପନ/ ମରିନାହିଁ ପ୍ରିୟତମା/ ରୂପର ପୂଜାରୀ ତବ/ ଏବେ ବି ଶ୍ୟାମ ମନେ/ ବିନ୍ଦୁ ବିନ୍ଦୁ ପାପ ପ୍ରଲୋଭନ।" (ମରି ନାହିଁ ପ୍ରିୟତମା) ଭୁଲି ହୁଏ ନାହିଁ କେବେ ପ୍ରିୟତମା ସହିତ ବିତାଇଥିବା ପ୍ରତିଟି ମୁହୂର୍ତ୍ତ। ସେ ମୁହୂର୍ତ୍ତ ସବୁ ଅଭୁଲା, ଅପାସୋରା। ପ୍ରିୟ ବାନ୍ଧବୀ ସହିତ ବିତାଇ ଥିବା ଏଭଳି କିଛି ଅଭୁଲା ସ୍ମୃତିର ପ୍ରତିଛବି ପ୍ରତିଫଳିତ ହୋଇଛି ଶାନ୍ତନୁ କୁମାର ଦାସଙ୍କ 'ପ୍ରିୟତମା ଓ ଅନ୍ୟାନ୍ୟ କବିତା' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ସନ୍ନିବେଶିତ 'ପ୍ରିୟ ବାନ୍ଧବୀ', , 'ପ୍ରିୟ ବାନ୍ଧବୀ: ତମ ସହ ସାକ୍ଷାତ', 'ପ୍ରିୟ ବାନ୍ଧବୀ: ତୁମ ପ୍ରେମିକମାନେ', 'ପ୍ରିୟ ବାନ୍ଧବୀ: ତମ ଗାଁ', 'ପ୍ରିୟ ବାନ୍ଧବୀ: ତୁମ ଗାଁ ଜହ୍ନରାତି', 'ପ୍ରିୟ ବାନ୍ଧବୀ: ତମେ ଏକ ଅଭୁଲା ସ୍ମୃତି', 'ମରି ନାହିଁ ପ୍ରିୟତମା', 'ପ୍ରିୟ ସଖୀ', 'ବିରହୀ', 'ଆଗୋ ମଧୁଝରା', 'ପ୍ରଥମ ଚୁମ୍ବନ' ଆଦି କବିତାଗୁଡ଼ିକ ପ୍ରେମ, ପ୍ରଣୟ, ବିରହ, ସ୍ମୃତି, ଅନୁଭୂତି ଛଳଛଳ ଆବେଗରେ ସିକ୍ତ ହୋଇଛି। ପ୍ରିୟ ବାନ୍ଧବୀଙ୍କ ସ୍ମୃତି କବିଙ୍କୁ ମୋହାଚ୍ଛାନ୍ନ କରିଛି। ପ୍ରଣୟ ବିଭୋର କବିଙ୍କ କବିତାରେ ପ୍ରେମ, ବିରହ, ସ୍ୱପ୍ନ ଓ ସ୍ମୃତି ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି। ଏହି ପୁସ୍ତକର ଅଧିକାଂଶ କବିତା ପ୍ରେମ ଆଧାରିତ। ନିବିଡ଼ ପ୍ରଣୟାନୁଭବରେ ରସସିକ୍ତ ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ। ■


### ସ୍ରୋତସ୍ୱିନୀ

**କଲ୍ୟାଣୀ ସାସମଲ୍**



ବନଫୁଲ, ଭିଏସ୍ଏସ୍ ନଗର
ଭୁବନେଶ୍ୱର-୭୫୧୦୧୦
ପ୍ରଥମ ପ୍ରକାଶନ : ୨୦୨୫
ମୂଲ୍ୟ: ୧୭୫ ଟଙ୍କା


କଲ୍ୟାଣୀ ସାସମଲ୍‌ଙ୍କ କବିତା ପୁସ୍ତକ 'ସ୍ରୋତସ୍ୱିନୀ' ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୬୭ଟି କବିତା ସଂକଳିତ ହୋଇଛି। ପ୍ରତିଟି କବିତାର ଆବେଦନ ଭିନ୍ନ ଭିନ୍ନ। ସବୁ ବାଧାବିଘ୍ନକୁ ଅତିକ୍ରମ କରି ପ୍ରବାହିତ ହେବା ନଈର ଧର୍ମ। ସେହିପରି ମଣିଷ ମଧ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ଘାତପ୍ରତିଘାତକୁ ସାମ୍ନା କରି ସୁଖଦୁଃଖରେ ଜୀବନ ଅତିବାହିତ କରିଥାଏ। ଜୀବନର ଏଭଳି ବାସ୍ତବତାର ଚିତ୍ର କଲ୍ୟାଣୀ ସାସମଲ୍‌ଙ୍କ 'ସ୍ରୋତସ୍ୱିନୀ' ପୁସ୍ତକର କବିତାରେ ଚମତ୍କାର ଭାବେ ଉକୁଟି ଉଠିଛି। ଏହି ପୁସ୍ତକର 'ଜୀବନ', 'ଜୀବନ୍ତ ଶବ୍ଦପୁଞ୍ଜ', 'ଅପେକ୍ଷାରତ ଜୀବନ', 'ପ୍ରତିଛବି', 'ଅନ୍ୱେଷଣ', 'ଅବ୍ୟକ୍ତ ଆଲେଖ୍ୟ', 'ସ୍ୱପ୍ନ', 'ପ୍ରକୃତିର କୋଳ', 'କଥାକୁହା ଛବି', 'ଆମ ଜୀବନ', 'ଅସଜଡ଼ା ପୃଥିବୀ', 'ଜୀବନ ସ୍ରୋତ','ସ୍ରୋତସ୍ୱିନୀ' ଆଦି କବିତାଗୁଡ଼ିକରେ ଜୀବନର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି। ଜୀବନର ନାନା ଦୁଃଖ,ଯନ୍ତ୍ରଣା, ହର୍ଷ, ବିଷାଦ, ଦ୍ୱନ୍ଦ୍ୱ, ସଂଘାତର କଥା ବର୍ଣ୍ଣିତ ହୋଇଛି ଅନେକ କବିତାରେ। ସେହିପରି 'ପରିବାର', 'ମା', 'ତୁମେ ମୋ ସାଥିରେ ଅଛ', 'ବାପା', 'ବୋହୂ' ଆଦି କବିତାରେ ମାନବୀୟ ସମ୍ବନ୍ଧ ଓ ଭାବାବେଗ ପ୍ରସ୍ଫୁଟିତ ହୋଇଛି। ସେଭଳି 'କରାଳ ବେଦନା', 'ପ୍ରତାରଣା', 'ମାୟାବନ୍ଧନ', 'ଗୋଧୂଳି ଲଗ୍ନ', 'ମୋକ୍ଷ', 'ଭୁଲ୍ କାହାର', 'ସ୍ୱାଭିମାନ', 'ମଧୁରତମ ଶବ୍ଦ' ଆଦି କବିତା ମନଛୁଆଁ ହୋଇପାରିଛି। ସରଳ ଓ ବୋଧଗମ୍ୟ ଭାଷା, ନିବିଡ଼ ଅନୁଭବ କବିତାଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■




ମୂଳ କବିତା : କେ. ସଚ୍ଚିଦାନନ୍ଦନ

ଅନୁବାଦ : ସୂର୍ଯ୍ୟ ମିଶ୍ର


## ଗୁଡ଼ି



ସେ ଦିନ ଖୁବ୍ ଖରା ଥିଲା ଓ ବହୁଥିଲା ବି ପବନ
ତ ମୁଁ ଉଡ଼ାଇଦେଲି ଚାରିଟି ଗୁଡ଼ି।

ଲାଲ୍ ଗୁଡ଼ିଟି ଗଛ ଅଗରେ ପହଞ୍ଚି ଯାଇ
କଡ଼ ପାଲଟିଗଲା,
ଶାଗୁଆ ଗୁଡ଼ିଟି ଇନ୍ଦ୍ରଧନୁରୁ ଧୂଳି ଆଣି
ବର୍ଷା ହୋଇ ତଳକୁ ଖସିଲା
ନୀଳ ଗୁଡ଼ିଟି କାହିଁ କେତେ ଦୂର ଉଡ଼ିଲା
ଈଶ୍ୱରଙ୍କ ପତାକା ହେବାର ଆଶାରେ।

ମାତ୍ର ଧଳା ଗୁଡ଼ିଟିରେ
ସଇତାନ୍ ଗାରେଇଥିବା ଅକ୍ଷରଗୁଡ଼ିକ
ଚିହ୍ନିବା ଚେଷ୍ଟାରେ ମୁଁ
ବିତାଇ ଦେଲି ଅବଶିଷ୍ଟ ଜୀବନ। ■

## ତିନିଜଣ କବି



ପ୍ରତିଟି କବିତାରେ
ସବୁ କିଛି ସଂପନ୍ନ କରିବା ଚେଷ୍ଟା ହେତୁ
କେଉଁଥିରେ କିଛି ହିଁ କହିପାରିଲି ନାହିଁ।

ଆଜି ମୋର ଯାହା କହିବାକୁ ଥିଲା
ସେସବୁ ପରଦିନକୁ କହିବି ବୋଲି ଟାଳିଲି
ସେଦିନ କି ପରଦିନ ହିଁ
କହିପାରିଲି ନାହିଁ ସତକଥା।

ସବୁ ମଣିଷଙ୍କୁ ଦେଖି ହସିଲି,
ସେମାନଙ୍କୁ ପଶୁ କହିଲି,
ସେଥିପାଇଁ ମୁଁ ଏବେ ଉପହସିତ
ମଣିଷଙ୍କ ଦ୍ୱାରା, ପଶୁଙ୍କ ଦ୍ୱାରା।

ଆସନ୍ତାକାଲିର କବିମାନେ!
ଆମେମାନେ ଗତକାଲିର କବିମାନଙ୍କୁ
ଅନୁସରଣ କରି ଚାଲିଲୁ,
ସେପରି କରିବ ନାହିଁ ଆମକୁ। ■


ବି-୧୦୯, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର-୨


# ରିଚାର୍ଡ ବାଚ୍‌ଙ୍କ ଉପନ୍ୟାସରେ ଦାର୍ଶନିକ ଭାବ ସଂପଦ




ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ



ରିଚାର୍ଡ ଡେଭିଡ୍ ବାଚ୍ (ଜନ୍ମ ଜୁନ୍ ୨୩, ୧୯୩୬) ଜଣେ ସୁପ୍ରସିଦ୍ଧ ଆମେରିକୀୟ ଲେଖକ। ତାଙ୍କ ରଚିତ Illusion The Adventures of a Reluctant Messiah, The bridge across forever, One ପ୍ରଭୃତି ଉପନ୍ୟାସ ଗଭୀର ଦାର୍ଶନିକ ଭାବଧାରାର ସମୁଜ୍ଜ୍ୱଳ ପରିପ୍ରକାଶ । ତାଙ୍କର ବ୍ୟୋମ ଉଡ଼ାଣ ଭିତ୍ତିକ ଏକାଧିକ ଉପନ୍ୟାସ ବିଶ୍ୱବିଦିତ। ତନ୍ମଧ୍ୟରୁ 'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' (୧୯୭୦) ସବୁଠୁ ବେଶୀ ଲୋକପ୍ରିୟ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସଟି 'ମାକମିଲାନ ପବ୍ଲିଶର୍ସ' ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇଲା ଏକାଧିକ ପ୍ରକାଶକଙ୍କ ଦ୍ୱାରା ଅଗ୍ରାହ୍ୟ ହେବାପରେ। ଏହା ପ୍ରଥମେ Soaring ନାମକ ଆମେରିକାର ଏକ ପତ୍ରିକାରେ ପ୍ରକାଶ ପାଇ ବିପୁଳ ଜନାଦୃତି ଲାଭ କରିଥିଲା। ବହିଟି ପ୍ରକାଶ ପାଇବା ସମୟରେ ଚିତ୍ରକର ରସେଲ୍ ମୁନାସନ୍ ସିଗଲ୍ ପକ୍ଷୀର ଅନେକ ଚିତ୍ତାକର୍ଷକ ଚିତ୍ର ଆଙ୍କିଥିଲେ। ଯାହା ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ସଂଯୋଜିତ। ପ୍ରାୟ ଦଶହଜାର ଶବ୍ଦ ବିଶିଷ୍ଟ ଏହି କ୍ଷୁଦ୍ର ଉପନ୍ୟାସଟି ପ୍ରକାଶ ପାଇବାର ଅଳ୍ପଦିନ ମଧ୍ୟରେ ଏକ ମିଲିୟନରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇଥିଲା। ଏହା ତା'ର ଲୋକପ୍ରିୟତାର ନମୁନା। ବାଚ୍‌ଙ୍କ ଅଧିକାଂଶ ଉପନ୍ୟାସ ଆତ୍ମଜୀବନୀମୂଳକ ଏବଂ ଦାର୍ଶନିକ ଭାବ ସଂପଦରେ ପରିପୂର୍ଣ୍ଣ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ଚିତ୍ରକର ରସେଲ୍‌ଙ୍କ ଚିତ୍ରରେ ଜୋନାଥନ୍‌ର ଅସୀମ ଆକାଶରେ ଉଡ଼ାଣର ଦୃଶ୍ୟ ସଂଯୋଜିତ ହୋଇଛି। ଯେପରି ଭାବେ ରିଚାର୍ଡ ବାଚ୍ ତାଙ୍କର ଯାଦୁକରି ଶବ୍ଦ ବିନ୍ୟାସରେ ଜୋନାଥନ୍‌ଙ୍କୁ ଆଙ୍କିଛନ୍ତି। ଜୋନାଥନ୍‌ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଭରା ଉଡ଼ାଣ ରିଚାର୍ଡଙ୍କ ପ୍ରତିଟି ଶବ୍ଦ ଭିତରେ ଲାଭ କରିଛି ଦିବ୍ୟ ସୌନ୍ଦର୍ଯ୍ୟର ସ୍ନିଗ୍ଧ ଅଭିବ୍ୟକ୍ତି।

ବାସ୍ତବରେ ଏ କାହାଣୀ ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିଜ ସ୍ୱପ୍ନ ପଛରେ ଅନୁଧାବନ କରିପାରନ୍ତି। ଗତାନୁଗତିକ ଶୃଙ୍ଖଳା ବାହାରେ ଆପଣାର ନିଜସ୍ୱ ସ୍ୱପ୍ନ ପ୍ରଣୋଦିତ ନିୟମ ତିଆରି କରିପାରନ୍ତି ଓ ସେହି ଅନୁସାରେ ଆପଣା ମାର୍ଗରେ ବାଟ ଚାଲନ୍ତି। ସାରା ପୃଥିବୀରେ ଦଶନ୍ଧି ଦଶନ୍ଧି ବ୍ୟାପୀ ବହିଟି ନିୟୁତ ପାଠକଙ୍କ ହୃଦୟକୁ ସ୍ପର୍ଶ କରିଛି ଏହି କାରଣରୁ।

ସବୁ ସିଗଲ୍‌ମାନଙ୍କ ଜୀବନ ଖୁବ୍ ସାଧାସିଧା – ଖାଇବା ଓ ବଞ୍ଚିରହିବା। ଯେଉଁଠି ଉଡ଼ିବାର ଲକ୍ଷ୍ୟ ଥାଏ ଖାଦ୍ୟ ସଂଗ୍ରହ। ଖାଦ୍ୟ ଅନ୍ୱେଷଣକୁ ବାଦ୍ ଦେଲେ ଉଡ଼ିବା ଯେପରି ସେମାନଙ୍କ ପାଇଁ ଅର୍ଥହୀନ। ମାତ୍ର ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍ – ସେପରି ଏକ ସାଧାରଣ ସାମୁଦ୍ରିକ ପକ୍ଷୀ ନୁହେଁ। ତା' ପାଇଁ ଉଡ଼ିବା ହେଉଛି ଜୀବନ। (For him flying is life itself) ସିଗଲ୍‌ମାନଙ୍କ ସାଧାରଣ ଜୀବନ ଧାରାର ବୃତ୍ତ ଭିତରୁ ଜୋନାଥନ୍‌ର ଉଡ଼ାଣ ଏକ ଅସାଧାରଣ ସ୍ତର ଆଡ଼କୁ ଏବଂ ଏକ ଅନନ୍ୟ ଅଭୀପ୍ସା ଓ ଅସାଧାରଣ ଅନ୍ୱେଷାର ପ୍ରେମ ତା'ପାଇଁ ଆଣିଦେଇଛି ଯେଉଁ ସଫଳତା - ସ୍ୱପ୍ନର ସ୍ୱର୍ଗ ପଥରେ ଉଡ଼ି ବୁଲିବାର ନାନ୍ଦନିକ ପ୍ରେରଣା ଓ ଜିଜ୍ଞାସା ଫିଟାଇ ଦେଇଛି ତା' ଆଗରେ ଏକାଧିକ ସ୍ତରର ବାସ୍ତବତା –ଯାହା କି ସ୍ଥୂଳ ବାସ୍ତବତାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଅଲୌକିକ ସ୍ତର।




ଏଇ କାହାଣୀଟି ଆମ ଜୀବନକୁ ଏକ ଅସୀମ ଉଚ୍ଚତା ଆଡ଼କୁ ନେଇ ଯାଇପାରେ। ଆମ ଜୀବନରେ ଭରି ଦେଇପାରେ ବିରଳ ପ୍ରେରଣା। ଏପରିକି ଆମର ସ୍ୱପ୍ନ ସବୁ ଯଦି ଆମର ତଥାକଥିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଯାଉଥାଏ - ଅଥଚ ଏକ ତୁଙ୍ଗିମାକୁ ସ୍ପର୍ଶ କରିବାର ମହତ ଅଭୀପ୍ସା ତହିଁ ଭିତରେ ଭରି ରହିଥାଏ। ଆମେ ତେବେ ଅଟକି ଯିବା ନାହିଁ। ଜୋନାଥନ୍ ଆମ ଆଗରେ ଏକ ଜ୍ୱଳନ୍ତ ଉଦାହରଣ।

ଉଡ଼ାଣର ମେଟାଫର୍ ଭିତରେ ଜୋନାଥନ୍‌ର କାହାଣୀ ଆମକୁ ଏଇଆ କହେ ଯେ, ଆମେ ଯଦି ଆମ ସ୍ୱପ୍ନମାନଙ୍କୁ ଧରିବା ପାଇଁ ବ୍ୟାକୁଳ ହେବା ଓ ପକ୍ଷ ବିସ୍ତାରିବା ତେବେ ଅବଶ୍ୟ ଆମେ ମଧ୍ୟ ଜୋନାଥନ୍ ପରି ସେଇଭଳି ଅଲୌକିକ ସ୍ତରକୁ ଯାଇପାରିବା। ମାତ୍ର ଆମ ଅଭୀପ୍ସା ଜୋନାଥନ୍ ପରି ତୀବ୍ର ହେବା ଆବଶ୍ୟକ।

ଜୋନାଥନ୍ ଆକାଶରେ ଉଡୁ ଉଡୁ ଏପରି ଏକ ଉଚ୍ଚତାକୁ ଉଠି ଯାଇଛି – ଯେଉଁଠି ସେ ଦେଖିପାରୁଛି ଭିନ୍ନ କେତୋଟି ସିଗଲ୍‌ଙ୍କୁ। ସେଇଭଳି ଦୁଇଟି ସିଗଲ୍ ପକ୍ଷୀ ଜୋନାଥନ୍‌ଙ୍କୁ ସେହି ଅସୀମ ଉଚ୍ଚତାର ସ୍ତରକୁ ସ୍ୱାଗତ କରି ନେଇଛନ୍ତି। ଜୋନାଥନ୍ ସେଇଠି ଅନୁଭବ କଲା – ଏଇଟା ତେବେ ସ୍ୱର୍ଗ! ନିଜକୁ ନିରେଖି ଚାହିଁ ସେ ସ୍ମିତ ହାସ୍ୟ କଲା। ସ୍ୱର୍ଗର ମୁହୂର୍ତ୍ତମାନଙ୍କୁ ଅନୁଭବ କରିବାରେ ସେ ଲାଗିପଡ଼ିଲା। କାହାଣୀର ଦ୍ୱିତୀୟ ଭାଗରେ ଜୋନାଥନ୍‌ର ଉଡ଼ାଣର ଏପରି ଏକ ଚିତ୍ତାକର୍ଷକ ବର୍ଣ୍ଣନା ରହିଛି।

ଜୋନାଥନ୍ ଭୂପୃଷ୍ଠରୁ ଉଡ଼ି ଆସିଲାବେଳେ ମେଘମାଳାର ଊର୍ଦ୍ଧ୍ୱରେ ଏବଂ ଖୁବ୍ ଅନ୍ତରଙ୍ଗ ବାତାବରଣରେ ସେହି ଦୁଇ ବିଚକ୍ଷଣ ସିଗଲ୍‌ଙ୍କ ସହ ତା'ର ସାକ୍ଷାତ ହେଲା ଏବଂ ସେହି ମୁହୂର୍ତ୍ତରେ ସେ ଦେଖିଲା ଯେ ତା'ର ନିଜର ଶରୀର ଆଲୁଅାରେ ଉଚ୍ଛୁଳି ଉଠୁଛି ତାକୁ ସ୍ୱାଗତ କରି ନେଇଥିବା ସେହି ଦୁଇ ଅଲୌକିକ ସିଗଲ୍ ପକ୍ଷୀଙ୍କ ପରି। ସେହି ତରୁଣ ଜୋନାଥନ୍ ସିଗଲ୍ ସେଠାରେ ଥିଲା, ମାତ୍ର ତା'ର ଦୁଇ ସ୍ୱର୍ଣ୍ଣାଭ ଆଖିର ପଶ୍ଚାତରେ ତା'ର ଶରୀରର ଏକ ଆଲୋକିତ ରୂପାନ୍ତର ସମ୍ଭବ ହୋଇ ଯାଇଥିଲା।

ଜୋନାଥନ୍ ଅନୁଭବ କଲା, ପୃଥିବୀରେ ଯେଉଁଟା ଥିଲା ତା'ର ସବୁଠୁ ବେଶୀ ଦ୍ରୁତ ଉଡ଼ାଣ, ସେହି ଉଡ଼ାଣରୁ ଆହୁରି କେତେ ଅଧିକ ବେଗରେ ସେ ଉଡ଼ିପାରୁଥିଲା ଇଚ୍ଛା କଲାମାତ୍ରେ। ତା'ର ଦୁଇ ଡେଣାର ପର ସବୁ ସଫେଦ ଉଜ୍ଜ୍ୱଳ ହୋଇ ଚକ୍ ଚକ୍ କରୁଥିଲା ଓ ଭାରି ମାସୁମ ଲାଗୁଥିଲା। ତା'ର ସେହି ଡେଣା ଯୋଡ଼ିକ ରୁପା ରଙ୍ଗରେ ଯେପରି ଝଲସି ଉଠୁଥିଲା। ଜୋନାଥନ ଅନୁଭବ କଲା – ପୃଥିବୀ ଉପରେ ଉଡ଼ାଣର ଏକ ସୀମା ଥାଏ, ମାତ୍ର ସ୍ୱର୍ଗରେ ସେପରି ଉଡ଼ାଣର ସୀମା ନଥାଏ।

ସେଠି ସେହି ଆକାଶର ଏକ ଅଲୌକିକ ଇଲାକାରେ ମେଘଖଣ୍ଡକୁ ଡେଣାରେ ଆଡ଼େଇ ଦେଇ ତା'ର ସାଥୀ ପକ୍ଷୀଟି ଜୋନାଥନ୍‌କୁ କହିଲା – ହାପି ଲ୍ୟାଣ୍ଡିଙ୍ଗ ଜୋନାଥନ ଏବଂ କେଉଁଠି ସେ ପବନରେ ମିଳେଇ ଗଲା ତାହା ଜୋନାଥନ୍ ଜାଣିପାରିଲା ନାହିଁ। ସେଠି ସେ ଭିନ୍ନ ଆକାଶରେ ଏକ ସମୁଦ୍ର ଉପରେ ଉଡୁଥିଲା। ଜୋନାଥନ୍‌କୁ ଆଦୌ କ୍ଳାନ୍ତ ଲାଗୁନଥିଲା। କାରଣ ସେ ସ୍ତରଟି ଥିଲା କ୍ଳାନ୍ତିଠାରୁ ଊର୍ଦ୍ଧ୍ୱରେ। ଯନ୍ତ୍ରଣାଠୁ ଊର୍ଦ୍ଧ୍ୱରେ। ଜୋନାଥନ୍‌ର ଉଡ଼ାଣର ଏପରି ରୋମାଞ୍ଚକର ଅଭିଜ୍ଞତା ଚିତ୍ରିତ ହୋଇଛି ଉପନ୍ୟାସର ପ୍ରତିଟି ପୃଷ୍ଠାରେ। ■


ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟ, ଯାଜପୁର
ମୋ: ୯୪୩୯୦୪୦୯୩୭

## କୁଲାଇଲୋ ଅସ୍ଥିଶଲ୍ୟ ଚିକିତ୍ସକ ପ୍ରତାପରୁଦ୍ରଙ୍କ ବିୟୋଗ



ଆଠଗଡ଼,୨୪।୫(ସମିସ): ରାଜ୍ୟ ତଥା ରାଜ୍ୟ ବାହାରେ ଆୟୁର୍ବେଦିକ ଅସ୍ଥିଶଲ୍ୟ ଚିକିତ୍ସକ ଭାବେ ଖ୍ୟାତି ଅର୍ଜନ କରିଥିବା ଆଠଗଡ଼ ବ୍ଲକ୍ ଅନ୍ତର୍ଗତ କୁଲାଇଲୋସ୍ଥିତ ଅସ୍ଥିସେବା ସଦନର ମୁଖ୍ୟ ପରିଚାଳକ ପ୍ରତାପ ରୁଦ୍ର ବେଉରାୟ (ଦେବବାବୁ)ଙ୍କ ଶନିବାର ବିଳମ୍ବିତ ରାତିରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ପିତା ଅନନ୍ତ ବେଉରାଙ୍କଠାରୁ ଏହି ଚିକିତ୍ସା ଶାସ୍ତ୍ର ଶିକ୍ଷା ଲାଭ କରିଥିଲେ। ବନ ବିଭାଗରେ ଚାକିରି ସମୟରୁ ଏହି ଚିକିତ୍ସା ପାଇଁ ଆଗ୍ରହ ପ୍ରକାଶ କରିଥିବା ଦେବ ବାବୁ ଅବସର ପରେ ମଧ୍ୟ ଚିକିତ୍ସା ସେବାରେ ନିଜକୁ ନିୟୋଜିତ କରି ନିଜ ଗ୍ରାମ ଆଠଗଡ଼ ଥାନା ଅନ୍ତର୍ଗତ କୁଲାଇଲୋଠାରେ ଅନନ୍ତ ବେଉରା ଅସ୍ଥିଶଲ୍ୟ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ପ୍ରାୟ ୨ ବର୍ଷ ହେବ ବୟସାଧିକ ହେତୁ ସେ ଶଯ୍ୟାଶାୟୀ ଥିଲେ ମଧ୍ୟ ପୁତ୍ର ଓ ସହଯୋଗୀଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା। ଆଜି ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଆଠଗଡ଼ ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଜୟ ହିନ୍ଦ୍ ଯାତ୍ରାରେ ଯୋଗଦେବେ ସାଂସଦ ଦିପେନ୍ଦର ସିଂ ହୁଡା

ଭୁବନେଶ୍ୱର, ୨୪।୫(ସମିସ): ଆସନ୍ତା ୨୯ତାରିଖ ଦିନ ଅଖିଳ ଭାରତ ଜାତୀୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରଠାରେ ଜୟହିନ୍ଦ ଯାତ୍ରା ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ସାଂସଦ ଦିପେନ୍ଦର ସିଂ ହୁଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ସମସ୍ତ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ପିସିସିର କାର୍ଯ୍ୟକର୍ତ୍ତା, ବିଭାଗ, ଜିଲ୍ଲା ସଭାପତି, ପ୍ରକୋଷ୍ଠ, ବିଭାଗ ଓ ଛାମୁଆ ସଂଗଠନର ନେତୃବୃନ୍ଦ ଯୋଗଦେବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ ଦେଇଛନ୍ତି।

### ବେକାର ଯୁବପିଢ଼ିଙ୍କ ଉପରେ ଠକଙ୍କ ନଜର

# ୬ମାସରେ ୩ଶହରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୨୪।୫(ସମିସ): ଠକେଇ ପାଇଁ ରାଜ୍ୟରେ କାମ କରୁଛି ଏକ ବଡ଼ ରାକେଟ୍। ଏହି ରାକେଟ୍ ଟାର୍ଗେଟରେ ଏବେ ବେକାର ଯୁବପିଢ଼ି। ଯୁବପିଢ଼ି ଚାକିରି ଅନ୍ୱେଷଣରେ ଏଣେତେଣେ ବୁଲୁଥିବା ବେଳେ ଏହି ଠକଙ୍କ ହାବୁଡ଼ରେ ପଡି ଯାଉଛନ୍ତି। ଯୁବକମାନେ ଅନ୍‌ଲାଇନ୍‌ରେ ଚାକିରି ପାଇଁ ଆବେଦନ କରୁଥିବା ବେଳେ ଠକ ସେଥିରୁ ଫୋନ୍ ନମ୍ବର ପାଇ ସେମାନଙ୍କୁ ଯୋଗାଯୋଗ କରୁଛନ୍ତି। ପରେ ସେମାନଙ୍କୁ ସହଜରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେବା ପରେ ଆଉ ଧରାଛୁଆଁ ଦେଉନାହାନ୍ତି। ପ୍ରତିଦିନ ଏଭଳି ଠକେଇ ଘଟଣା ସାମ୍ନାକୁ ଆସୁଥିବା ବେଳେ ଗତ ୫ମାସରେ ୩ ଶହରୁ ଊର୍ଦ୍ଧ୍ୱ ଠକେଇ ମାମଲା ରୁଜୁ କରିଛି ରାଜ୍ୟ ପୁଲିସ।

ସେ ରେଲ୍‌ୱେ ଗ୍ରୁପ୍-ଡି'ରେ ଚାକିରି କରାଇ ଦେବାକୁ କହି ଆଶାୟୀଙ୍କଠାରୁ ଟଙ୍କା ଲୁଟି ନେଇଥିବା ଜଣେ ଠକକୁ ଆଜି ମୈତ୍ରୀବିହାର ପୁଲିସ ଗିରଫ କରିଛି। କଟକ ସାଇବର ଥାନା ପୁଲିସ ଏହିଭଳି ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ଠକକୁ କିଛି ଦିନ ତଳେ ଗିରଫ କରିଥିଲା। ଖୋର୍ଦ୍ଧା ପୁଲିସ ମଧ୍ୟ ଏକ ଠକ ରାକେଟ୍‌କୁ ଗିରଫ କରିଥିଲା। ସେମାନେ ନୌସେନାରେ ଚାକିରି ଦେବାକୁ କହି ଯୁବକଙ୍କଠାରୁ ଟଙ୍କା ଠକି ନେଉଥିଲେ। ଏଥିରେ ନୌସେନାର କିଛି ପୂର୍ବତନ ଅଧିକାରୀଙ୍କ ସଂପୃକ୍ତି ଥିବା ଜଣାପଡ଼ିଛି।

ବଡ଼ କଥା ହେଲା, ରାଜ୍ୟର ବିଭିନ୍ନ ଜିଲ୍ଲାରେ କନ୍‌ସଲ୍‌ଟାନ୍ସି ଠକେଇ ଅନୁଷ୍ଠାନଗୁଡ଼ିକ ଗଢ଼ି ଉଠୁଛି। ଉକ୍ତ ଠକେଇ ସଂସ୍ଥାଗୁଡ଼ିକ ଠକେଇ ପାଇଁ ଜାଲ ବିଛାଉଛନ୍ତି। ଗଳିକନ୍ଦିରେ ସେମାନେ ନକଲି ବିଜ୍ଞାପନର ପୋଷ୍ଟର ମାରି ଯୁବପିଢ଼ିଙ୍କୁ ଶିକାର କରୁଛନ୍ତି। କଲେଜ

**■ ବିନା ପଞ୍ଜୀକରଣରେ ରାତାରାତି ଖୋଲୁଛି ଅଫିସ୍**
**■ ପୁଲିସ ପାଖରେ ରହୁନି କନ୍‌ସଲ୍‌ଟାନ୍ସି ସଂସ୍ଥା ତଥ୍ୟ**

କାନ୍ଥବାଡ଼ଠାରୁ ଆରମ୍ଭ କରି ସରକାରୀ ଅଫିସ୍, ସବୁଠି ଛାଇଗଲାଣି ଏହି ଜାଲ୍ ବିଜ୍ଞାପନ ପୋଷ୍ଟର। ବିଶେଷକରି ସହରାଞ୍ଚଳରେ ଅଧିକମାତ୍ରାରେ ଚାକିରି ଆଳରେ ଠକେଇ ବଢ଼ୁଛି। କେତବେଳେ ପାର୍ଟ ଟାଇମ୍ ଚାକିରି ଯୋଗାଇ ଦେବାକୁ କହି ଠକୁଛନ୍ତି ତ, ଆଉ କେତବେଳେ ସରକାରୀ ଚାକିରି ଆଳରେ ଠକୁଛନ୍ତି। ବିଭିନ୍ନ ଜିଲ୍ଲାରୁ ମଧ୍ୟବିତ୍ତ ପରିବାରର ପିଲା ଆସି ସହରରେ ପାଠ ପଢୁଛନ୍ତି। ସେମାନଙ୍କୁ ଠକିବା ପାଇଁ ଏହି ଠକ ସଂସ୍ଥା ଟାର୍ଗେଟ କରୁଛନ୍ତି। ବିଜ୍ଞାପନ ଦେଖି କଲେଜ ପିଲା ଟଙ୍କା ରୋଜଗାର ଆଶାରେ କରି ଠକଙ୍କ ଜାଲରେ ଫସିଯାଉଛନ୍ତି। ସେମାନଙ୍କୁ ଚାକିରି ଦେବା ପୂର୍ବରୁ ଟଙ୍କା ମାଗି ନେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଚାକିରି ନ ଦେଇ ଅଫିସ୍ ବନ୍ଦ କରି ଚମ୍ପଟ ମାରୁଛନ୍ତି।


ସହରର ବିଭିନ୍ନ ଅଞ୍ଚଳରେ ଥିବା କନ୍‌ସଲଟାନ୍ସି ସଂସ୍ଥାଗୁଡ଼ିକ ଏଭଳି ଠକେଇ କରୁଛନ୍ତି। ଗତ ୧ ବର୍ଷରେ ଏଭଳି ସଂସ୍ଥା ନାମରେ ୫୦ଟି ମାମଲା ରୁଜୁ କରାଯାଇଛି। ଠକେଇ କରିବା ପାଇଁ ଏକାଧିକ ସଂସ୍ଥା ରାତାରାତି ଘର ଭଡ଼ା ନେଇ ଅଫିସ୍ ଖୋଲୁଛନ୍ତି। ସେମାନେ ବିନା ପଞ୍ଜିକରଣରେ ଏହି ନକଲି ଅଫିସ୍ ଖୋଲି ବିଭିନ୍ନ ଉପାୟରେ ଠକେଇ କରୁଛନ୍ତି। ରାଜଧାନୀରେ ହେଉଥିବା ଅଧିକାଂଶ ଠକେଇ କନ୍‌ସଲ୍‌ଟାନ୍ସି ସଂସ୍ଥା ଏବଂ ଘରୋଇ ସିକ୍ୟୁରିଟ୍ ସଂସ୍ଥା ଦ୍ୱାରା ହେଉଥିବା ଅଭିଯୋଗ ଆସୁଛି। ସେମାନେ ପିଲାଙ୍କୁ ଚାକିରି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। କିନ୍ତୁ ଏହି ଠକ ସଂସ୍ଥା ସଂପର୍କରେ ପୁଲିସ ନିକଟରେ କୌଣସି ତଥ୍ୟ ନଥିବାରୁ ସେମାନେ ସହଜରେ ଟଙ୍କା ଠକିବା ପରେ ଅଫିସ ବନ୍ଦ କରି ଫେରାର୍ ହୋଇଯାଉଛନ୍ତି।

## ହାତୀ ଶାବକର ମୃତଦେହ ଠାବ



ସମ୍ବଲପୁର,୨୩।୫(ସମିସ): ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ସଦର ବନାଞ୍ଚଳ ଯୁଯୁମୁରାର ମୁଣ୍ଡେର ନିକଟସ୍ଥ ସୁରଷୋବାଡ଼ି ଜଙ୍ଗଲରେ ଶନିବାର ସକାଳୁ ଏକ ହାତୀ ଶାବକର ମୃତଦେହ ଠାବ ହୋଇଛି। ଜଙ୍ଗଲରେ ହାତୀ ଶାବକର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟଲୋକେ ବନବିଭାଗକୁ ସୂଚନା ଦେଇଥିଲେ। ହାତୀ ଶାବକଟି ଗତ ଚାରି-ପାଞ୍ଚ ଦିନ ହେବ ଅସୁସ୍ଥ ହୋଇ ମା' ହାତୀ ସହ ବୁଲୁଥିବା ଲୋକେ କହୁଛନ୍ତି। ହାତୀ ଛୁଆର ବୟସ ଏକ ବର୍ଷରୁ କମ ହେବ ବୋଲି ଅନୁମାନ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ହାତୀ ଶାବକର ମୃତ୍ୟୁ ହେଲା ଓ ତାହାର କାରଣ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ଖବର ପାଇ ସଦର ବନାଞ୍ଚଳ ଅଧିକାରୀଙ୍କ ସହ ବନବିଭାଗର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ହାତୀ ଶାବକ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକ ସୂଚନା ଦେଇଛନ୍ତି।

## ବ୍ରାହ୍ମଣୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା



ରାଉରକେଲା,୨୪।୫(ସମିସ): ବ୍ରାହ୍ମଣୀ ନଦୀକୁ ଡେଇଁ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ, ରାଉରକେଲା ସେକ୍ଟର୍-୧୬ ଅଞ୍ଚଳର ୧୯ବର୍ଷୀୟ ଶୁଭମ୍ ପ୍ରଧାନ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, କୌଣସି କାରଣକୁ ନେଇ ହଠାତ୍ ଶୁଭମ୍ ଶୁକ୍ରବାର ରାତିରେ ଆତ୍ମହତ୍ୟା କରିବାକୁ ଯାଉଛି ବୋଲି କହି ଘରୁ ସ୍କୁଟି ନେଇ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ସନ୍ଧାନ ପାଇ ନଥିଲେ। ଏନେଇ ପୁଲିସ ନିକଟରେ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଶନିବାର ବେଦବ୍ୟାସ ମନ୍ଦିର ନିକଟରେ ସ୍କୁଟି ଥିବା ପୁଲିସ୍ ଜାଣିବାକୁ ପାଇଥିଲା। ଅଗ୍ନିଶମ କର୍ମଚାରୀ ବ୍ରାହ୍ମଣୀ ନଦୀରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ଘଣ୍ଟା ପରେ ଦାଣ୍ଡିଆପାଲି ଦେଇ ଯାଇଥିବା ନଦୀରୁ ଶୁଭମ୍‌ଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭମ୍ ୟୁଜିଆଇଇ କଲେଜର ଛାତ୍ର ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ଅବଶିଷ୍ଟାଂଶ

### ସଅଳ ଛୁଇଁଲା...

ସୂଚନାଯୋଗ୍ୟ, ଗତ ୫୦ ବର୍ଷ ମଧ୍ୟରେ ୧୯୯୦ ମସିହାରେ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଆକଳନର ୧୩ ଦିନ ପୂର୍ବରୁ ଅର୍ଥାତ୍ ସେହିବର୍ଷ ମେ' ୧୯ରେ ମୌସୁମୀ କେରଳ ଛୁଇଁଥିଲା। ୨୦୦୯ରେ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ମେ' ୨୩ ତାରିଖରେ କେରଳ ଉପକୂଳ ଛୁଇଁଥିଲା। ୧୬ ବର୍ଷ ପରେ ପୁଣି ଥରେ ମୌସୁମୀ କ୍ଷିପ୍ରଗତିରେ ଆସି ମେ' ୨୪ରେ କେରଳ ଛୁଇଁଛି। ଅନ୍ୟପକ୍ଷରେ କିଛି ଘଣ୍ଟା ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଏବଂ ତାମିଲନାଡୁ ଛୁଇଁବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁରେ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ମୌସୁମୀ ସକ୍ରିୟ ହେବା ସହିତ ସପ୍ତାହକ ମଧ୍ୟରେ ଏହା ଦକ୍ଷିଣ ଭାରତର ସମସ୍ତ ରାଜ୍ୟ ଏବଂ ଜୁନ୍ ୪ ସୁଦ୍ଧା ପୂର୍ବ ଏବଂ ମଧ୍ୟଭାଗ ଛୁଇଁବ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀ ଉପରେ ଏଲ୍-ନିନୋର ପ୍ରଭାବ ପଡ଼ିବାର ସମ୍ଭାବନା କମ୍ ବୋଲି କୁହାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ଏହା ମୌସୁମୀକୁ ଆହୁରି ସକ୍ରିୟ କରିବ। ମୌସୁମୀ ଆଗମନ ପୂର୍ବରୁ ଗତ ୧-୨ ଦିନ ଧରି ରାଜ୍ୟବାପୀ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଏହା ଆସନ୍ତା ୨୯ ତାରିଖ ଯାଏଁ ଲାଗି ରହିବ।

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗଞ୍ଜାମର ପାତ୍ରପୁରଠାରେ ସର୍ବାଧିକ ୧୧୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼, ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜ, ବଲାଙ୍ଗିର, କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକରେ ଭଲ ବର୍ଷା ହୋଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆସନ୍ତା ୩୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଆସନ୍ତାକାଲି ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, ବାଲେଶ୍ୱର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖରୁ ଝଡ଼ବର୍ଷାର ପ୍ରକୋପ ବଢ଼ିବାକୁ ଥିବାବେଳେ ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ତାପମାତ୍ରା ଅପରିବର୍ତ୍ତିତ ରହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

### ଧୋଇଗଲା ହାଟ...

ଜୋର୍‌ରେ ପବନ ସହ ବର୍ଷା ହୋଇଥିଲା। ବାଦଲ ଫଟା ବର୍ଷା ଯୋଗୁଁ ହାଟରେ ଜରି ପାଲ ଦେଇ ବ୍ୟବସାୟ କରୁଥିବା ବ୍ୟବସାୟୀ ଅସହାୟ ହୋଇ ପଡ଼ିଥିଲେ। ପବନରେ ଜରି ପାଲ ଉଡ଼ି ଯାଇ ବ୍ୟବସାୟୀଙ୍କ ଜିନିଷ ନଷ୍ଟ ହୋଇ ଯାଇଥିଲା। ହାଟରେ ବ୍ୟବସାୟୀ ବିକ୍ରି କରୁଥିବା ପରିବା, ଚପଲ ଭଳି ବିଭିନ୍ନ ଜିନିଷ ପତ୍ର ପାଣିରେ ଭାସିଯାଇଥିବା ଦେଖିବାକୁ ମିଳିଛି। ଅଚାନକ ବର୍ଷା ଯୋଗୁଁ ହାଟକୁ ଆସିଥିବା ଗ୍ରାହକ ମଧ୍ୟ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ଅଳ୍ପ ସମୟ ମଧ୍ୟରେ ଏତେ ପରିମାଣର ବର୍ଷା ଲମତାପୁଟରେ ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରବଳ ବର୍ଷାରେ ଜୟପୁର-ବିଶାଖାପାଟଣା ରାଜପଥ ଉପରେ ବର୍ଷା ଜଳ ଜମି ରହିବାରୁ କିଛି ସମୟ ପାଇଁ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଯୋଗୁଁ କ୍ଷୟକ୍ଷତିର କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇ ନଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ରିପୋର୍ଟ ମଗା ଯାଇଥିବା ସେ କହିଛନ୍ତି।

### 'ଟିମ୍ ଇଣ୍ଡିଆ' ହୋଇ...

କରିଛନ୍ତି। ଚଳିତ ବର୍ଷ ନିତି ଆୟୋଗର ସଂକଳ୍ପ ରାଜ୍ୟ ବିକାଶ ପାଇଁ ଉଦ୍ଦିଷ୍ଟ ରହିଛି। ରାଜ୍ୟମାନଙ୍କ ଦ୍ରୁତ ବିକାଶ ଦ୍ୱାରା ଦେଶର ସାମଗ୍ରିକ ବିକାଶ ସମ୍ଭବ ବୋଲି କୁହାଯାଇଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମିଳିତ ଉଦ୍ୟମରେ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାକୁ ହେଲେ ଏହି ପଦ୍ଧତିରେ କାର୍ଯ୍ୟ କରିବାକୁ ପଡ଼ିବ। ଏହି ଅବସରରେ ସେ ' ୱାନ ଷ୍ଟେଟ୍ : ୱାନ ଗ୍ଲୋବାଲ ଡେଷ୍ଟିନେସନ୍' ପାଇଁ ଆହ୍ୱାନ ଜଣାଇଛନ୍ତି। ପ୍ରତ୍ୟେକ ରାଜ୍ୟ ଆନ୍ତର୍ଜାତିକ ମାନର ଏକ ପର୍ଯ୍ୟଟନ ସ୍ଥଳ ବିକାଶ କରିବା ସହିତ ବିଭିନ୍ନ ସହରକୁ ବିକାଶ ଦୃଷ୍ଟିରୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରଖିବାକୁ ସେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କହିଛନ୍ତି। ଏହି ବୈଠକରେ ତିନି ରାଜ୍ୟକୁ ଛାଡି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ , କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ନିତି ଆୟୋଗ ଉପାଧ୍ୟକ୍ଷ ଉପସ୍ଥିତ ରହିଥିଲେ। ଅପରପକ୍ଷେ ନିତି ଆୟୋଗର ୧୦ ପରିଚାଳନା ପରିଷଦ ବୈଠକରେ ବିକଶିତ ଓଡ଼ିଶାର ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୨୦୩୬ ମସିହା ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରୁଛି। ସେହିପରି ୨୦୪୭ ସୁଦ୍ଧା ସ୍ୱାଧୀନ ଭାରତକୁ ୧୦୦ ବର୍ଷ ପୂର୍ତ୍ତି ହେଉଛି। ୨୦୩୬ ସୁଦ୍ଧା ଓଡ଼ିଶା ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟ ରଖିଛି। ଆସନ୍ତା ଜୁନ ୧୨ ତାରିଖରେ ରାଜ୍ୟରେ ବିଜେପି ନିଜ ସରକାରର ପ୍ରଥମ ବର୍ଷ ପୂରଣ କରୁଥିବା ବେଳେ ସେହିଦିନ ୨୦୩୬ ସମୃଦ୍ଧ ଓଡ଼ିଶାର ମୂଳଦୁଆ ପଡ଼ିବ। ୨୦୩୬ ସୁଦ୍ଧା ଏକ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଏହାର ଦୃଷ୍ଟିକୋଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ସରକାର ଏବଂ ଅନ୍ୟ ରାଜ୍ୟର ପ୍ରତ୍ୟେକ୍ଷ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି। ଭିଜନ ଡକ୍ୟୁମେଣ୍ଟ ପାଇଁ ପ୍ରାୟ ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତ ଗ୍ରହଣ କରାଯାଇଛି। ଆସନ୍ତା ୧୨ ତାରିଖରେ ଏହି ଭିଜନ ଡକ୍ୟୁମେଣ୍ଟର ଲୋକାର୍ପଣ ହେବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ କୃଷକଙ୍କ ଉନ୍ନତି ସହ ବିଶ୍ୱସ୍ତରୀୟ ରାସ୍ତା, ରେଳ ଏବଂ ବାୟୁ ଯୋଗାଯୋଗ ବ୍ୟବସ୍ଥାର ନିର୍ମାଣ ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷ ମଧ୍ୟରେ ରାଜ୍ୟ ସରକାର ନେଇଥିବା ପ୍ରମୁଖ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବତାରଣା କରିଥିଲେ।

### ଫରେଷ୍ଟ ଗାର୍ଡଙ୍କୁ...

ଦିନ ହେବ ଶିକାରୀମାନେ ଜନ୍ତୁ ଶିକାର କରୁଥିବା ନେଇ ବନ ବିଭାଗ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ଶୁକ୍ରବାର ରାତି ପ୍ରାୟ ୩ଟାରେ ହିନ୍ଦୋଳ ଏନ୍‌ଏସି ୱାର୍ଡ ନଂ ୧୪ ଅନ୍ତର୍ଗତ କଇଁ ଜଙ୍ଗଲ ମଧ୍ୟରେ ଥିବା ଏକ ବଗିଚା ଓ ଘରକୁ ବନ ବିଭାଗର ଏକ ଟିମ୍ ଘେରାଉ କରିଥିଲା। ଏହି ଟିମ୍‌ରେ ପ୍ରହଲ୍ଲାଦ ରହିଥିଲେ। ବନ କର୍ମଚାରୀମାନେ ସେଠାରେ କିଛି ଶିକାରୀଙ୍କୁ କାବୁ କରି ନେଇଥିବା ବେଳେ ଜଣେ ଶିକାରୀ ପ୍ରହଲ୍ଲାଦଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ପ୍ରହଲ୍ଲାଦଙ୍କ ପେଟରେ ବାଜିଥିଲା। ଗୁରୁତର ପ୍ରହଲ୍ଲାଦଙ୍କୁ ପ୍ରଥମେ ହିନ୍ଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରହଲ୍ଲାଦଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଆଜି ପ୍ରଚାରିତ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଖବର ପାଇ ଏସ୍‌ପି ଅଭିନବ ସୋନକର, ହିନ୍ଦୋଳ ଏସଡିପିଓ ଓ ଥାନାଧିକାରିଣୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ହିନ୍ଦୋଳ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍, ଅନୁସନ୍ଧାନୀ କୁକୁର ସହାୟତାରେ ଛାନଭିନ୍ କରିଥିଲା।



**ଗାର୍ଡ ଅଫ୍ ଅନର୍ ସହ ପ୍ରହଲ୍ଲାଦଙ୍କ ଶେଷକୃତ୍ୟ ସମ୍ପନ୍ନ**

**୩୦ ଲକ୍ଷର ଅନୁକମ୍ପା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଏହି ଘଟଣାରେ ହିନ୍ଦୋଳ ବନ ବିଭାଗ ୪ଜଣଙ୍କୁ ଗିରଫ କରି ହିନ୍ଦୋଳ ପୁଲିସ୍‌କୁ ହସ୍ତାନ୍ତର କରିଛି। ସେମାନେ ହେଲେ, ସ୍ଥାନୀୟ ତାଣ୍ଡିଚିରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ, ନରସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ଆଲୋକ, ଇଳିରିସିଙ୍ଗା ଅଞ୍ଚଳର ଶିବରାମ ପ୍ରଧାନ ଏବଂ ନରସିଂହପୁର କନ୍ଦାଲୁ ଗ୍ରାମର ସୁନୀଲ କୁମାର ଜେନା। ହିନ୍ଦୋଳ ପୁଲିସ୍ ଏ ସଂକ୍ରାନ୍ତରେ ୧୫୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପ୍ରହଲ୍ଲାଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ତାଙ୍କ ପରିବାରକୁ ୩୦ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବାକୁ ପିସିସିଏଫଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବ୍ୟବଚ୍ଛେଦ ପରେ ପ୍ରହଲ୍ଲାଦଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପିସିସିଏଫ୍, ଆରସିସିଏଫ, ଡିଏଫଓ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକରଙ୍କ ସମେତ ବହୁ ପଦାଧିକାରୀ ଏବଂ ଲୋକପ୍ରତିନିଧି ତାଙ୍କ ଶେଷ ଦର୍ଶନ କରିଥିଲେ। ଶେଷରେ ଗାଁ ଶ୍ମଶାନରେ ପ୍ରହଲ୍ଲାଦଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୦୯ରୁ ପ୍ରହଲ୍ଲାଦ ଫରେଷ୍ଟଗାର୍ଡ ଭାବେ ଯୋଗଦେଇ ଅନେକ ପ୍ରଶଂସା ସାଉଁଟିଥିଲେ। ଏପରିକି ବିଭାଗ ପକ୍ଷରୁ ତାଙ୍କୁ ଶ୍ରେଷ୍ଠ ବନକର୍ମଚାରୀ ଭାବେ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରହଲ୍ଲାଦଙ୍କ ଘରେ ତାଙ୍କର ବିଧବା ପତ୍ନୀଙ୍କ ସହ ୬ ବର୍ଷର ଝିଅ ରହିଛି। ଘଟଣାକୁ ନେଇ ଡିଏଫ୍‌ଓ ସୁମିତ କର ଗଭୀର ଶୋକ ପ୍ରକାଶ କରିଛନ୍ତି।


**ADMISSION NOTICE**
**ROURKELA LAW COLLEGE, ROURKELA**
(Affiliated to Madhusudan Law University & BCI. Accredited by NAAC)
Admission into 1st Semester of 3 years LL.B. Degree Course
(CBCS System) for the session 2025-2026

ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.

Application form will be available in the College Office from 8.30 A.M to 10.30 A.M from 26.05.2025 on payment of Rs. 500/- on cash by hand and Rs. 800/- by Registered Post or download from college website www.rourkelalawcollege.in and submit along with a Demand Draft of Rs. 500/-

In Campus Hostel available for Girls only.

For Admission Contact:- Mobile No.: 9439025508, 8249701300, 8249872894, 7992799527, 7606882907, 9937129994 and Mobile No.: 9337796064.

Sd/-
Principal

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**NOTICE**
By virtue of an affidavit sworn before The Notary Public, Keonjhar dated 02.05.2025, I, Lahari Munda, Address: At-Trilochanpur, Po-Nischintapur, Ps-Jhumpura, Dist-Keonjhar, Pin-758047, Odisha declare that I have changed my name from Pande Purty to Lahari Munda. Henceforth, I shall be known as Lahari Munda for all purposes.
LAHARI MUNDA

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Ipsita Sarangi , Address At- Hatpada Pada, Po/Ps- Titilagarh, Dist- Balangir, Odisha Pin- 767033 declare that I have changed my name from Sushree Ipsita Sarangi to Ipsita Sarangi. Henceforth, I shall be known as Ipsita Sarangi for all purposes.
Ipsita Sarangi

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-13, ତା.19.05.2025ରିଖ
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ସୁଇଚ ଡିପୋ ମଡ୍ୟୁଲ (UDM) ପାଇଁ ଇଣ୍ଟ୍ରାନେଟର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବରଗଡ଼, ରେଢ଼ାଖୋଲ, ସମ୍ବଲପୁର ସିଟୀ, ହେଙ୍ଗାଲି, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, ରୂପ୍ରା ରୋଡ୍, ମୁନିଗୁଡ଼ା, ଭବାନୀପାଟଣା, କଣ୍ଟାବାଞ୍ଜି, ଖରିଆର ରୋଡ୍ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିଆର ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ କେବଲନେଟ୍‌ର ବିସ୍ତାର।
ଟେଣ୍ଡର ମୂଲ୍ୟ: ₹ 68,30,702.89, ବିଡ୍ ସିକ୍ୟୁରିଟୀ: ₹ 1,36,600/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1100 ଘଣ୍ଟାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଦାଖଲ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ବାତିଲ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିଶିଷ୍ଟ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ (ଟେଲି), ସମ୍ବଲପୁର
PR-164/O/25-26

**AFFIDAVIT**
I, Alema Parween, W/o- Shaikh Riyazuddin, resident of Chandpur, Po/Ps-Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.-21/05/2025 that now onw-ards I shall be known as ALEMA BIBI for all future purposes.

**AFFIDAVIT**
I, Sraban Kumar Budankailu Subudhi, S/o- Purna Chandra Subudhi, resident of Flat No. B-904, Z1 Vyom Apartment, Nandankanan Road, Raghunathpur, Dist.-Khordha, Odisha- 751024 declare by this affidavit No. 69 dated 04.11.2024 that now onwards I shall be known as **SRABAN KUMAR SUBUDHI** for all future purposes.

**AFFIDAVIT**
By virtue of an affidavit No.6238, Dtd.19.05.2025 sworn before the Executive Magistrate, Balasore, I, Sasmita Parida, D/o. Tulasi Parida, At./Po.: Mirjapur, Ps.- Khaira, Dist. Balasore, Odisha, declare that in my Adhar vide no. 977696737445 and Enrollment No. 1092/10221/06604, my sister's photo i,e. Jharana Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
By virtue of an affidavit sworn before (Executive Magistrate) Koraput, 23-05-2025 I, Satyanarayan Jalli Banabharati Colony, Koraput declare that I have changed the name of my son from Santosh Jalli to Sandesh Kumar Jalli Henceforth,he shall be known as Sandesh Kumar Jalli for all purposes.
Satyanarayan Jalli

**AFFIDAVIT**
By virtue of an affidavit sworn before the Executive Magistrate, Baripada, Mayurbhanj; I Ramakanta Patra, S/O Gradadhara Patra, resident At-Dharampur, P.O - Brundabanachandrapur, P.S - Khunta, Dist - Mayurbhanj, Pin - 757087, declare that this affidavit no - 3371, dated - 23.05.2025.That I have changed my daughter's name from Gunman Patra to Gunjan Patra; henceforth, she shall be known as Gunjan Patra for all purposes.
Sd/- Ramakanta Patra

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Dingara Chhatara , Address At/Po-Ghantabahali, Ps- Titilagarh, Dist-Balangir, Odisha, Pin- 767033 declare that I have changed my daughter's name from Tapaswani Chhatar to Tapaswini Chhatar. Henceforth, she shall be known as Tapaswini Chhatar for all purposes.
Dingara Chhatara

**AFFIDAVIT**
By virtue of an affidavit sworn before Notary Public Titilagarh, dated 21/05/2025 I, Pabitra Majhi, Address At- Kharsel Pada, Po- Kuskela, Ps- Sindhekela, Dist-Balangir, Odisha, Pin- 767066 declare that I have changed my name from Krushna Chandra Majhi to Pabitra Majhi. Henceforth, I shall be known as Pabitra Majhi for all purposes.
Pabitra Majhi

**AFFIDAVIT**
By virtue of an affidavit No.6237, Dtd.19.05.2025 sworn before the Executive Magistrate, Balasore I, Jharana Parida, D/o.Murali Parida, At./Po.: Mirjapur, Ps.-Khaira, Dist. Balasore, Odisha, declare that in my Adhar vide no. 711281800140 and Enrollment No. 1092/20226/02244, my sister's photo i,e. Sasmita Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
By virtue of an affidavit sworn before Notary Public Titilagarh, dated 24/05/2025 I, Pradyumna Tandi, Address At/Po- Haldi, Ps-Muribahal, Dist- Balangir, Odisha, Pin- 767037 declare that I have changed my name from Nila Madhaba Tandi to Pradyumna Tandi. Henceforth, I shall be known as Pradyumna Tandi for all purposes.
Pradyumna Tandi

**AFFIDAVIT**
I, Kumar Aryan, S/O-Paiticheti Anjan Subudhi, resident of Plot No-70, Madhusudan Nagar, Unit-4, Ps- Kharavela Nagar, Bhubaneswar, Dist-Khordha, Odisha, Pin-751001 declared by this affidavit No. 1067, dtd. 24/05/2025 that now onwards I shall be known as **KUMAR ARYAN SUBUDHI** for all future purposes.

**AFFIDAVIT**
I, Priyadarsini Pattnaik, W/o- Sovan Pattnaik, resident of Plot No. PP-30, Pandav Nagar, Road No-4, PO- Badagada BRIT Colony, PS-Badagada, PIN- 751018, Odisha declared by this affidavit No. 951, dtd-30/04/2025 that now onwards I shall be known as **PRIYADARSINI DAS** for all future purposes.

## ନିଶ୍ଚିନ୍ତକୋଇଲିରେ ସବ୍‌ରେଜିଷ୍ଟ୍ରାର ଓ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ କେବେ ?

**ନିଶ୍ଚିନ୍ତକୋଇଲି, ୨୪।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ରାଜ୍ୟର ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବେ ପରିଗଣିତ ହେଉଛି । ଏହି ବ୍ଲକରେ ୪୧ଟି ପଞ୍ଚାୟତ । ହାରାହାରି ଦୁଇ ଲକ୍ଷ ଲୋକ ବସବାସ କରୁଛନ୍ତି । ପୂର୍ବରୁ ନିଶ୍ଚିନ୍ତକୋଇଲି ବ୍ଲକ ଓ ମାହାଙ୍ଗା ବ୍ଲକର ଲୋକମାନେ ସାଲେପୁର ତହସିଲ ଅଧୀନରେ ରହିଥିବା ବେଳେ ସାଲେପୁର ସବ୍‌ରେଜିଷ୍ଟ୍ରାର ଓ ସାଲେପୁର ସବଟ୍ରେଜେରୀ ଅଧୀନରେ ରହି ସେମାନଙ୍କ ସମସ୍ତ କାର୍ଯ୍ୟ କରିଆସୁଥିଲେ । କାଳକ୍ରମେ ମାହାଙ୍ଗା ବ୍ଲକରେ ନୂତନ ଭାବେ ତହସିଲ, ସବରେଜିଷ୍ଟର କାର୍ଯ୍ୟାଳୟ ଏବଂ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ବହୁ ବର୍ଷ ହେବ ଖୋଲାଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକରେ କେବଳ ନୂତନ ତହସିଲ କାର୍ଯ୍ୟାଳୟ ଖୋଲାଯାଇଥିଲା ବେଳେ ଆଜି ପର୍ଯ୍ୟନ୍ତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଏବଂ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ଖୋଲାଯାଇପାରିନାହିଁ । ଏହି ଦୁଇଟି କାର୍ଯ୍ୟାଳୟ ଖୋଲିବା ପାଇଁ ଦୀର୍ଘ ଦିନ ହେବ ବ୍ଲକ୍ ଅଞ୍ଚଳର ଲୋକମାନେ ଦାବି କରିଆସୁଥିଲେ ମଧ୍ୟ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି । ଫଳରେ ଲୋକମାନେ ସେମାନଙ୍କର ଜମିବାଡ଼ି ବିକ୍ରିବଟା କରିବା କିମ୍ବା ଜମିବାଡ଼ି ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ସାଲେପୁର ସବରେଜିଷ୍ଟର କାର୍ଯ୍ୟାଳୟକୁ ଯାଉଛନ୍ତି । ସେହିପରି ଟ୍ରେଜେରୀ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟ ଯଥା ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ପାଇବା ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଚାଲାଣ ପାଇଁ ମଧ୍ୟ ସାଲେପୁର ସବଟ୍ରେଜରୀ କାର୍ଯ୍ୟାଳୟକୁ ଯିବାକୁ ପଡୁଛି । ଯାହାଦ୍ୱାରା ଏ ଅଞ୍ଚଳ ବାସିନ୍ଦାମାନେ ଏସବୁ କାମ ପାଇଁ ସାଲେପୁର ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି । ନିଶ୍ଚିନ୍ତକୋଇଲିରେ କେବଳ ତହସିଲ କାର୍ଯ୍ୟାଳୟ ଖୋଲିଦେଇ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ନ ଖୋଲିବା ପଛରେ କି ଉଦ୍ଦେଶ୍ୟ ରହିଛି ସେନେଇ ପ୍ରଶ୍ନ ଉଠିଛି । ଲୋକମାନଙ୍କର ସୁବିଧା ଦୃଷ୍ଟିରୁ ନିଶ୍ଚିନ୍ତକୋଇଲିରେ ଏହି ଦୁଇ କାର୍ଯ୍ୟାଳୟ ଖୋଲିବା ନିତାନ୍ତ ଜରୁରୀ ବୋଲି ସାଧାରଣରେ ଆଲୋଚନା ହେଉଛି । ଆବଶ୍ୟକତା ଦୃଷ୍ଟିରୁ ଏହି ଦୁଇ କାର୍ଯ୍ୟାଳୟ ଖୋଲିବା ପାଇଁ ଏ ଅଞ୍ଚଳବାସୀ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିବା ବେଳେ ଏଥିପାଇଁ ପଦକ୍ଷେପ ନେବାକୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି ।

### ପ୍ରଧାନମନ୍ତ୍ରୀ ଆବାସ ଅପେକ୍ଷାରେ ଶତାଧିକ ହିତାଧିକାରୀ

## ସର୍ଭେ କାର୍ଯ୍ୟ ମନ୍ଥର; କାର୍ଯ୍ୟାଦେଶରେ ବିଳମ୍ବ

**ନିଶ୍ଚିନ୍ତକୋଇଲି,୨୪।୫(ସମିସ)**

ସରକାର ପରିବର୍ତ୍ତନ ହେବାର ପାଖାପାଖି ଏକ ବର୍ଷ ହୋଇଥିଲା ବେଳେ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ପାରିନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ କିମ୍ବା ଅନ୍ତ୍ୟୋଦୟ ଗୃହ ଯୋଜନା ହେଉ, ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ମୁଣ୍ଡ ଉପରେ ଛାତ ଘର ଯୋଗାଇ ଦେବା ଲକ୍ଷ୍ୟରେ ବର୍ତ୍ତମାନର ସରକାର କେବଳ ପ୍ରଚାର ଜୋରଦାର ଚଳାଇଛନ୍ତି । ହେଲେ ବର୍ତ୍ତମାନ ମଇ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଏହି ଦୁଇ ଯୋଜନାରେ ହିତାଧିକାରୀମାନେ ପକ୍କାଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ମିଳି ନଥିବା ଅଭିଯୋଗ ହେଉଛି । ସରକାର ବିଧବା ମହିଳା ଓ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଭାବେ ପକ୍କାଘର ଯୋଗାଇ ଦେବା ପାଇଁ ଉକ୍ତ ଗୃହ ଯୋଜନା ଆରମ୍ଭ କରିଛନ୍ତି । ଏହି ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀ ସାମିଲ ହେବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତରେ ସର୍ଭେ କାର୍ଯ୍ୟ ମଧ୍ୟ ଚାଲିଛି । ଏହି ସର୍ଭେ କାର୍ଯ୍ୟ ମେ ମାସ ୩୦ ତାରିଖରେ ଶେଷ ହେବା ପରେ ଯୋଗ୍ୟ ହିତାଧିକାରୀ ବଛାଯାଇ ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ।



ଏହି ବ୍ଲକ୍‌ରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୭ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ହେଲେ କାର୍ଯ୍ୟର ମନ୍ଥର ଗତି ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇ ପାରୁ ନଥିବା ବେଳେ କାର୍ଯ୍ୟାଦେଶ ବଣ୍ଟନ ପାଇଁ ବାଧା ଉପୁଜିଛି । ଏହାଛଡ଼ା ଗତ ଫେବୃୟାରୀରେ ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ସେମାନଙ୍କର ବ୍ୟାଙ୍କ୍ ଜମାଖାତାକୁ ଅଦ୍ୟାବଧି ଅର୍ଥ ଯୋଗାଇ ଦିଆଯାଇନାହିଁ । ବର୍ତ୍ତମାନ ମୌସୁମୀ ବର୍ଷା ଆସିବା ପାଇଁ ଆଉ କେଇ ଦିନ ବାକି ରହିଲା; ହେଲେ ହିତାଧିକାରୀଙ୍କୁ ମିଳିନାହିଁ ପକ୍କାଘର ନିର୍ମାଣର କାର୍ଯ୍ୟାଦେଶ । ଯଦି ବର୍ଷାଋତୁରେ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହାହେଲେ ଗୃହ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବ ଏବଂ କିପରି, କେଉଁଠାରେ ସେମାନେ ମୁଣ୍ଡ ଗୁଞ୍ଜିବେ ସେନେଇ ପ୍ରଶ୍ନ ଉଠିଛି । ଗୃହ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ ଇଟା, ବାଲି, ଗୋଡି, ସିମେଣ୍ଟ ଆଦି ନେବା ଆଣିବା କରିବାରେ ଅସୁବିଧା ଉପୁଜିବ । ବର୍ଷା ଲାଗି ରହିଲେ ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇପାରିବ ନାହିଁ ।

ସରକାରଙ୍କ ନିୟମାନୁଯାୟୀ, ହିତାଧିକାରୀ ଗୃହ ନିର୍ମାଣ କରିବାର ପ୍ରଥମ କିସ୍ତି ଅର୍ଥ ପାଇବାର ୧୨୦ ଦିନ ଭିତରେ ଯଦି ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରେ ତାହାହେଲେ ହିତାଧିକାରୀଙ୍କୁ ଅଧିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ସେହିପରି ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥ ପାଇବାର ୯୦ ଦିନ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବ ତାଙ୍କୁ ୨୦ ହଜାର ଟଙ୍କାର ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ହେଲେ ଜୁନ୍‌ମାସରେ ଯଦି କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହାହେଲେ ହିତାଧିକାରୀ ବର୍ଷା ଦିନରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିବ ନାହିଁ କିମ୍ବା ପ୍ରୋତ୍ସାହନ ରାଶି ବାବଦର ଅର୍ଥ ୧୦ ହଜାର ବା ୨୦ ହଜାର ଅର୍ଥ ରାଶି ପାଇପାରିବ ନାହିଁ । ସେନେଇ ହିତାଧିକାରୀମାନେ ଆଶା ଆଶଙ୍କାରେ ଅଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣର କାର୍ଯ୍ୟାଦେଶ ବଣ୍ଟନ କରିବାକୁ ସାଧାରଣରେ ଦାବି ହେଉଛି ।

## ରାସ୍ତାରେ ପୁଣି ଫସିଲା କଣ୍ଟେନର; ଘଣ୍ଟାଏ ଜାମ୍

**କଣ୍ଟାପଡା,୨୪।୫(ସମିସ):** ଫୁଲନଖରା-ନିଆଳି ରାଜ୍ୟ ରାଜପଥର ସୁନ୍ଦରଗ୍ରାମଠାରେ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା । ଶନିବାର ସଂକୁଚିତ ରାସ୍ତାରେ ଚାରିଚକିଆ କାରଗୁଡିକ ବୋଝେଇ କରି ବାହାର ରାଜ୍ୟରୁ ଆସିଥିବା ଏକ କଣ୍ଟେନର ଟ୍ରକ୍‌କୁ ଫସି ଯାଇଥିଲା । ଗାଡ଼ି ବୁଲାଇ କାର ଅନଲୋଡ କରିବା ପାଇଁ ଯାଉଥିବା ବେଳେ କଣ୍ଟେନର ଟ୍ରକର ସମ୍ମୁଖ ୬ଟି ଚକ ମାଟିରେ ଦବିଯିବାରୁ ସମ୍ପୂର୍ଣ୍ଣ କଣ୍ଟେନର ରାସ୍ତା ଉପରେ ରହି ଯାଇଥିଲା । ଫଳରେ ଏହି ରାଜପଥରେ ଦୀର୍ଘ ଏକ ଘଣ୍ଟା କାଳ ଯାତାୟାତ ବନ୍ଦ ହୋଇଯାଇଥିଲା । ଉଭୟ ପଟରୁ ଆସୁଥିବା ଶହଶହ ଯାନବାହନ ରାସ୍ତାରେ ଅଟକି ରହିଥିଲା । ତେବେ ଦୀର୍ଘ ସମୟ ପରେ ସ୍ଥାନୀୟ ଯୁବକଙ୍କ ଉଦ୍ୟମରେ ଗାଡ଼ିଟି ଫସିଥିବା ସ୍ଥାନରୁ ବାହାରି ପାରିଛି । ଏହି ସ୍ଥାନରେ ଆଜି ଘଟଣାକୁ ମିଶାଇ ଏପରି ପୂର୍ବରୁ ୩ ଥର ସମାନ ଘଟଣା ଘଟିଥିବାର ନଜିର ରହିଛି । କାର ଗୋଦାମ ମାଲିକ ଓ କର୍ମଚାରୀଙ୍କୁ ଅନ୍ୟ ଫାଙ୍କା ସ୍ଥାନରେ ଗାଡ଼ି ବୁଲାଇବା ଓ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରି ଅନଲୋଡ ନକରିବା ପାଇଁ ଏକାଧିକ ଥର ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ଜଣାଇବା ସତ୍ତ୍ୱେ ଗୋଦାମ ମାଲିକଙ୍କ ବେଖାତିର ମନୋଭାବ ଯୋଗୁଁ ଏଠାରେ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ମାନ ଘଟୁଛି । ଫଳସ୍ୱରୂପ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।





## ଭଡ଼ାରେ ଲାଗିଛି ବିଦ୍ୟାଳୟ ଗୃହ; ତଦନ୍ତ ଦାବି

**ଭଦ୍ରେଶ୍ୱର,୨୪।୫(ସମିସ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ ଝାଡେଶ୍ୱରପୁର(ଚିଙ୍ଗୁଡିଆମୁହଁ) ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ ଗୃହ ଦୀର୍ଘ ଦିନ ହେଲା ଜଣେ ଠିକାଦାରଙ୍କୁ ଭରା ସୂତ୍ରରେ ଦିଆଯାଇଥିବାର ଅଭିଯୋଗ ହୋଇଛି । ଚିଙ୍ଗୁଡିଆମୁହଁ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି । ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ଆବଶ୍ୟକ ଛାତ୍ରଛାତ୍ରୀ ନହେବା କାରଣରୁ ଏହି ବିଦ୍ୟାଳୟଟିକୁ ବନ୍ଦ କରି ଦିଆଯାଇଥିଲା । ଏହି ସରକାରୀ ଗୃହଟି କୌଣସି ମହତ କାର୍ଯ୍ୟରେ ବିନିଯୋଗ କରଯିବା ପରିବର୍ତ୍ତେ ଜଣେ ଠିକାଦାରଙ୍କୁ ଭଡା ସୂତ୍ରରେ ଦିଆଯାଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସରକାରୀ ଗୃହକୁ ଭଡ଼ା ଦିଆଯିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅପରପକ୍ଷରେ ଏହି ଭଡ଼ା ବାବଦ ଅର୍ଥ କାହା ପକେଟକୁ ଯାଉଛି ତାର ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି ।



## ଜଳିଗଲା ଦୁଇ ବଖରା



**ନରସିଂହପୁର, ୨୪।୫ (ସମିସ):** ନରସିଂହପୁର ତହସିଲ ଅନ୍ତର୍ଗତ ଫୁଲୁପଡା ପଞ୍ଚାୟତର ନୂଆପୁଲ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡରେ ସୁଜନ ବେହେରାଙ୍କ ଦୁଇ ବଖରା ଘର ଜଳିଯାଇଛି । ଅଗ୍ନିକାଣ୍ଡରେ ତାଙ୍କର ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି । ଏହି ଘଟଣା ସମ୍ପର୍କରେ ଖବର ପାଇ ନରସିଂହପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡ ବିଦ୍ୟୁତ ସର୍ଟସର୍କିଟରୁ ହୋଇଥିବା କୁହାଯାଇଛି । ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ

**ସାଲେପୁର,୨୪।୫(ସମିସ):** ଚଳିତ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଜପକୁଦଠାରେ ଥିବା ବିଦ୍ୟାର୍ଥୀ ଏକାଡେମୀ ପରିସରରେ ଓମ୍ ଶ୍ରୀରାମ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଅବତନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ରନାଥ ଶତପଥୀ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବତନ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ମିଶ୍ର, ସେକ୍ ସମସୁଦ୍ଦିନ, ଟ୍ରଷ୍ଟର ସଂପାଦକ ଅଧ୍ୟାପକ ରାମଚନ୍ଦ୍ର ପାଣି ପ୍ରମୁଖ ୧୧ଟି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ନିମନ୍ତେ ପାଠ୍ୟପୁସ୍ତକ ପ୍ରଦାନ କରିଥିଲେ । ସେହିପରି ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏକାଡେମୀର ମୁଖ୍ୟ ଜୟଦେବ ମହାରଣା ଓ ସହକର୍ମୀ ସୁଷମା ବେହୁରା ପ୍ରମୁଖ ସହଯୋଗ କରିଥିଲେ ।



## ଗୋ-ସମ୍ପଦ ବୀମା ଯୋଜନା ସଚେତନତା

**ନିଶ୍ଚିନ୍ତକୋଇଲି,୨୪।୫(ସମିସ):** କାମଧେନୁ ଯୋଜନାରେ ଗୋପାଳକମାନେ କିଭଳି ଅଧିକରୁ ଅଧିକ ଅନ୍ତର୍ଭୁକ୍ତ ହେବେ ଏବଂ ସେମାନଙ୍କ ଗୋ-ସମ୍ପଦ କିପରି ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ବଡ଼କ୍ଷୀରସ୍ଥିତ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଗୋପାଳକ ଚାଷୀ ତଥା ଦୁଗ୍ଧଚାଷୀମାନେ ମଧ୍ୟ ସେମାନଙ୍କ ଗାଈକୁ ସୁରକ୍ଷା ଦେବା ପାଇଁ ବୀମା କରିବା ନିମନ୍ତେ ଏକ ବୀମା ମେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ମୋଟ୍ ୩୦ଟି ଗାଈକୁ ବୀମାଭୁକ୍ତ କରାଯାଇଛି । ଏହି ବୀମାଭୁକ୍ତ କରିବାରେ ପ୍ରିମିୟମ୍ ଅର୍ଥ ୮୫ ଶତକଡ଼ା ସରକାର ଦେଉଥିବା ବେଳେ ଗୋପାଳକମାନେ ୧୫ ଶତକଡ଼ା ଅର୍ଥ ଦେଉଛନ୍ତି । ବଡ଼କ୍ଷୀରର ମା' ବିଂଶଭୂଜା ମହିଳା ସମବାୟ ସମିତି(ଓମ୍‌ଫେଡ଼) ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରତାପ କୁମାର ସିଂହ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ କୁମାର ବେଉରିଆ ଯୋଗ ଦେଇ ବୀମା ସଂକ୍ରାନ୍ତ ଗୋପାଳକଙ୍କୁ ସଚେତନ କରି ବୀମାପତ୍ର ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମାହାଙ୍ଗା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପରିଚାଳକ ବିପିନ କୁମାର ସେଠୀ, ଶାନ୍ତନୁ କୁମାର ଶତପଥୀ, ବୀମା ଏଜେଣ୍ଟ ରାଜୀବ ଲୋଚନ ଚାନ୍ଦ, ଗୋମିତ୍ର ମନୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସମିତିର ସଭାନେତ୍ରୀ ସୁଷମା ବେହେରା ଓ ନାରାନେତ୍ରୀ ଅମ୍ରିତା ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ଡ୍ରାଇଭରଙ୍କ ଏକାଦଶାହରେ ସଂଘର ସହାୟତା



ଟିଗିରିଆ, ୨୪।୫ (ସମିସ): ଟିଗିରିଆ ବ୍ଲକ ଡ୍ରାଇଭର ମହାସଂଘ ଅନ୍ତର୍ଗତ ପୁରୁଣା ଟିଗିରିଆ ପଞ୍ଚାୟତ ଡ୍ରାଇଭର ସଂଘର ସଦସ୍ୟ ମାଧବ ବେହେରାଙ୍କ ଏକାଦଶାହ ଅବସରରେ ଡ୍ରାଇଭର ମହାସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଟିଗିରିଆ ଡ୍ରାଇଭର ମହାସଂଘର ସଭାପତି ମନୋଜ କୁମାର ଭୁଜବଳ, ଉପସଭାପତି ଚନ୍ଦ୍ରଶେଖର ପତି, ସମ୍ପାଦକ ସୌମ୍ୟକାନ୍ତ ସାମଲ ଓ ସହସମ୍ପାଦକ ଅମୀୟ କୁମାର ସାହୁଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତ ସଙ୍ଘର ସଦସ୍ୟ ସ୍ୱର୍ଗତ ବେହେରାଙ୍କ ପୁରୁଣା ଟିଗିରିଆ ପଞ୍ଚାୟତସ୍ଥିତ ପାଇକିଆଁରା ଗ୍ରାମର ବାସଭବନରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ଏକ କ୍ୟାଣ୍ଡଲ ଶୋଭାଯାତ୍ରାରେ ସମସ୍ତ ସଦସ୍ୟ ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଡ୍ରାଇଭର ସଂଘର ସଦସ୍ୟଙ୍କ ତରଫରୁ ସ୍ୱର୍ଗତ ବେହେରାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ବେହେରାଙ୍କ ଫୁସଫୁସ ସଂକ୍ରମଣଜନିତ ରୋଗରେ ମୃତ୍ୟୁ ହୋଇଥିଲା ।

## ବାସୁକୀ କ୍ଷେତ୍ରର ବାର୍ଷିକ ଉତ୍ସବ ପ୍ରସ୍ତୁତି

**ସାଲେପୁର,୨୪।୫(ସମିସ):** ଚଳିତ ବର୍ଷ ବଟେଶ୍ୱର ଗ୍ରାମରେ ଥିବା ବାସୁକୀକ୍ଷେତ୍ରରେ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କବି ସଦାଶିବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାସ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଏହି ବାର୍ଷିକ ଉତ୍ସବ ପାଳନ କରାଯିବାପାଇଁ ସ୍ଥିର କରାଯାଇଥିଲା । ଏଥିରେ ଯଜ୍ଞ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହେବା ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୩ତାରିଖରେ ଅଙ୍କୁରାରୋପଣ, ୪ତାରିଖରେ କଳସ ଶୋଭାଯାତ୍ରା, ମଙ୍ଗଳା ଘଟାଧିବାସ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦିପୂଜା, ଯଜ୍ଞକର୍ମ ଆରମ୍ଭ ୭ତାରିଖ ଦିନ ଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ପାଇଁ ସ୍ଥିର କରାଯାଇଛି । ୫ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଦଧିବାମନଜୀଉଙ୍କ ଚନ୍ଦନ ଯାତ୍ରା ସମ୍ପନ୍ନ

**ନିଶ୍ଚିନ୍ତକୋଇଲି, ୨୪।୫(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଅସୁରେଶ୍ୱରସ୍ଥିତ ମହାପ୍ରଭୁ ଶ୍ରୀଦଧିବାମନଜୀଉଙ୍କ ଚନ୍ଦନ ଯାତ୍ରା ସମ୍ପନ୍ନ ହୋଇଛି । ପବିତ୍ର ଅକ୍ଷୟ ତୃତୀୟାଠାରୁ ଏହି ଯାତ୍ରା ଆରମ୍ଭ କରାଯାଇ ୨୧ ଦିନ ଧରି ଚାଲିବା ପରେ ୨୨ ଦିନରେ ହଳଦି ପାଣି କରାଯାଇ ଏହି ଯାତ୍ରାକୁ ଶେଷ କରାଯାଇଛି । ତହସିଲଦାର ଅନିତା ନାୟକଙ୍କ ତତ୍ତ୍ୱାବଧାନରେ ଦଧିବାମନଜୀଉଙ୍କ ଯାତ୍ରା ସଂକ୍ରାନ୍ତ ସମସ୍ତ ନୀତିକାନ୍ତି କରାଯାଇଥିଲା । ପ୍ରତ୍ୟେକ ଦିନ ଶ୍ରୀଜୀଉଙ୍କର ପୂଜା ପଣ୍ଡା ଓ ସେବାୟତଙ୍କ ଦ୍ୱାରା ଦଧିବାମନଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ମା' ଲକ୍ଷ୍ମୀଙ୍କୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ଚନ୍ଦନ ପୁଷ୍କରିଣୀରେ ଥିବା ବିଶ୍ରାମ ମନ୍ଦିରରୁ ଅଣାଯାଇ ଚନ୍ଦନଲାଗି ନୀତି କରାଯାଇଥିଲା । ପ୍ରଥମ ଦିନରେ ମହାପ୍ରଭୁଙ୍କୁ ନୌକାରେ ଅଧିଷ୍ଠିତ କରାଯାଇ ଏକଘେରା ଭଉଁରୀ ଖେଳା ଯାଇଥିବା ବେଳେ କ୍ରମଶଃ ଏହା ବଢି ବଢି ଶେଷ ଦିନରେ ୨୧ ଘେରା ନୌକାବିହାରରେ ଭଉଁରୀ ଯାତ୍ରା ହୋଇଥିଲା । ମହାପ୍ରଭୁ ନୌକାବିହାର କରିବା ସମୟରେ ପରିଚ୍ଛା ସେବକ ସୁବାସଚନ୍ଦ୍ର ମିଶ୍ର ଓ ପ୍ରବଚକ ବିଭୂତି ମହାରାଜ ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ କରାଯାଇଥିଲା । ଯାତ୍ରା ଶେଷରେ ଯଥାରୀତି ନୀତିକାନ୍ତି କରାଯାଇ ମହାପ୍ରଭୁଙ୍କୁ ରତ୍ନ ସିଂହାସନରେ ବିଜେ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରଫେସର ଦେବେନ୍ଦ୍ର ଖୁଣ୍ଟିଆ ଏବଂ ବିଜୟ କୁମାର ମିଶ୍ର ସଂଯୋଜନା କରିଥିଲେ ।



# ଯୁବକଙ୍କୁ ଛୁରାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଆଠଗଡ଼, ୨୪।୫ (ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ହରିଡ଼ାଗହୀର ଗ୍ରାମରେ ଘଟିଥିବା ଏକ ଛୁରାମାଡ଼ ଘଟଣାର ଅଭିଯୁକ୍ତକୁ ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ଅଭିଯୁକ୍ତ ଜଣକ ହେଲା ଆଠଗଡ଼ ଥାନା ଅନ୍ତର୍ଗତ ହରିଡାଗହିରର ଦାଶରଥୀ ମହାନ୍ତି (୨୩)। ସୂଚନା ଅନୁସାରେ, ହରିଡାଗହିର ଗାଁର ସୁରେଶ ମଲ୍ଲିକଙ୍କ ପୁଅ ମଧୁସୂଦନ (୨୮) ଋଣ କରାଇ ଦେବା ପାଇଁ ସେହି ଗାଁର ଜଣେ ଯୁବକଙ୍କୁ ଟଙ୍କା ଦେଇଥିଲେ। ତେବେ ଋଣ ନ ହେବାରୁ ମଧୁସୂଦନ ତାଙ୍କ ଟଙ୍କା ଫେରାଇ ଦେବା ପାଇଁ କହିବାରୁ ଦୁଇ ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଟଙ୍କା ନେଇଥିବା ସେହି ଗାଁର ଦାମୋଦର ମହାନ୍ତିଙ୍କ ପୁଅ ଦାଶରଥୀ ଏକ ଛୁରିରେ ମଧୁସୂଦନଙ୍କୁ ତିନିଥର ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପରିବାର ଲୋକ ପହଞ୍ଚି ମଧୁସୂଦନଙ୍କୁ ଉଦ୍ଧାର କରିବା ସହ ଆଠଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇଁ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଏନେଇ ସୁଷମା ମଲ୍ଲିକ ଗତ ୧୫ ତାରିଖରେ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ।



ଆଠଗଡ଼ ଥାନାରେ ପୁଲିସ ଅଭିଯୋଗର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲଣ କରିଥିବା ଆଇଆଇସି ସୁମତି ମହାନ୍ତି ପ୍ରକାଶ କରିଛନ୍ତି।

# ବିଜେପିର ୪ଟି ମଣ୍ଡଳ ସଭାପତି ନିଯୁକ୍ତ

କଟକ, ୨୪।୫(ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ କଟକ ଗ୍ରାମୀଣ ଜିଲ୍ଲାର ୪ଟି ମଣ୍ଡଳ ସଭାପତିଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଆଗାମୀ ଦିନରେ ସଙ୍ଗଠନ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏହି ମଣ୍ଡଳ ସଭାପତି ଚୟନ ସହାୟକ ହେବ। ସାଲେପୁର ମଣ୍ଡଳ ପାଇଁ ଅସିତକୁମାର ମହାନ୍ତି, ଆଠଗଡ଼ ନଗର ମଣ୍ଡଳ ପାଇଁ ଇଲା ପଣ୍ଡା, ନୂଆପାଟଣା ମଣ୍ଡଳ ପାଇଁ ଦିପୁନା ସେନାପତି, ଶଙ୍କରପୁର ମଣ୍ଡଳ ପାଇଁ ଯଯାତୀ ମହାରଣାଙ୍କୁ ନିୟୋଜିତ କରାଯାଇଛି।

# ୧୦ ଶିଶୁ ଜଣ୍ଡିସରେ ଆକ୍ରାନ୍ତ

## ବିଶୁଦ୍ଧ ପାନୀୟଜଳ ନମିଳିଲେ ଆନ୍ଦୋଳନ

ଟାଙ୍ଗୀ, ୨୪।୫(ସମିସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ମଦନମୋହନ ସାହିରେ ଏକକାଳୀନ ୧୦ ଜଣ ଶିଶୁ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଉକ୍ତ ଅଞ୍ଚଳରେ ଥିବା ସମସ୍ତ କୂପ ତଥା ନଳକୂପରେ ବ୍ଲିଚିଂ ପାଉଡର ପକାଯାଇଥିଲେ ହେଁ ବିଶୁଦ୍ଧ ପାନୀୟଜଳକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣ ଜନତାଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ୧୦ ବର୍ଷ ପୂର୍ବରୁ ଯେତିକି ନଳକୂପ ବସିଛି ସେତିକି। ନୂତନ ନଳକୂପ ପାଇଁ ଦାବି କରିଥିଲେ ମଧ ତାହା ହୋଇପାରିନାହିଁ। ଯେଉଁ ପୁରୁଣା ନଳକୂପ ବସିଛି ସେଗୁଡିକ ମରାମତି ନହେବା ଦ୍ୱାରା ବିଶୁଦ୍ଧ ପାନୀୟଜଳରୁ ବଞ୍ଚିତ ହେଉଛନ୍ତି ଟାଙ୍ଗୀବାସୀ। ଦୂଷିତ ପାଣି ପିଇ ଶିଶୁମାନେ ନାନା ରୋଗରେ ପୀଡିତ ହେଉଛନ୍ତି। ନୂତନ ନଳକୂପ ବସାଇବା ଓ ପୁରୁଣା ନଳକୂପ ମରାମତି ନିମନ୍ତେ ଟାଙ୍ଗୀ ସାଲେପୁର ବିଜେପି ନେତା ହିମାଂଶୁ କୁମାର ମହାନ୍ତି ଦାବି କରିଥିଲେ ହେଁ ବ୍ଲକ ପ୍ରଶାସନ ତାହାକୁ କର୍ଣ୍ଣପାତ କରି ନଥିବା ଜଣାପଡ଼ିଛି। ଏବେ ଜଣ୍ଡିସ ରୋଗ ବ୍ୟାପିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲିଚିଂ ପାଉଡର ପକାଉଥିବା ଦେଖିବାକୁ ମିଳିଛି। ଯଦି ଟାଙ୍ଗୀରେ ତୁରନ୍ତ ଜଣ୍ଡିସ ରୋଗର ନିରାକରଣ, ନୂଆ ନଳକୂପ ସ୍ଥାପନ ଓ ପୁରୁଣା ନଳକୂପ ମରାମତି କରା ନଯାଏ ଆଗାମୀ ଦିନରେ ବ୍ଲକକୁ ଅଚଳ କରିଦେବା ପାଇଁ ବିଜେପି ନେତା ଶ୍ରୀ ମହାନ୍ତି ଚେତାବନୀ ଦେଇଥିବା ଜଣାପଡ଼ିଛି।



## ୧୦ ବର୍ଷ ପରେ ନନ୍ଦନକାନନରେ ଉତ୍ସାହ

# ଘଡ଼ିଆଲ କୁମ୍ଭୀର ଅଣ୍ଡାରୁ ବାହାରିଲେ ୧୪ ଛୁଆ





ନନ୍ଦନକାନନ, ୨୪।୫(ସମିସ): ଦୀର୍ଘ ବର୍ଷ ବ୍ୟବଧାନ ପରେ ନନ୍ଦନକାନନରେ ଘଡ଼ିଆଲ କୁମ୍ଭୀର ଅଣ୍ଡାରୁ ଛୁଆ ଫୁଟିଛନ୍ତି। ଯାହାକୁ ନେଇ ନନ୍ଦନକାନନରେ ଘଡ଼ିଆଲ ପ୍ରଜାନନ କ୍ଷେତ୍ରରେ ବିଗତ ୧୦ବର୍ଷ ହେବ ଲାଗିରହିଥିବା ଘଡ଼ିଆଲ ଅଣ୍ଡାରୁ ଛୁଆ ନ ଫୁଟିବାର ଆଶଙ୍କା ଦୂର ହୋଇଛି। ରାଜସ୍ଥାନ ଜୟପୁରରୁ ଆସିଥିବା ୧୪ଟି ଘଡ଼ିଆଲ କୁମ୍ଭୀର ଅଣ୍ଡାରୁ ୧୪ଟି ଛୁଆ ଫୁଟିଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଠାରୁ ଜାଣିବାକୁ ମିଳିଛି।

କୁମ୍ଭୀର ପ୍ରଜାନନ, ବଂଶ ବୃଦ୍ଧି ଓ ସୁରକ୍ଷା କ୍ଷେତ୍ରରେ ନନ୍ଦନକାନନ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଥିଲା। ହେଲେ ଏଥିରେ ଗତ ୧୦ବର୍ଷ ହେବ ନନ୍ଦନକାନନରେ ଘଡ଼ିଆଲ କୁମ୍ଭୀର ଅଣ୍ଡାରୁ ଆଉ ଛୁଆ ହୋଇ ନ ଥିଲା। ଯାହା ଏହି କ୍ଷେତ୍ରରେ ମରୁଡ଼ି ସୃଷ୍ଟି ହେଲା ଭଳି ଅବସ୍ଥା ହୋଇଥିଲା। ଏନେଇ ବହୁ ଚିନ୍ତା ପ୍ରକାଶ ପାଇଥିଲା। ସେ ନେଇ ୨୦୧୭ବର୍ଷରେ ୪ଟି ଅଣ୍ଡିରା ଘଡ଼ିଆଲ କୁମ୍ଭୀରକୁ ଲକ୍ଷ୍ନୌରୁ ନନ୍ଦନକାନନକୁ ଅଣାଯାଇଥିଲା। ହେଲେ ଏମାନଙ୍କ ଦ୍ୱାରା ବି ଘଡ଼ିଆଲ ବଂଶ ବୃଦ୍ଧି ହୋଇଥିଲା। ୨୦୨୧ରେ ରାଜସ୍ଥାନ ଜୟପୁରରୁ ୨ଟି ଅଣ୍ଡିରା ଘଡ଼ିଆଲ କୁମ୍ଭୀର ଆସିଥିଲା। ସେଥିମଧ୍ୟରୁ ଗୋଟିଏ କୁମ୍ଭୀରର ମିଳନରୁ ମାଈ ଘଡ଼ିଆଲ ଅଣ୍ଡା ଦେଇ ମାଟିରେ ପୋତିଥିଲା। ଶନିବାର ଯନ୍ତୁ ରକ୍ଷକ କୁମ୍ଭୀର ପ୍ରଜାନନ କେନ୍ଦ୍ରକୁ ଯାଇଥିବା ବେଳେ କିଛି ଘଡ଼ିଆଲ କୁମ୍ଭୀର ଛୁଆ ପ୍ରଜାନନ କେନ୍ଦ୍ର ଜଳାଶୟରେ ପାଣିରେ ପହଁରୁ ଥିବା ଦେଖିଥିଲେ। ଏନେଇ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ଅଧିକାରୀ ମାନେ ପହଞ୍ଚି ଦେଖିଲା ବେଳକୁ ୫ଟି ଘଡ଼ିଆଲ କୁମ୍ଭୀର ଛୁଆ ପାଣିରେ ପହଁରୁ ଥିବା ଦେଖିଥିଲେ। ପରେ ଅଣ୍ଡାରୁ ଆହୁରି ଛୁଆ ଫୁଟିଥିବା ନେଇ ଆଶାକରି ମାଟି ତାଡ଼ି ଖୋଜିଥିଲେ। ଖବର ଲେଖା ହେଲା ବେଳକୁ ସମୁଦାୟ ୧୪ଟି ଘଡ଼ିଆଲ ଛୁଆଙ୍କୁ ଆଣି ସ୍ୱତନ୍ତ୍ର ଭାବରେ ରଖିଥିବା ଜାଣିବାକୁ ମିଳିଛି। ଆହୁରି ଛୁଆ ଫୁଟିଥିବା ନେଇ ଆଶା କରାଯାଉଛି ବୋଲି ଉପ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଅଧିକାରୀ ପ୍ରକାଶ କରିଛନ୍ତି।

# କମଙ୍ଗରେ ହାତୀ ଉତ୍ପାତ

ଟାଙ୍ଗୀ, ୨୪।୫(ସମିସ): ଟାଙ୍ଗୀ ଅଞ୍ଚଳରେ ଗୋଟିକିଆ ହାତୀର ଉତ୍ପାତ ବଢ଼ିବାରେ ଲାଗିଛି। ରାତ୍ରି ସମୟରେ ହାତୀ ଉପଦ୍ରବ ବୃଦ୍ଧିରେ ଜନସାଧାରଣ ଅତିଷ୍ଠ ଥିବାବେଳେ ଏବେ ଦିନ ସମୟରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମରେ। ପ୍ରଶାନ୍ତ କୁମାର ବସ୍ତିଆଙ୍କ ବାଡିରେ ଶୁକ୍ରବାର ପୂର୍ବାହ୍ନରେ ଉକ୍ତ ହାତୀ ପଶି ଗଛଗୁଡ଼ିକ ନଷ୍ଟ କରିବା ସହ ଘର ପାଖକୁ ପଳାଇ ଆସିଥିବା ଜଣାପଡ଼ିଛି। ଏଭଳି ସମସ୍ୟା ଯଦି ଲାଗି ରହେ ଜନସାଧାରଣ ରାସ୍ତାରେ ଯିବା ଆସିବା କଷ୍ଟକର ହୋଇପଡ଼ିବ। ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଉକ୍ତ ହାତକୁ ଅଭୟାରଣ୍ୟରେ ଛାଡ଼ିବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ବିଶ୍ୱନାଥ ସାହୁଙ୍କ ଅକାଳ ବିୟୋଗରେ ଶୋକସଭା



କଟକ, ୨୪।୫(ସମିସ): ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିର ପୂର୍ବତନ ଉପସଭାପତି ତଥା ଖାନନଗର ତୈଳିକ ବୈଶ୍ୟ ସମାଜର ଉପଦେଷ୍ଟା ବିଶ୍ୱନାଥ ସାହୁଙ୍କ ଅକାଳ ବିୟୋଗ ଘଟିଛି। ଖାନନଗର ତୈଳିକ ବୈଶ୍ୟ ସମାଜ ତରଫରୁ ଏକ ଶୋକସଭା ଆଜି ସନ୍ଧ୍ୟାରେ ଗ୍ରାମଦେବୀ ରଣା ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଖାନନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ତୈଳିକ ବୈଶ୍ୟ ସମାଜର ସାଧାରଣ ସମ୍ପାଦକ ଲଳିତ ମୋହନ ସାହୁ, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ସାହୁ, ଉପ ସଭାପତି ସୋମନାଥ ସାହୁ, ସଂଗଠନ ସମ୍ପାଦକ ଦେବାଶିଷ ସାହୁ, ଯୁଗ୍ମ ସମ୍ପାଦକ ଇଂ ବଦ୍ରି ବିଶାଲ ସାହୁ, ସହ ସମ୍ପାଦକ କାହ୍ନୁଚରଣ ସାହୁ, ମନୋରଞ୍ଜନ ସାହୁ, ରାକେଶ କୁମାର ସାହୁ, ସୁନୀଲ କୁମାର ସାହୁ, କୋଷାଧକ୍ଷ ରାକେଶ କୁମାର ସାହୁଙ୍କ ସମେତ ତ୍ରିଲୋଚନ ସାହୁ, ଶମ୍ଭୁ ସାହୁ ଏବଂ ବହୁ ଯୁବଗଣ ଉପସ୍ଥିତ ଥିଲେ।

## ରୋଟାରୀ ଓ ଇନରହୁଇଲ ପକ୍ଷରୁ ସାହିତ୍ୟ ସନ୍ଧ୍ୟା

# ଭାବ ଓ ଭାଷାକୁ ନେଇ ସାହିତ୍ୟର ସୃଷ୍ଟି

କଟକ, ୨୪।୫(ସମିସ): ରୋଟାରୀ ଓ ଇନରହୁଇଲ କ୍ଲବ ଅଫ କଟକ ମିଡଟାଉନ ମିଳିତ ଆନୁକୂଲ୍ୟରେ ହୋଟେଲ ଆକବରୀ ସମ୍ମିଳନୀ କକ୍ଷରେ ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଓ ଇନରହୁଇଲ ସଭାପତି ଡ. ମିତା ଦେବତାଙ୍କ ସକ୍ରିୟ ସହଯୋଗରେ ୨୬ତମ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ପ୍ରଫେସର ଡ. ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଭାବ ଓ ଭାଷାକୁ ନେଇ ସାହିତ୍ୟର ସୃଷ୍ଟି ବୋଲି କହିବା ସହ ସାହିତ୍ୟର ସୌଧ କେବଳ କବିତା, ପ୍ରବନ୍ଧ, ନାଟକରେ ସୀମିତ ନରହି ସମାଜର ମୂଲ୍ୟବୋଧ ତଥା ସୃଷ୍ଟିର ଉନ୍ମାଦନାକୁ ଆନ୍ଦୋଳିତ କରୁ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟଅତିଥିଙ୍କୁ ଚଳିତବର୍ଷ ପ୍ରଫେସର ଡ. ବିଷ୍ଣୁପ୍ରିୟା ଦେବୀ ସ୍ମୃତି ଉପଲକ୍ଷେ ରୋଟାରୀ ସାହିତ୍ୟିକ ସମ୍ମାନ ପ୍ରଦାନ କରାଯାଇଛି। ମିଡଟାଉନ ରୋଟାରୀ କ୍ଲବର ପ୍ରାକ୍ତନ ସଭାପତି ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରିଆନ ରମେଶଚନ୍ଦ୍ର ସିଂ ଓ ଇନରହୁଇଲ ପ୍ରାକ୍ତନ ସଭାପତି ପ୍ରଭାତୀ ମହାନ୍ତି ସଂଯୋଜନା କରିଥିଲେ। ଏକ ମନୋଜ୍ଞ କବିତା ପଠନ ଆୟୋଜନ କରାଯାଇଥିଲା। ରୋଟାରୀଆନ ବିଭୂତି ଭୂଷଣ ରାଉତ, କମଳ କୁମାର ମହାନ୍ତି, ମେଜର ନନ୍ଦକିଶୋର ଶତପଥୀ, ଅରୁଣ କୁମାର ଦାଶ, ମନୋଜ କୁମାର ସାହୁ, ମନୋରଞ୍ଜନ ମହାନ୍ତି, ସୁବୋଧ ମିଶ୍ର, ସଂଯୁକ୍ତା ମଲିକ, ବିଶ୍ୱଜିତା ମହାନ୍ତି, ସୌମ୍ୟା ମହାନ୍ତି, ସୁଜାତା ସାମଲ, ଇନା ପୁରୋହିତ, ସଂଘମିତ୍ରା ସାହୁ, ପୁଷ୍ପଲତା ମହାନ୍ତି, ଅନିତା ପତି, ଶୁଭ୍ରାଂଶୁ ସାମନ୍ତରାୟ, ଶଶାଙ୍କ ମହାପାତ୍ର, ବିଜୟ ଟାପୁରିଆ, ରଘୁନାଥ ଭୁତ, ରଜନୀକାନ୍ତ ଶତପଥୀ, ଦୁଷ୍ମନ୍ତ ବିଶ୍ୱାଳ, ତରୁଣକାନ୍ତି ବୋଷ, ବିଶ୍ୱରୂପ ଆଚାର୍ଯ୍ୟ, ସମ୍ରାଟ କର, ପ୍ରଭାତ ମିଶ୍ର, ତୋଫାନ ପତି, ଉତ୍ତମ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





# ହେମଲତା ଭୂୟାଁଙ୍କ ପରଲୋକ

ସାଲେପୁର, ୨୪।୫(ସମିସ): ଲୁଣାହାର ଗ୍ରାମର ସ୍ୱର୍ଗତ ସଚ୍ଚିଦାନନ୍ଦ ଭୂୟାଁଙ୍କ ପତ୍ନୀ ହେମଲତା ଭୂୟାଁଙ୍କର ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ, ମେଳାପୀ ବୃଦ୍ଧା ଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଆଜି ଦିନ ପ୍ରାୟ ୧ଟା ସମୟରେ ତାଙ୍କ ବାସଭବନରେ ତାଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଗୋପବନ୍ଧୁ ଭୂୟାଁ, ବ୍ରଜବନ୍ଧୁ ଭୂୟାଁ, ପୁଷ୍ପଲତା ପରିଡ଼ା, ଅନ୍ନପୂର୍ଣ୍ଣା ଭୂୟାଁ, ରାଜଲକ୍ଷ୍ମୀ ଭୂୟାଁ, ଜ୍ୟୋତିକାଦିତ୍ୟ ଭୂୟାଁ, ଅରୋମିରା ଭୂୟାଁ, ଅରୋଶ୍ରୀ ଭୂୟାଁ, ବିଲିପ୍ସା ଭୂୟାଁ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ କନିଷ୍ଠ ପୁତ୍ର ବ୍ରଜବନ୍ଧୁ ଭୂୟାଁ ମୁଖାଗ୍ନି ଦେଇଥିଲେ।



# ନୂଆ ଢ଼ଳେଇ ରାସ୍ତାରେ ଆଣ୍ଠୁଏ ପାଣି



ଭଦ୍ରେଶ୍ୱର, ୨୪।୫(ସମିସ)

ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ମାତ୍ର ୨ ମାସ ତଳେ ନିର୍ମାଣ କରାଯାଇଥିବା ଏକ ଢ଼ଳେଇ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି। ଏବେ ବର୍ଷା ସମୟରେ ପାଣି ଜମିଲେ ଯାତାୟାତରେ ସାଧାରଣ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ବାସୁଦେବପୁର ଗ୍ରାମପଞ୍ଚାୟତ ବାଣପୁର ଗ୍ରାମରେ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଢ଼ଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁଁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାର ଅଭିଯୋଗ ହୋଇଛି। ଏପରିକି ଶନିବାର ପ୍ରାକ୍ ମୌସୁମୀଜନିତ ବର୍ଷା ହେବା କାରଣରୁ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା। ଫଳରେ ଲୋକେ ଯାତାୟାତ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି।

ଏନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତାଟିର ମରାମତି କରି ଏହାକୁ ଗମନାଗମନ ଉପଯୋଗୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ● ଜାହାଙ୍ଗିରାବାଦ ପୋଲ ରାସ୍ତା ବେହାଲ୍

# ଅସରାଏ ବର୍ଷାରେ କାଦୁଅ ପଚପଚ

ସାଲେପୁର, ୨୪।୫(ସମିସ): ଅସରାଏ ବର୍ଷାରେ ଜାହାଙ୍ଗିରାବାଦ ପୋଲ ସଂଯୋଗୀକରଣ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପୋଲ ନିର୍ମାଣ ପରେ ରାସ୍ତାରେ ମାଟି ପକାଯାଇଥିବାରୁ ତାହା ଉପରେ ନାଳିଗୋଡ଼ି କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା କରାଯାଇନାହିଁ। ସାମାନ୍ୟ ଅସରାଏ ବର୍ଷାରେ ଏହି ମାଟି ରାସ୍ତାଟି କାଦୁଅ ପରିପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଲୋକମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଧରି ଏହି ସ୍ଥାନରେ ପୋଲ ନିର୍ମାଣ ହୋଇଥିଲେ ମଧ ପୋଲର ଉଭୟ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତାରେ କେବଳ ମାଟି ପକାଯାଇଥିବାରୁ ଆଜି ଅସରାଏ ବର୍ଷାରେ ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଦେଇ ସାଲେପୁର ସହରକୁ ଆସୁଥିବା ଜାହାଙ୍ଗିରାବାଦ, ଓଷଦ, ସଉରୀ, କିଶିନାପୁର, ମହନାପୁର ଆଦି ଅଞ୍ଚଳର ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସଂଯୋଗୀକରଣ ରାସ୍ତା ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ସମ୍ବଲପୁର ଆମ୍ବ ଦୁବାଇ ଓ ଇଂଲଣ୍ଡକୁ ରପ୍ତାନୀ ହେବା ପ୍ରଶଂସନୀୟ ଉଦ୍ୟମ: ଧର୍ମେନ୍ଦ୍ର

ସମ୍ବଲପୁର, ୨୪।୫(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଜେଲ ଛକଠାରେ ଜିଲ୍ଲା ପ୍ରଶାସନ ଏବଂ ଓରମାସ ପକ୍ଷରୁ ଆୟୋଜିତ ଆମ୍ବ ପସରା ପ୍ରଦର୍ଶନୀ ବୁଲିବା ସହ ଆମ୍ବ ରପ୍ତାନୀ ଗାଡ଼ିର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରରେ ଉତ୍ପାଦିତ ଆମ୍ରପଲ୍ଲୀ, ମଲ୍ଲିକା, ଲେଙ୍ଗଡ଼ା ଓ ବାଇଗଣପଲ୍ଲୀ ଭଳି ବିଭିନ୍ନରକମର ସୁସ୍ୱାଦୁ ଆମ୍ବ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ସହଯୋଗରେ ଦୁବାଇ ଓ ଇଂଲଣ୍ଡ ଭଳି ରାଷ୍ଟ୍ରକୁ ରପ୍ତାନୀ ହେଉଛି। ଏହା ପ୍ରଶଂସନୀୟ ଉଦ୍ୟମ। ସମ୍ବଲପୁର ଏକ କୃଷିପ୍ରଧାନ ଅଞ୍ଚଳ। ବିଦେଶ ବଜାରରେ ଯୁଯୁମୁରା, ନାକଟିଦେଉଳ ଓ ଯମନକିରା ଅଞ୍ଚଳରେ ଉତ୍ପାଦନ ହେଉଥିବା ଆମ୍ବର ବିଶେଷ ଚାହିଦା ରହିଛି। ଏଠାରେ କୃଷକ ଉତ୍ପାଦ ସଂଗଠନ ଏବଂ ଆମ୍ବ ଚାଷୀମାନଙ୍କ ଦ୍ୱାରା ଭଲ ଆମ୍ବ ଉତ୍ପାଦନ ହେଉଛି। ଆମ୍ବ ସମେତ ସମ୍ବଲପୁରର ଧାନ, ଲଙ୍କା, ଫଳ, ପନିପରିବା ଓ ଦୁଗ୍ଧ



ଏବଂ ପଶୁପାଳନକୁ ପ୍ରୋତ୍ସାହନ କରିବା ପାଇଁ ଜିଲ୍ଲା ପ୍ରଶାସନ ଏକ ବିସ୍ତୃତ ଯୋଜନା କରୁଛି। ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜଭୁତ କରିବାକୁ ହେଲେ ଏସବୁ ଦିଗକୁ ଧ୍ୟାନ ଦେବାକୁ ହେବ ବୋଲି ସେ କହିଛନ୍ତି।

**ବରପାଲି ସାଇଡିଂରେ ଜୋରଜବରଦସ୍ତ କୋଇଲା ପରିବହନ ମସୁଧା**

# ଆନ୍ଦୋଳନକାରୀଙ୍କୁ ଧମକଚମକ; ଉତ୍ତେଜନା

ସୁନ୍ଦରଗଡ଼, ୨୪।୫(ସମିସ): ଗତ ୩ ତାରିଖରେ ହେମଗିର ବ୍ଲକର ବରପାଲି ନୂତନ କୋଇଲା ସାଇଡିଂରେ ପରିବହନକୁ ବିରୋଧ କରୁଥିବା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ୯୫ଜଣ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେବା ପରେ କୋଇଲା ପରିବହନ ବନ୍ଦ ରହିଥିଲା। ତେବେ ୩ ସପ୍ତାହର ନିରବତା ପରେ ଶୁକ୍ରବାର ରାତିରେ ପୁଣି ପରିବହନ ପାଇଁ ମସୁଧା କରାଯାଉଥିବାରୁ ଗ୍ରାମବାସୀଙ୍କ ସହ ବିଧାୟକ ଘଟଣାସ୍ଥଳରେ ଜଗି ରହିଥିବା ବେଳେ ଆଜି ସନ୍ଧ୍ୟାରେ ଜିଲ୍ଲା ବାହାରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅସାମାଜିକ ବ୍ୟକ୍ତି ଆସି ଆନ୍ଦୋଳନକାରୀଙ୍କୁ ଧମକଚମକ ଦେଇଛନ୍ତି। ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ହେମଗିରି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ଜିଲ୍ଲା ବାହାରର ଅସାମାଜିକ ବ୍ୟକ୍ତିଙ୍କ ଏପରି କାରନାମାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖାଦେଇଛି।

ବରପାଲିରେ ବଲିଙ୍ଗା, ବାଙ୍କିବାହାଲ, ଗର୍ଜନବାହାଲ, ବାଙ୍ଗୁରକେଲା, କର୍ଲିକଛାର ଆଦି ଗ୍ରାମର ଏସିଏଲ ବିସ୍ଥାପିତଙ୍କୁ ଥଇଥାନ କରାଯାଇଥିବା ବେଳେ ଏହି ଗ୍ରାମକୁ ଏକ ଆଦର୍ଶ ଗ୍ରାମର ମାନ୍ୟତା ଦେଇ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଚାଲିଛି। ତେବେ ଏଠାରେ ନୂତନ କୋଇଲା ସାଇଡିଂ ପାଇଁ କୌଣସି ଗ୍ରାମସଭା କିମ୍ବା ଜନ ଶୁଣାଣି କରା ନଯାଇ ସାଇଡିଂ ଖୋଲା ଯାଇଛି। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରୁଛନ୍ତି। ଏଠାରେ କୋଇଲା ସାଇଡିଂ ଦ୍ୱାରା ଶହଶହ



ହେକ୍ଟର ଉର୍ବର ଚାଷଜମି କ୍ଷତିଗ୍ରସ୍ତ ହେବ। ପାଣି ପବନ ପରିବେଶ ପ୍ରଦୂଷିତ ହେବ ବୋଲି ଅଭିଯୋଗ କରୁଛନ୍ତି। ସାଇଡିଂଠାରୁ ମାତ୍ର ତିନି ଶହ ମିଟର ଦୂରତାରେ ବିଦ୍ୟାଳୟ ଥିବାରୁ ଏହାକୁ ବନ୍ଦ କରିବାକୁ ଦାବି କରି ଆସୁଛନ୍ତି। ତଥାପି ପ୍ରଶାସନ ବଳପୂର୍ବକ ସାଇଡିଂରେ ପରିବହନ ଆରମ୍ଭ କରିବାକୁ ଉଦ୍ୟମ କରିଆସୁଛି। ଫଳରେ ଘଟଣାସ୍ଥଳରେ ଗ୍ରାମବାସୀ ପ୍ରାୟ ୪ ମାସ ତଳୁ ଧାରଣା ଦେଉଛନ୍ତି। ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ରିଟ୍ ପିଟିସନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ତଥାପି ପ୍ରଶାସନ ପୁଲିସ ବଳ ପ୍ରୟୋଗ କରି ପ୍ରଥମେ ସାଇଡିଂରେ କୋଇଲା ଗଦା କରିବା ପରେ ଗତ ୩ ତାରିଖରେ ଏହାକୁ ରେଳ ଯୋଗେ ପରିବହନ ଆରମ୍ଭ କରିବାକୁ ମସୁଧା କରିଥିଲା। ବିଧାୟକ ଶ୍ରୀ ସିଂହଙ୍କ ନେତୃତ୍ୱରେ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବାରୁ ପୁଲିସ ତାଙ୍କୁ ଉଠାଇ ନେଇଥିଲା। ପୁଲିସର ଏପରି ଦମନଲୀଳାକୁ ବିଜେଡି ତୀବ୍ର ନିନ୍ଦା କରି ଏହା ବିରୋଧରେ ଚରମ ଆନ୍ଦୋଳନ ପାଇଁ ଚେତାବନୀ ଦେବା ପରେ କୋଇଲା ପରିବହନ ବନ୍ଦ ରହିଥିଲା।

ଏହାର ତିନି ସପ୍ତାହ ପରେ ଜିଲ୍ଲାର ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ଇସାରାରେ ଅସାମାଜିକ ବଳ ଲଗାଯାଇ କୋଇଲା ପରିବହନ ପାଇଁ ମସୁଧା କରା ଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରା ଯାଉଛି।

# ପ୍ରଧାନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୫ (ସମିସ): ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅତୁଟ ସମର୍ଥନ ଏବଂ ପ୍ରେରଣାଦାୟୀ ଦୃଷ୍ଟିକୋଣ ପାଇଁ କୃତଜ୍ଞ। ଏହି ଅବସରରେ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବିକଶିତ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ମୁଖମନ୍ତ୍ରୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଭିତ୍ତିଭୂମି ସମ୍ପର୍କରେ ବିସ୍ତୃତ ଆଲୋଚନା କଲି। ଏହି ଅବସରରେ ଓଡ଼ିଶାର ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଆମ ସରକାରର ପ୍ରତିବଦ୍ଧତା ଓ ଦୁର୍ଗମ ଅଞ୍ଚଳରେ ଉଚ୍ଚମାନର ମେଡିକାଲ୍ ଭିତ୍ତିଭୂମି, ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଆଦି ବିଭିନ୍ନ ବିଷୟରେ ଆଲୋଚନା କରିଥିଲି।



# ହାତରେ ଫୁଟିଗଲା ଡିନାମାଇଟ୍

ବୌଦ୍ଧ/ଚାରିଛକ, ୨୪।୫ (ସମିସ): ହରଭଙ୍ଗା ଥାନା ଅନ୍ତର୍ଗତ କୁସାସିଙ୍ଗା ଗ୍ରାମରେ ଶନିବାର ଏକ ଅଘଟଣ ଘଟିଛି। ନଦୀକୁ ମାଛ ମାରିବାକୁ ଯାଇଥିବା ବେଳେ ହାତରେ ଡିନାମାଇଟ୍ ଫୁଟିଯିବାରୁ ସଚ୍ଚିଦାନନ୍ଦ ମହାକୁଡ଼ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ହାତର ପାପୁଲି, ମୁହଁ, ଦେହରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

**ଆଇନମନ୍ତ୍ରୀଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖିଲା ବିଜେଡି**

# ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ସଂସ୍କୃତିକୁ ଅକ୍ଷୁଣ୍ଣ ରଖାଯାଇଥିଲା

ଭୁବନେଶ୍ୱର,୨୪।୫(ସମିସ): ପୁରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ୧୯ଟି ଐତିହ୍ୟ ମଠର ପୁନଃବିନ୍ୟାସ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ। ପରିକ୍ରମା ପ୍ରକଳ୍ପ ସମୟରେ ସମସ୍ତ ୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖାଯାଇ ଏହାର

- ୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷତ ରଖି ହୋଇଥିଲା ସୌନ୍ଦର୍ଯ୍ୟକରଣ
- ସମ୍ପୂର୍ଣ୍ଣ ମଠ ଭାଙ୍ଗି ଦିଆଯାଇଥିବା ନେଇ ମନ୍ତ୍ରୀଙ୍କ ଉକ୍ତି ଆଦୌ ଠିକ୍ ନୁହେଁ

ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେଣୁ ମଠଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଯାହା କୁହାଯାଉଛି, ତାହା ଆଦୌ ଠିକ୍ ନୁହେଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଥିଲା। ଏହି ସମୟରେ ସେଠାରେ ଥିବା ମଠଗୁଡ଼ିକର ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ମୂଳ ପୀଠ ବା ବିଜେସ୍ଥଳୀଗୁଡିକୁ ଅକ୍ଷୁଣ୍ଣ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ମଠାଧିଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନଗୁଡ଼ିକୁ ଭଙ୍ଗାଯାଇ ସେଗୁଡ଼ିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ପୁରାତନ ମଠଗୁଡ଼ିକର ବିଜେସ୍ଥଳୀ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେଗୁଡ଼ିକ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେସବୁକୁ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନଃବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ; ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବେଶ୍ ସମୃଦ୍ଧ ବୋଲି ମତ ରଖିବା ସହ ମଠଗୁଡିକୁ ସମ୍ପୂର୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ସାଧାରଣରେ ଯେଉଁ ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଡଃ ମହାନ୍ତି କରିଛନ୍ତି।

**■ ସାହିତ୍ୟ ଏକାଡେମୀ ପକ୍ଷରୁ 'ଯୁବ ଗାଳ୍ପିକ ସମାବେଶ'**

# ଓଡ଼ିଆ ଜନଜୀବନ ଓ ଚଳଣିକୁ ପ୍ରଭାବିତ କରିଛି ଗଳ୍ପ




ଭୁବନେଶ୍ୱର, ୨୪।୫(ସମିସ): ଓଡ଼ିଆ ଜନଜୀବନ ଓ ଚଳଣିକୁ ପ୍ରଭାବିତ କରିଛି ଗଳ୍ପ। ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ବା ଗଳ୍ପର ଇତିହାସ ଆଜିର ନୁହେଁ; ଏହା ପିଢ଼ି ପରେ ପିଢ଼ିର, ଯାହାକୁ ରଚନା କରିବାରେ ଅନେକ ଯୁବ ଗାଳ୍ପିକଗାଳ୍ପିକା ବହୁ ପରିଶ୍ରମ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟଠାରେ ଆୟୋଜିତ ଯୁବ ଗାଳ୍ପିକ ସମାବେଶରେ ଯୋଗଦେଇଥିବା ଅତିଥିମାନେ ଏପରି ମତ ପ୍ରକାଶ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ, ବିଶିଷ୍ଟ ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଅରବିନ୍ଦ ରାୟ, ସୁସାହିତ୍ୟିକା ଡ. ହିରଣ୍ମୟୀ ମିଶ୍ର, ନାଟ୍ୟକାର ଶରତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଗାଳ୍ପିକଗାଳ୍ପିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଗଳ୍ପର ଜୀବନାଦର୍ଶ ଓ ରଚନାଶୈଳୀ ବିଷୟରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଗଳ୍ପର ସଂଜ୍ଞାକୁ କିପରି କଥାକାରମାନେ ପ୍ରାଧାନ୍ୟ ଦେଇପାରିଛନ୍ତି, ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାବେଶରେ ଶତାଧିକ ଯୁବ ଗାଳ୍ପିକଗାଳ୍ପିକା ଆଲୋଚ୍ୟ ବିଷୟବସ୍ତୁ ଯଥା 'ଆମ ଗଳ୍ପର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ', "ଆଜିର ଗଳ୍ପରେ ଗାଳ୍ପିକର କାନ୍‌ଭାସ୍, 'ଓଡ଼ିଆ ଗଳ୍ପରେ ଅସ୍ମିତାର ଚିତ୍ର ଓ ଚରିତ୍ର', 'ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଧାରାରେ ମୋ ଗଳ୍ପ' ଓ "ସମକାଳୀନ ଓଡ଼ିଆ ଗଳ୍ପରେ ଓଡ଼ିଆପଣ' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏକାଡେମୀର ସଚିବ ସଂଜୟ କୁମାର ଛୁଆଳସିଂହ ଗଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୦୬
- ପାଉଣ୍ଡ ୧୧୫.୩୭
- ୟୁରୋ ୯୭.୦୫
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୭,୯୨୦ (ନୂଆଦିଲ୍ଲୀ)
- ରୁପା : ୧,୦୧,୧୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୭୨୧.୦୦
- ନିଫ୍ଟି ୨୪,୮୫୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ସବୁଠାରୁ ନିମ୍ନସ୍ତରରେ ବିଦେଶୀ ପ୍ରତ୍ୟକ୍ଷ ନିବେଶ**

# ଏଫ୍‌ଡିଆଇ ୯୬.୫ % ହ୍ରାସ

ମୁମ୍ବାଇ, ୨୪।୫ (ଏଜେନ୍ସି): ଦେଶରେ ନେଟ୍ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ସବୁଠାରୁ ନିମ୍ନସ୍ତରରେ ପହଞ୍ଚି ଯାଇଛି। ଏହା ୨୦୨୫ ଆର୍ଥିକ ବର୍ଷରେ ୯୬.୫ ପ୍ରତିଶତକୁ ଖସି ଆସିଛି। ବିଦେଶୀ ନିବେଶକ ଭାରତ ଛାଡୁଛନ୍ତି। ଅନେକ ଭାରତୀୟ କମ୍ପାନୀ ମଧ୍ୟ ଦେଶ ପରିବର୍ତ୍ତେ ବିଦେଶରେ ନିବେଶ କରୁଥିବାରୁ ଏପରି ହୋଇଛି। ହାଇ ପ୍ରୋଫାଇଲ ଆଇପିଓ ଗୁଡିକରୁ ଏଫ୍‌ଡିଆଇ ଅର୍ଥ କାଢି ନେଉଛନ୍ତି। ବିଦେଶୀ ନିବେଶକମାନେ ବିଶ୍ୱ ଯୋଗାଣ ଶୃଙ୍ଖଳରେ ହେଉଥିବା ପରିବର୍ତ୍ତନର ଲାଭ ଉଠାଇବାକୁ ଚାହୁଁଛନ୍ତି। ବିଦେଶୀ କମ୍ପାନୀରେ ଅର୍ଥ ଲଗାଇ ଅଧିକ ଲାଭ ପାଉଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ପକ୍ଷରୁ ବୁଧବାର ଜାରି ତଥ୍ୟ ଅନୁଯାୟୀ ଗତ ଆର୍ଥିକ ବର୍ଷରେ ଏଫ୍‌ଡିଆଇ ପ୍ରବାହ ମାତ୍ର ୩୫୩ ନିୟୁତ ଡଲାର ଥିଲା। ଏହା ଏ ପର୍ଯ୍ୟନ୍ତ ହୋଇଥିବା ସବୁଠାରୁ କମ୍ ନିବେଶ। ଏହା ପୂର୍ବ ଆର୍ଥିକ ବର୍ଷ ଏଫ୍‌ଡିଆଇ ୧୦ ବିଲିୟନ ଡଲାର ନିବେଶ କରିଥିଲେ।

ଆର୍‌ବିଆଇର ମାସିକିଆ ବୁଲେଟିନରେ କୁହାଯାଇଛି ଯେ ଭାରତୀୟ ବଜାରରୁ ଏଫ୍‌ଡିଆଇ ମୁହଁ ଫେରାଇବା ଏବଂ ପୁଞ୍ଜି କାଢ଼ି ବିଦେଶୀ ବଜାରରେ ନିବେଶ କରିବା ଏହି ବୃହତ ହ୍ରାସର କାରଣ। ଅର୍ଥାତ୍ ଯେତେ ଅର୍ଥ ଭାରତକୁ ଆସିଛି ତା'ଠୁ ଅଧିକ ଅର୍ଥ ବାହାରକୁ ଚାଲି ଯାଇଛି। ସ୍ଥିର




ଏଫ୍‌ଡିଆର ନିଟ୍ ପ୍ରବାହ ଅସ୍ଥିର ପୋର୍ଟୋଫୋଲିଓ ପ୍ରବାହରୁ ୮୬ ପ୍ରତିଶତ କମ୍ ଥିଲା। କିନ୍ତୁ ମୋଟ ଏଫ୍‌ଡିଆ ପ୍ରବାହ ୧୩.୭ ପ୍ରତିଶତ ବୃଦ୍ଧି ପାଇ ୮୧ ବିଲିୟନ ଡଲାରରେ ପହଞ୍ଚି ଯାଇଛି। କିନ୍ତୁ ଦୀର୍ଘକାଳୀନ ମେଗା ଆଇପିଓରୁ ପୁଞ୍ଜି ପ୍ରତ୍ୟାହାର ଏହି ରେକର୍ଡକୁ ବିଗାଡି ଦେଇଥିଲା। ଏହି ଅବଧିରେ ବିଦେଶୀ ନିବେଶକ ୪୯ ବିଲିୟନ ଡଲାର କାଢି ନେଇଥିଲେ। ସେହିପରି ୨୦୨୪ରେ ଏହା ୪୧ ବିଲିୟନ ଡଲାର ଥିଲା।

# ବେଦାନ୍ତ ଆଲୁମିନିୟମର ମେଗା ସ୍ୱାସ୍ଥ୍ୟ ଶିବିର

ସୁନ୍ଦରଗଡ଼, ୨୪।୫ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ସୁନ୍ଦରଗଡ଼ର ହେମଗିର ବ୍ଲକର ମୁଣ୍ଡେରଖେତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏଥିରେ ୨୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଥିଲେ। ବେଦାନ୍ତ ଦ୍ୱାରା ମୁଣ୍ଡେରଖେତ, ଝାରପାଲମ, ଗର୍ଜନଜୋର ଏବଂ ନିକଟସ୍ଥ ଗ୍ରାମ ପଞ୍ଚାୟତକୁ ସାମିଲ କରି ଗ୍ରାମୀଣ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ ଏହି ପଦକ୍ଷେପ ନିଆଯାଇଥିଲା। ହେମଗିରର ମୁଣ୍ଡେରଖେତ ପଞ୍ଚାୟତ ସରପଞ୍ଚ ସନ୍ୟାସୀ ବାଗଙ୍କ ଉପସ୍ଥିତିରେ ହେମଗିର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଏହି ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁ ରୋଗ, ଚର୍ମରୋଗ, ଇଏନଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ, ସ୍ୱତନ୍ତ୍ର ପରାମର୍ଶ ଏବଂ ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ଏହା ସହିତ ପ୍ରତିରୋଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିନ ଏବଂ ଦୀର୍ଘକାଳୀନ କଲ୍ୟାଣରେ ଉନ୍ନତି ପାଇଁ ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିସାର ଏବଂ ରୋଗ ନିବାରଣ ଉପରେ ସଚେତନତା ଅଧିବେଶନ କରାଯାଇଥିଲା।



ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ସମସ୍ତଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ବେଦାନ୍ତ ଗୁରୁତ୍ୱ ଦେଉଛି। ଏହା ମାଧ୍ୟମରେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରି ଗୋଷ୍ଠି କଲ୍ୟାଣ ଉପରେ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି ପାଇଁ ପ୍ରୟାସ କରୁଛି। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରୀୟ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି।

## ବୈଦେଶିକ ମୁଦ୍ରା ଭଣ୍ଡାରରେ ୪୨ ହଜାର କୋଟି ହ୍ରାସ

ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): ଭାରତୀୟ ବୈଦେଶିକ ମୁଦ୍ରା ଭଣ୍ଡାରରେ ବଡ଼ ହ୍ରାସ ପାଇଛି। ଗତ ୧୬ ତାରିଖରେ ସମାପ୍ତ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାରରୁ ୪.୮୯ ବିଲିୟନ ଡଲାର ଅର୍ଥାତ୍ ୪୨ ହଜାର କୋଟି ଟଙ୍କା ହ୍ରାସ ପାଇଛି। ଏହାକୁ ଭାରତ ପାଇଁ ଏକ ବଡ଼ ଝଟ୍‌କା ଭାବେ ଦେଖାଯାଉଛି। ଏବେ ମୁଦ୍ରା ଭଣ୍ଡାର ୬୮୫.୭୩ ବିଲିୟନ ଡଲାରକୁ ଖସି ଆସିଛି। ସେହିପରି ଭାରତର ସ୍ୱର୍ଣ୍ଣ ଭଣ୍ଡାର ୫.୧୨ ବିଲିୟନ ଡଲାର ହ୍ରାସ ପାଇ ୮୧.୨୨ ବିଲିୟନ ଡଲାର ରହିଛି। ଅନ୍ୟପକ୍ଷରେ ପାକିସ୍ତାନର ବିଦେଶୀ ମୁଦ୍ରା ଭଣ୍ଡାର ୧ ବିଲିୟନ ଡଲାର ବୃଦ୍ଧି ପାଇ ୧୧.୪୫ ବିଲିୟନ ଡଲାରରେ ପହଞ୍ଚିଛି।

# ଟାଟା ମୋଟର୍ସ ଆଣିଲା ଅଲ୍-ନ୍ୟୁ ଆଲଟ୍ରୋଜ୍

ମୁମ୍ବାଇ, ୨୪।୫ (ସମିସ): ଭାରତର ଅଗ୍ରଣୀ ଅଟୋମୋବାଇଲ ଉତ୍ପାଦନକାରୀ ଟାଟା ମୋଟର୍ସ ଶନିବାର ୬.୮୯ ଲକ୍ଷ ଟଙ୍କାରେ ଅଲ-ନ୍ୟୁ ଆଲଟ୍ରୋଜ ବଜାର ପ୍ରବେଶ କରାଇଛି। ଏହାର ଚମତ୍କାର



ଡିଜାଇନ୍, ବିଳାଶପୂର୍ଣ୍ଣ ଆଭ୍ୟନ୍ତରୀଣ, ଅତ୍ୟାଧୁନିକ ବୈଶିଷ୍ଟ୍ୟ, କଟିଙ୍ଗ୍ ଏଜ୍ ଟେକ୍ନୋଲୋଜି, ସୁଦୃଢ ସୁରକ୍ଷା ବୈଶିଷ୍ଟ୍ୟ ରହିଛି | ବର୍ତ୍ତମାନ ପ୍ରଥମ ଥର ପାଇଁ ଏଏମଟି ବିକଳ୍ପ ପ୍ରଦାନ କରାଯାଇଛି।

ଆଲ୍‌ଟ୍ରୋଜ ପ୍ରିମିୟମ୍ ହ୍ୟାଚବ୍ୟାକ୍ ସେଗମେଣ୍ଟରେ ଏକ ମାନଦଣ୍ଡ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି | ଏହାର ପଞ୍ଚ ତାରକା ଜିଏନସିଏପି ମୂଲ୍ୟାୟନ ପାଇଛି। ଏହା ନିରାପତ୍ତାରେ ନୂତନ ମାନକ ସ୍ଥିର କରୁଛି। ଏଥିରେ ଫ୍ଲାଶ୍ ଡୋର ହ୍ୟାଣ୍ଡଲ୍ସ ଏବଂ ଇନଫିନିଟି ସଂଯୁକ୍ତ ଏଲଇଡି ଟେଲ ଲ୍ୟାମ୍ପ, ଇଣ୍ଟିଗ୍ରେଟେଡ୍ ଡିଆରଏଲ ସହିତ ଲ୍ୟୁମିନେଟ୍ ଏଲଇଡି ହେଡଲ୍ୟାମ୍ପ, ୩ଡି ଫ୍ରଣ୍ଟ ଗ୍ରୀଲ୍, ସଫ୍ଟ-ଟଚ୍ ଗ୍ରାଣ୍ଡ ପ୍ରେଷ୍ଟିଗିଆ ଡ୍ୟାସବୋର୍ଡ, ଆମ୍ବିଏଣ୍ଟ ଆଲୋକ ଏବଂ ପ୍ରଶସ୍ତ ଲେଆଉଟ୍ ରହିଛି। ସେଗମେଣ୍ଟର କେବଳ ଡିଜେଲ ଏବଂ ଟାଟା ମୋଟର୍ସର ଅଗ୍ରଣୀ ଆଇସିଏନଜି ଟ୍ୱିନ୍ ସିଲିଣ୍ଡର ଟେକ୍ନୋଲୋଜି, ଅଲ୍ - ନ୍ୟୁ ଆଲଟ୍ରୋଜ ମଧ୍ୟ ବିଭିନ୍ନ ଟ୍ରାନ୍ସମିସନ୍ ବିକଳ୍ପରେ ଉପଲବ୍ଧ ହେବ। ଗ୍ରାହକ ଖୋଜୁଥିବା ସମସ୍ତ ବୈଶିଷ୍ଟ୍ୟ ଏହି ଆଲ୍‌ଟ୍ରୋଜରେ ରହିଛି ବୋଲି ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ ଲିମିଟେଡ୍ ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଶିଳେଶ ଚନ୍ଦ୍ର କହିଛନ୍ତି।

# ଅରୁନ୍ଧତୀ ଜୁଏଲର୍ସର ମେହେନ୍ଦି ଉତ୍ସବ

ଭୁବନେଶ୍ୱର, ୨୪।୫ (ସମିସ): ସାବିତ୍ରୀ ବ୍ରତ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଜୁଏଲାରୀ



ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ୯ଟି ଶାଖାରେ ମେହେନ୍ଦି ଉତ୍ସବ ପାଳନ କରାଯାଉଛି। ଗ୍ରାହକ କମ୍ପାନୀର ଅଫିସିଆଲ ଲିଙ୍କରେ ପଞ୍ଜିକରଣ କରି କିମ୍ବା ଶାଖାକୁ ଯାଇ ମେହେନ୍ଦି ଲଗାଇ ପାରିବେ। ଏହି ସାବିତ୍ରୀରେ ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାବ୍ୟାପି ମେହେନ୍ଦି ଉତ୍ସବ ଆୟୋଜିତ କରାଇ ନିଆରା ଢଙ୍ଗରେ ପାଳନ କରୁଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସତୀ ସାବିତ୍ରୀ ସେ୍ୱସିଆଲ ଅଫରରେ ସୁନା ଏବଂ ରୁପା ଗହଣାର ଗଢା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି, ଶୂନ ଗଢ଼ା ମଜୁରୀ ସହ ହୀରା ଗହଣାର ହୀରା ମୂଲ୍ୟ ଉପରେ ୨୫ % ପର୍ଯ୍ୟନ୍ତ ରିଆତି ଦିଆଯାଉଛି।

ସେହିପରି ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ସମ୍ବଲପୁରୀ ପ୍ରିମିୟମ ସିଲ୍କ ଶାଢୀର ନୂଆ ସତୀ ସାବିତ୍ରୀ ସମ୍ଭାରରେ ୨୦% ରିହାତି ଘୋଷଣା କରାଯାଇଛି।

# +୨ ବିଜ୍ଞାନରେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର, ୨୪।୫ (ସମିସ): ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ଗଙ୍ଗପଡ଼ା, ଖୋର୍ଦ୍ଧାସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଦ୍ଭୁତ ସଫଳତା ହାସଲ କରିଛନ୍ତି। ମୋଟ ୩୬୧ ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୫୬ ଜଣ ୯୦%ରୁ ଅଧିକ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। କୃତି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଜେତା ବେହେରା ୯୬.୬୭%, ଶ୍ରଦ୍ଧା ସୁମନ ସେନ ୯୫.୫୦% ରତ୍ନସାଗର ଦାସ ୯୫.୩୫%, ରାଜେଶ୍ୱରୀ ଜେନା ୯୪.୮୩%, ଏସ୍ କ୍ରିଷ୍ଟା ସାହୁ ୯୪.୩୩%, ଅଭିଜିତ୍ ମହାନ୍ତି ୯୪.୧୭%, ସୂର୍ଯ୍ୟକାନ୍ତ ସ୍ୱାଇଁ ୯୩.୬୭%, ସୁଶ୍ରୀ ସଙ୍ଗୀତ ବେହେରା ୯୩.୬୭%, ଅସ୍ମିତା ବେହେରା ୯୩.୫୦%, ହିମାଂଶୁ ଶେଖର ପୃଷ୍ଟି ୯୩.୫୦%, ରମେଶ ନାୟକ ୯୩.୫୦%, ରାଜେନ୍ଦ୍ର



କୁମାର ବେହେରା ୯୩.୧୭% ନମ୍ବର ରଖିଛନ୍ତି। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନଡ଼.ଅଜୟ ବାହାଦୁର ସିଂ, ନିର୍ଦ୍ଦେଶିକା ଶ୍ରୀମତୀ ଉମା ସିଂ, ଉପନିର୍ଦ୍ଦେଶକ ସମରେନ୍ଦ୍ର କୁମାର, ଅଧ୍ୟକ୍ଷା ପ୍ରଭାତୀ ଶତପଥୀ, ଉପାଧ୍ୟକ୍ଷ ଅଜୟ କୁମାର ସାହୁ ସମସ୍ତ କୃତି ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ବିଦ୍ୟାଳୟର ସମସ୍ତ କର୍ମ କର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଆଇପିଏଲ୍ ୧୮ : ସମୀର ରିଜ୍‌ଭିଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ

# ବିଜୟ ସହ କ୍ୟାପିଟାଲ୍ସର ଅଭିଯାନ ଶେଷ



ଜୟପୁର,୨୪।୫ (ଏଜେନ୍ସି)

ଚଳିତ ଆଇପିଏଲ୍‌ରେ ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ଅଭିଯାନ ଶେଷ କରିଛି। ଶନିବାର ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୬୬ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ମାତ୍ ଦେଇଛି। ଏହି ମ୍ୟାଚରେ ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍‌ରେ ୨୦୬ ରନ କରିଥିଲା। ଜବାବରେ ଦିଲ୍ଲୀ ୩ଟି ବଲ୍ ବଳକା ଥାଇ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ଏଥିସହ ଦିଲ୍ଲୀ ୧୪ତମ ମ୍ୟାଚରୁ ୭ଟି ବିଜୟ ଓ ୬ ପରାଜୟ ଏବଂ ଗୋଟିଏ ମ୍ୟାଚ୍ ବାତିଲ ସହ ୧୫ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହି ବିଦାୟ ନେଇଛି। ପୂର୍ବରୁ ଦିଲ୍ଲୀ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିଲା। ଅପରପକ୍ଷରେ ପଞ୍ଜାବ ୧୩ତମ ମ୍ୟାଚରୁ ୪ର୍ଥ ପରଜାୟ ଓ ୮ ବିଜୟ ସହ ୧୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଗୁଜରାଟ ୧୮ ପଏଣ୍ଟ ସହ ଶୀର୍ଷରେ ରହିଛି।

### ଆୟର-ଷ୍ଟୋଇନିସଙ୍କ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସର କାମଚଳା ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଦ୍ୱିତୀୟ ଓଭରରେ ଓପନର୍ ପ୍ରିୟାଂଶ ଆର୍ଯ୍ୟ (୬ ରନ)ଙ୍କ ୱିକେଟ୍ ହରାଇଥିଲା। ମୁସ୍ତାଫିଜୁର ରେହମାନ ଦିଲ୍ଲୀକୁ ଏହି ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ। ତେବେ ପରବର୍ତ୍ତୀ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ପାଳି ଯୋଗୁ ପଞ୍ଜାବ ୮ ୱିକେଟ୍‌ରେ ୨୦୬ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟାସ ଆୟର ସର୍ବାଧିକ ୫୩ ରନ କରିଥିଲେ। ୩୪ ବଲ୍‌ର ପାଳିରେ ଆୟର ୫ ଚୌକା ଓ ୨ ଛକା ମାରିଥିଲେ। ତେବେ ନିମ୍ନକ୍ରମରେ ଆସିଥିବା ମାର୍କସ ଷ୍ଟୋଇନିସ ୧୬ ବଲରେ ୩ ଚୌକା ଓ ୪ ଛକା ସହ ଅପରାଜିତ ୪୪ ରନ କରିବା ଫଳରେ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଭସିମରନ ସିଂହ ୨୮, ଜୋଶ ଇଂଲିଶ ୩୨, ନେହାଲ ୱାଧେର ୧୬, ଶଶାଙ୍କ ସିଂହ ୧୧, ହରପ୍ରୀତ୍ ବ୍ରାରର୍ ଅପରାଜିତ ୭ ରନ କରିଥିଲେ। ବୋଲିଂରେ ମୁସ୍ତାଫିଜୁର ସର୍ବାଧିକ ୩ଟି ଏବଂ ବିପରାଜ ନିଗମ ଓ କୁଲଦୀପ୍ ଯାଦବ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

୨୦୭ ରନର ଚ୍ୟାଲେଞ୍ଜିଂ ଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ଇନିଂସ ସହାୟତାରେ ଶେଷ ଓଭରରେ ୪ ୱିକେଟ୍ ହରାଇ ୩ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଦିଲ୍ଲୀ ପକ୍ଷରୁ ସମୀର ରିଜଭୀ ୨୫ ବଲରେ ଅପରାଜିତ ୫୮ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୪୪, ଲୋକେଶ ରାହୁଲ ୩୫, ଅଧିନାୟକ ଫାଫ୍ ଡୁ ପ୍ଲେସିସ ୨୩, ପଦାର୍ପଣକାରୀ ସେଦ୍ଦିକୁଲ୍ଲା ଅଟଲ ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୧୮ ରନ କରିଥିଲେ। ବୋଲିଂରେ ପଞ୍ଜାବର ହରପ୍ରୀତ୍ ବ୍ରାରର ୨ଟି ଏବଂ ମାର୍କସ ଜାନସେନ ଓ ପ୍ରବୀଣ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

### ଧୋନିଙ୍କ ଶେଷ ମ୍ୟାଚ୍‌କୁ ନେଇ ଚର୍ଚ୍ଚା


ଆଇପିଏଲ୍‌ରେ ରବିବାର ଡବଲ୍ ହେଡର୍ ମୁକାବିଲାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅପରାହ୍ଣରେ ମ୍ୟାଚ୍ ଖେଳାଯିବ। ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ପାଇଁ ଚଳିତ ସିଜନରେ ଏହା ଶେଷ ଲିଗ୍ ମ୍ୟାଚ୍। ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ପୂର୍ବରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ତେଣୁ ୪୪ ବର୍ଷ ବୟସରେ ପଦାର୍ପଣ କରିବାକୁ ଯାଉଥିବା ଧୋନିଙ୍କ ଲାଗି ଏହା ଶେଷ ଆଇପିଏଲ୍ ମ୍ୟାଚ୍ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। କାରଣ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ସେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ବୟସ ଓ ଫିଟ୍‌ନେସକୁ ଯଦି ଆଲୋଚନାକୁ ନିଆଯାଏ ତେବେ ଧୋନିଙ୍କ ଖେଳିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଅପରପକ୍ଷରେ ଏହା ନିଶ୍ଚିତ ଯେ ଅଧିନାୟକ ଭାବେ ଚେନ୍ନାଇ ପାଇଁ ଧୋନିଙ୍କ ଏହା ଶେଷ ମ୍ୟାଚ୍। ଚଳିତ ସିଜନରେ ନିୟମିତ ଅଧିନାୟକ ତଥା ଆହତ ଥିବା ଋତୁରାଜ ଗାଏକୱାଡଙ୍କ ସ୍ଥାନରେ ସେ ଦାୟିତ୍ୱ ସମ୍ଭାଳୁଛନ୍ତି।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪୦ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

## ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ୬ ବର୍ଷ ପରେ ଫାଇନାଲରେ ଶ୍ରୀକାନ୍ତ




କ୍ୱାଲାଲମ୍ପୁର,୨୪।୫(ଏଜେନ୍ସି): ସ୍ଥାନୀୟ ଅକ୍ସିଆଟା ଏରିନାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। ଏକମାତ୍ର ଭାରତୀୟ ଭାବେ ସେ ଏହି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ସେମିଫାଇନାଲରେ ୨୧-୧୮, ୨୪-୨୨ ସିଧାସଳଖ ଗେମ୍‌ରେ ଜାପାନର ୟୁଶି ତନକାଙ୍କୁ ମାତ୍ର ୪୯ ମିନିଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି। ଏଥିସହ ସେ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ଶ୍ରୀକାନ୍ତ ଶେଷଥର ପାଇଁ ୨୦୧୯ ଇଣ୍ଡିଆ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ଓ ରନର୍ସଅପ୍ ହୋଇଥିଲେ। ଏଥର ସଫଳ ହେଲେ ସେ ୮ ବର୍ଷପରେ କୌଣସି ଟାଇଟଲ ହାସଲ କରିବେ। ୨୦୧୭ରେ ସେ ୪ଟି ଟାଇଟଲ ଅର୍ଜନ କରିଥିଲେ। ୩୨ ବର୍ଷୀୟ ଶୀକାନ୍ତ ଏବେ ଟାଇଟଲ ପାଇଁ ରବିବାର ଚୀନ୍‌ର ଲି ଶିଫେଙ୍ଗ୍‌ଙ୍କୁ ଭେଟିବେ।

## ଅଢ଼େଇ ଦିନରେ ଜିମ୍ବାୱେର ପାଳି ପରାଜୟ

# ବସିର୍‌ଙ୍କୁ ୯ ୱିକେଟ୍; ଇଂଲଣ୍ଡର ସହଜ ବିଜୟ

ନଟିଂହାମ, ୨୪।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ୨୨ ବର୍ଷ ପରେ ପ୍ରଥମଥର ଲାଗି ଖେଳାଯାଇଥିବା ଏକ ଟେଷ୍ଟ ମ୍ୟାଚ୍ ଅଢ଼େଇ ଦିନରେ ସମାପ୍ତ ହୋଇଯାଇଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଏକପାଖିଆ ମୁକାବିଲାରେ ଭ୍ରମଣକାରୀ ଜିମ୍ବାୱେ ଏକ ପାଳି ଓ ୪୫ ରନରେ ଶୋଚନୀୟ ଭାବେ ପରାଜୟବରଣ କରିଛି। ଲେଗ୍-ସ୍ପିନର ସୋଏବ ବସିର ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇ ଇଂଲଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଇଂଲଣ୍ଡ ଏହାର ସମର ସିଜନ ବିଜୟରୁ ଆରମ୍ଭ କରିଛି। ଚାରିଦିବସୀୟ ଏହି ଟେଷ୍ଟ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍ ଓପନର୍ ଜାକ୍ କ୍ରାଲୀ (୧୨୪), ବେନ୍ ଡକେଟ୍ଟ (୧୪୦) ଓ ଓଲି ପୋପ୍ (୧୭୧)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୬ ୱିକେଟ୍‌ରେ ୫୬୫ ରନ କରି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ଓପନର୍ ବ୍ରାଏନ ବେନେଟ୍ଟ (୧୩୯)ଙ୍କ ଶତକ ସତ୍ତ୍ୱେ ୨୬୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଇଂଲଣ୍ଡର ବସିର ୩ଟି ୱିକେଟ୍ ନେଇଥିଲେ। ୩୦୦ ରନ ପଛରେ ଥାଇ ଫଲୋଅପ୍ ପାଇଥିବା ଜିମ୍ବାୱେ ଶନିବାର ମ୍ୟାଚର ୩ୟ ଦିବସ ପ୍ରଥମ ସେସନରେ ଦ୍ୱିତୀୟ ପାଳିରେ ୨୫୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ମଧ୍ୟକ୍ରମରେ ସିନ୍ ୱିଲିୟମ୍ସ ୮୮ ଓ ସିକନ୍ଦର ରାଜା ୬୦ ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ପାଳିରେ ମଧ୍ୟ ବସିର ସର୍ବାଧିକ ୬ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୦୦୩ ରେ ଉଭୟ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ଥିଲା। ଓଭରଅଲ୍ ଦୁଇଦେଶ ମଧ୍ୟରେ ଏହା ୭ମ ଟେଷ୍ଟ ହୋଇଥିବାବେଳେ ସେଥିରୁ ଇଂଲଣ୍ଡ ୪ଟି ଜିତିଥିବାବେଳେ ୩ଟି ଡ୍ର ରହିଛି।

# ବିଚ୍ ସକ୍କରରେ ଓଡ଼ିଶାର ବାଜିମାତ୍



କଟକ, ୨୪।୫ (ସମିସ): ଡାମନ ଓ ଡିଉରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଚ୍ ସକ୍କର ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଓଡ଼ିଶା ମହିଳା ଦଳ ବାଜିମାତ୍ କରିନେଇଛି। ଏଥିରେ ଓଡ଼ିଶା ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଓଡ଼ିଶାର ମୁକାବିଲା ଗୁଜରାଟ ମହିଳା ଦଳ ସହ ହୋଇଥିଲା। ଏହି ମ୍ୟାଚକୁ ଓଡ଼ିଶା ୩-୨ ଗୋଲରେ ଚାମ୍ପିଅନ ହୋଇଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ଦଳ ୧୨-୭ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ସଫଳତା ଲାଗି ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟାନ କର୍ମକର୍ତ୍ତା ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ୧୦୦ତମ ଟାଇଟଲ୍ କ୍ଲବ୍‌ରେ ଜୋକୋଭିଚ୍

ଜେନେଭା, ୨୪।୫ (ଏଜେନ୍ସି): କିଂବଦନ୍ତୀ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରରେ ଆଉ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସୁଇଜରଲାଣ୍ଡରେ ଅନୁଷ୍ଠିତ ଜେନେଭା ଓପନ୍‌ରେ ସର୍ବୀୟ ତାରକା ୩୮ ବର୍ଷୀୟ ଜୋକୋଭିଚ୍ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ସେ ପୋଲାଣ୍ଡର ହବର୍ଟ ହରକାଜଙ୍କୁ ୫-୭, ୭-୬ (୨), ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ଏଥିସହ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ କ୍ୟାରିୟରରେ ୧୦୦ତମ ଟାଇଟଲ୍ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି।

# ଚତୁର୍ଥ ସିରି ଏ' ଟାଇଟଲ ଜିତିଲା ନାପୋଲି



ନାପ୍ଲେସ୍,୨୪।୫(ଏଜେନ୍ସି): ଇଟାଲୀ ଫୁଟବଲ ପ୍ରଣାଳୀ ସର୍ବୋଚ୍ଚ ପେସାଦାର ଲିଗ୍ ସିରି ଏ'ରେ ଏଥର ନାପୋଲି କ୍ଲବ ବାଜି ମାରିଛି। ଶୁକ୍ରବାର ବିଳମ୍ବିତ ରାତିରେ ନାପୋଲି ୨-୦ ଗୋଲରେ କାଗ୍ଲିଆରୀ ଫୁଟବ କ୍ଲବକୁ ପରାସ୍ତ କରି ଟାଇଟଲ ଜିତିଛି। ୩୮ଟି ମ୍ୟାଚ୍ ଖେଳି ୨୪ ବିଜୟ, ୧୦ ଡ୍ର ଓ ୪ ପରାଜୟ ସହ ୮୨ ପଏଣ୍ଟ ହାସଲ କରିବା ସହ ନାପୋଲି ମାତ୍ର ଗୋଟିଏ ପଏଣ୍ଟରେ ଇଣ୍ଟର ମିଲାନକୁ ପଛରେ ପକାଇ ଚାମ୍ପିଅନ ହୋଇଛି। ଇଟାଲୀର ନାପ୍ଲେସ ସହର ପର୍ଯ୍ୟବସିତ ନାପୋଲି ଏଥିସହ ଚତୁର୍ଥ ସିରି ଏ ଟାଇଟଲ ଜିତିଛି। ନାପୋଲି ତରଫରୁ ୪୨ତମ ମିନିଟ୍‌ରେ ସ୍କଟ ମ୍ୟାକ୍ ଟୋମିନେ ଓ ୫୧ତମ ମିନିଟ୍‌ରେ ରୋମେଲୁ ଲୁକାକୁ ଗୋଲ ସ୍କୋର କରିଥିଲେ। ଏଥିସହ ଗତ ୩ ବର୍ଷ ମଧ୍ୟରେ ନାପୋଲି ଦ୍ୱିତୀୟଥର ପାଇଁ ସିରି ଏ ଟାଇଟଲ ଜିତିଛି। ନାପୋଲି କୋଚ୍ ଆଣ୍ଟୋନିଓ କୋଣ୍ଟେ ପ୍ରଥମ ପ୍ରଶିକ୍ଷକ ଭାବେ ୩ଟି ଭିନ୍ନ ଭିନ୍ନ ଦଳ ସହ ଇଟାଲୀଆନ ଚାମ୍ପିଅନସିପ୍ ହାସଲ କରି ଏକ ଭିନ୍ନ ପ୍ରକାର ସଫଳତା ଅର୍ଜନ କରିଛନ୍ତି।

# ଟେନିସ୍‌ରୁ କାରୋଲିନ୍ ଗାର୍ସିଆଙ୍କ ଅବସର



ପ୍ୟାରିସ୍,୨୪।୫(ଏଜେନ୍ସି): ବିଶ୍ୱର ପୂର୍ବତନ ୪ ନଂ ମହିଳା ଟେନିସ ଖେଳାଳି ଫ୍ରାନ୍ସର କାରୋଲିନ୍ ଗାର୍ସିଆ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ରବିବାରଠାରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଖେଳି ଟେନିସକୁ ଅଲବିଦା କରିବେ ବୋଲି ଗାର୍ସିଆ କହିଛନ୍ତି।ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏକ ପୋଷ୍ଟ ମାଧ୍ୟମରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତ। ୩୧ ବର୍ଷୀୟା ଗାର୍ସିଆ ୧୫ବର୍ଷର କ୍ୟାରିଅରରେ ମୋଟ୍ ୧୧ଟି ଏକକ ଓ ୮ଟି ଯୁଗଳ ଟାଇଟଲ ହାସଲ କରିଛନ୍ତି। ୨୦୧୬ ଓ ୨୦୨୨ ଫ୍ରେଞ୍ଚ୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ସେ ଡବଲ୍ସ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୧୦ରେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ରେ କ୍ୟାରିଅର ଶ୍ରେଷ୍ଠ ୪ ନଂ ସ୍ଥାନ ଅଧିକାର କରିଥିଲେ। ୨୦୨୨ରେ ସେ ୟୁଏସ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏବେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ର ୧୪୫ତମ ସ୍ଥାନରେ ରହିଛନ୍ତି।

## ଜୁନିଅର ଡେଭିସ୍ କପ୍


# ପାକିସ୍ତାନକୁ ଭେଟିବ ଭାରତ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ୧୬ ବର୍ଷରୁ କମ୍ ଏସିଆ- ଓସେନିଆ ଜୁନିଅର ଡେଭିସ୍ କପ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। କାଜାଖସ୍ତାନର ସିମ୍‌କେଣ୍ଟରେ ଦୁଇ ଦେଶ ଏକାଦଶ ସ୍ଥାନ ପାଇଁ ମୁହାଁମୁହିଁ ହେବେ। ଏହାପୂର୍ବରୁ ଭାରତ ୧-୨ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଜାପାନ ଓ କୋରିଆ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଜାପାନ ଚାଇନିଜ ତାଇପେ ଓ କୋରିଆ ଚୀନକୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୪ଟି ଦଳ ବିଶ୍ୱ ଗ୍ରୁପ୍ ପର୍ଯ୍ୟାୟକୁ ଉଠିବେ। ଏହି ପର୍ଯ୍ୟାୟ ୟୁରୋପରେ ଖେଳାଯିବ।

## ନାଡାଲଙ୍କ ବିନା ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆଜିଠାରୁ

# ସିନର୍, ସାବାଲେଙ୍କା ଶ୍ରେଷ୍ଠ ସିଡ୍

ପ୍ୟାରିସ୍,୨୪।୫(ସମିସ)



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ରବିବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ରୋନାଲ୍ଡ ଗ୍ୟାରସରେ ବିଶ୍ୱର ଶ୍ରେଷ୍ଠ ଟେନିସ ଖେଳାଳିମାନେ ଟାଇଟଲ ପାଇଁ କ୍ଲେ- କୋର୍ଟରେ ଅବତୀର୍ଣ୍ଣ ହେବେ। ମେ ୨୫ରୁ ଏହି ପ୍ରତଯୋଗିତା ଆରମ୍ଭ ହୋଇ ଜୁନ୍ ୮ରେ ଶେଷ ହେବ। ପୁରୁଷ ଏକକରେ ଇଟାଲୀର ଜାନିକ ସିନରଙ୍କୁ ଓ ମହିଳା ଏକକରେ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ଶ୍ରେଷ୍ଠ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ସ୍ପେନ୍‌ର କାର୍ଲୋସ ଆଲକାରାଜ, ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଆମେରିକାର ଟେଲର ଫ୍ରିଜ୍, ବ୍ରିଟେନର ଜ୍ୟାକ ଡ୍ରାପରଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଅପରପକ୍ଷରେ ମହିଳା ଏକକରେ ଆମେରିକାର କୋକୋ ଗଫ୍, ଜେସିକା ପେଗୁଲା, ଇଟାଲୀରୀ ଜସ୍ମିନ ପାଓଲିନ୍, ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଗତ ସଂସ୍କରଣରେ ଅଲକାରାଜ ଓ ସ୍ୱିଆଟେକ ଟାଇଟଲ ଜିତିଥିଲେ। ତେବେ ଏହି ଦୁଇ ଖେଳାଳିଙ୍କୁ ଟାଇଟଲ ବଜାୟ ରଖିବାକୁ ଏଥର କଷ୍ଟକର ହେବ। ଏଥର ଟାଇଟଲ ପାଇଁ ସିଡେଡ ଖେଳାଳିମାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଫ୍ରେଞ୍ଚ୍ ଓପନର ସଫଳତମ ଖେଳାଳି ରାଫେଲ ନାଡାଲଙ୍କ ବିନା ଏଥର ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଅର୍ଥାତ୍ ନାଡାଲ ଅବସର ନେବା ପରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଖେଳାଯିବ।

### ଯୁଗଳରେ ୧୮ ବର୍ଷୀୟ ତ୍ୟାଗୀ ସମେତ ୫ ଭାରତୀୟ ଖେଳାଳି

ପୁରୁଷ ଏକକରେ ସୁମିତ ନାଗଲ ଏକମାତ୍ର ଭାରତୀୟ ଭାବେ ଅଭିଯାନ ଜରି ରଖିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ସେ କ୍ୱାଲିଫାୟର୍ସରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଉଭୟ ପୁରୁଷ ଓ ମହିଳା ଏକକରେ ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଗତବର୍ଷ ମଧ୍ୟ ସେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ବିଶ୍ୱର ୧୭୧ତମ ସ୍ଥାନରେ ରହିଥିବା ନାଗଲ ପ୍ରଥମ ରାଉଣ୍ଡରେ ରୁଷିଆର କାରେନ ଖାଚାନୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏଥର ଫ୍ରେଞ୍ଚ୍ ଓପନ୍ ଏକକ ଇଭେଣ୍ଟରେ କୌଣସି ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ତେଣୁ ଭାରତୀୟ ଖେଳାଳିମାନେ କେବଳ ପୁରୁଷ ଯୁଗଳ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଗତବର୍ଷ ସେମିଫାଇନାଲରେ ପ୍ରବେଶ କରିଥିବା ୪୪ ବର୍ଷୀୟ ରୋହନ ବୋପାନ୍ନା ଏଥର ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ଏନ୍ ଶ୍ରୀରାମ ବାଲଜୀ, ୟୁକି ଭାମ୍ବ୍ରୀ, ଋଥଭିକ୍ ବୋଲିପାଲି ଓ ୧୮ ବର୍ଷୀୟ କ୍ରିସ୍ ତ୍ୟାଗୀ ମଧ୍ୟ ସେମାନଙ୍କ ପାର୍ଟନରଙ୍କ ସହ ଯୁଗଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ମିଶ୍ରିତ ଯୁଗଳରେ ମଧ୍ୟ ଭାରତୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ଯୁଗଳ ଓ ମିଶ୍ରିତ ଯୁଗଳର ଡ୍ର ପରେ ଘୋଷଣା କରାଯିବ।

### ନାଡାଲଙ୍କୁ ଦିଆଯିବ ସ୍ୱତନ୍ତ୍ର ସମ୍ମାନ

ଏଥର କ୍ଲେ- କୋର୍ଟର ରାଜା କୁହାଯାଇଥିବା ଓପନର ସଫଳତମ ଖେଳାଳି ସ୍ପେନ୍‌ର ରାଫେଲ ନାଦାଲଙ୍କୁ ଏଥର କୋର୍ଟରେ ଦେଖିବାକୁ ମିଳିବ ନାହିଁ। ଫ୍ରେଞ୍ଚ୍ ଓପନରେ ନାଡ଼ାଲ ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଜିତିଥିବା ନାଡ଼ାଲ ୧୪ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଏକ ରେକର୍ଡ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ଚାମ୍ପିଅନ (ବେଜିଂ ୨୦୦୮ ଏକକ, ରିଓ ୨୦୧୬ ଯୁଗଳ) ହୋଇଥିବା ୩୮ ବର୍ଷୀୟ ନାଦାଲ ଗତବର୍ଷ ନଭେମ୍ବରରେ ଟେନିସରୁ ଅବସର ଘୋଷଣା କରିଥିଲେ। ଦୀର୍ଘ ୨୩ ବର୍ଷର ଉଜ୍ଜଳମୟ କ୍ୟାରିଅରରେ ନାଦାଲ ମୋଟ୍ ୯୨ଟି ଟାଇଟଲ ହାସଲ କରି ଓପନ୍ ଏରାରେ ୫ମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଫ୍ରେଞ୍ଚ୍ ଓପନ ଟେନିସ୍- ୨୦୨୫**

| | |
|---|---|
| ସଂସ୍କରଣ | : ୧୨୪ତମ |
| ସର୍ଫେସ | : କ୍ଲେ କୋର୍ଟ |
| ଭେନ୍ୟୁ | : ରୋଲାଣ୍ଡ ଗ୍ୟାରସ ଷ୍ଟାଡିୟମ, ପ୍ୟାରିସ୍ |
| ଟପ୍ ସିଡ୍ ପୁରୁଷ | : ଜାନିକ ସିନର |
| ଟପ୍ ସିଡ୍ ମହିଳା | : ଅରିନା ସାବାଲେଙ୍କା |
| **ଗତଥର ଚାମ୍ପିଅନ** | |
| ପୁରୁଷ | - କର୍ଲୋସ ଆଲକାରଜ |
| ମହିଳା | - ଇଗା ସ୍ୱିଆଟେକ |
| ସିଧାପ୍ରସାରଣ | : ସୋନି ଟେନ ନେଟ୍‌ୱର୍କ, |
| ଲାଇଭଷ୍ଟ୍ରିମିଂ | : ସୋନୀଲିଭ୍, ଫ୍ୟାନ୍‌କୋଡ୍ |

**ଆଜିର ମ୍ୟାଚ୍**


| | |
|---|---|
| ଗୁଜରାଟ ବନାମ ଚେନ୍ନାଇ | |
| ଅପରାହ୍ଣ ୩.୩୦ | ଅହମ୍ମଦାବାଦ |
| ହାଇଦରାବାଦ୍ ବନାମ କୋଲକାତା | |
| ରାତି ୭ଟା ୩୦ | ନୂଆଦିଲ୍ଲୀ |

## ଟାଇଟନ୍ସରୁ ସର୍ବାଧିକ ୫; ଆର୍‌ସିବି ନିରାଶ

ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଲାଗି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଶନିବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। କରୁନ ନାୟାର ଦୀର୍ଘ ୭ ବର୍ଷ ପରେ ଦଳକୁ ଫେରିଥିବାବେଳେ ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ନୀତୀଶ ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିଛି। ତେବେ ବର୍ତ୍ତମାନ ଆଇପିଏଲର ୧୮ତମ ସଂସ୍କରଣ ଖେଳ ଜାରି ରହିଥିବାରୁ ଏହି ଲିଗ୍‌ର କେଉଁ ଦଳରୁ ସର୍ବାଧିକ ଖେଳାଳି ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ରିପୋର୍ଟ ମୁତାବକ ଗୁଜରାଟ ଟାଇଟନ୍ସର ସର୍ବାଧିକ ୫ଜଣ ଖେଳାଳି ଘୋଷିତ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିନାୟକ ଗିଲ୍‌ଙ୍କ ବ୍ୟତୀତ ସୁଦର୍ଶନ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ତେବେ ଭାରତୀୟ ଟେଷ୍ଟ ଦଳ ଘୋଷଣାରେ ସବୁଠୁ ନିରାଶ ହୋଇଛି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଘୋଷିତ ଭାରତୀୟ ଟେଷ୍ଟ ଦଳରେ ଆର୍‌ସିବିର ଜଣେ ହେଲେ ଖେଳାଳି ସ୍ଥାନ ପାଇନାହାନ୍ତି। ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ଆର୍‌ସିବିର ପ୍ରତିନିଧିତ୍ୱ ଟେଷ୍ଟ ଦଳରେ ଶୂନ୍ୟ ହୋଇଯାଇଛି। ଅନ୍ୟ ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସରୁ ୩ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସୁପର୍ ଜାଏଣ୍ଟ୍ସର ଋଷଭ ପନ୍ତ, ଶାର୍ଦ୍ଦୁଳ ଠାକୁର ଓ ଆକାଶଦୀପ୍ ଏବଂ କ୍ୟାପିଟାଲ୍ସର ଲୋକେଶ ରାହୁଲ, କୁଲଦୀପ୍ ଯାଦବ ଓ କରୁଣଙ୍କୁ ସୁଯୋଗ ମିଳିଛି। ସେହିଭଳି ରାଜସ୍ଥାନରୁ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ଏବଂ ମୁମ୍ବାଇ ଇଣ୍ଡିଆନ୍ସରୁ ଯଶପ୍ରୀତ ବୁମରା, ଚେନ୍ନାଇ ସୁପର୍ କିଙ୍ଗ୍‌ସର ରବୀନ୍ଦ୍ର ଜାଡେଜା ଓ ସନରାଇଜର୍ସ ହାଇଦରାବାଦରୁ ନୀତୀଶ ରେଡ୍ଡୀ ରହିଛନ୍ତି।

ଇଂଲଣ୍ଡ ଟୁର
ଜୁନ୍ ୨୦ରୁ

# ଶୁବମନ୍ ଭାରତର ନୂଆ ଟେଷ୍ଟ ଅଧିନାୟକ



ନୂଆଦିଲ୍ଲୀ,୨୪।୫ (ଏଜେନ୍ସି): ଯୁବ ଖେଳାଳି ଶୁବମନ ଗିଲ୍ ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ଅଧିନାୟକ ଇଂନିସ ଆରମ୍ଭ କରିବେ। ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ସେ ଟେଷ୍ଟ ଦଳର ନେତୃତ୍ୱ ନେବେ। ରୋହିତଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ପୂର୍ବରୁ ନେତୃତ୍ୱ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଏହି ସିରିଜ୍‌ରେ ସମସ୍ତ ଟେଷ୍ଟ ଖେଳିପାରିବେ ନାହିଁ। ୱାର୍କଲୋଡ ମ୍ୟାନେଜ୍‌ମେଣ୍ଟ ଯୋଗୁଁ ତାଙ୍କୁ ବିଶ୍ରାମ ଦିଆଯିବ। ଏଣୁ ଶୁବମନଙ୍କୁ ଭାରତୀୟ ଟେଷ୍ଟ ଦଳର ନିୟମିତ ଅଧିନାୟକ ମନୋନୀତ କରାଯାଇଛି ବୋଲି ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜାତୀୟ ବରିଷ୍ଠ ଚୟନ କମିଟି ମୁଖ୍ୟ ଅଜିତ ଅଗରକର। ସେହିପରି ୱିକେଟରକ୍ଷକ ଋଷଭ ପନ୍ତଙ୍କୁ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ୧୮ ଜଣିଆ ଦଳରେ ଅନେକ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଜୟସ୍ୱାଲ, ଅଭିମନ୍ୟୁ ଈଶ୍ୱରନ, ସାଇ ସୁଦର୍ଶନ, ଦ୍ୱିତୀୟ ୱିକେଟ ରକ୍ଷକ ଜୁରେଲ, ସୀମିତ ଓଭର ବୋଲର ଅର୍ଶଦୀପଙ୍କୁ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାନ୍ ଓ ହର୍ଷିତ ରାଣାଙ୍କୁ ଏହି ଟେଷ୍ଟ ଦଳରୁ ବାଦ୍ ଦିଆଯାଇଛି। ଫାଷ୍ଟ ବୋଲର ମହମ୍ମଦ ସାମି ଟେଷ୍ଟ ମ୍ୟାଚ୍ ଲାଗି ପୂରା ଫିଟ ହୋଇ ନ ଥିବାରୁ ତାଙ୍କୁ ନିଆଯାଇନାହିଁ।

ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟିଂ ବିଦେଶରେ କିପରି କ୍ଲିକ୍ କରିବ ତାହାକୁ ନେଇ ସନ୍ଦେହ ରହିଛି। ଗିଲଙ୍କ ନେତୃତ୍ୱରେ ଜୟସ୍ୱାଲ, ଲୋକେଶ ରାହୁଲ, ଈଶ୍ୱରନ୍, ପନ୍ତ, ସୁଦର୍ଶନ ଓ ଦଳକୁ ଫେରିଥିବା କରୁନ ନାୟାର ପ୍ରମୁଖ ବ୍ୟାଟିଂ ଦାୟିତ୍ୱରେ ରହିବେ। ୧୮ ଜଣିଆ ଦଳରେ ୪ଜଣ ଅଲରାଉଣ୍ଡର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ପେସ୍ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁର ରହିଛନ୍ତି। ଅନ୍ୟ ଦୁଇ ସ୍ପିନ୍ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଦଳରେ ୫ ଫାଷ୍ଟ ବୋଲରଙ୍କୁ ନିଆଯାଇଛି। ଅନ୍ୟମାନେ ହେଲେ ମହମ୍ମଦ୍ ସିରାଜ, ଆକାଶ ଦୀପ୍, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ। କୁଲଦୀପ ଯାଦବ ଏକମାତ୍ର ବିଶେଷଜ୍ଞ ସ୍ପିନର ଭାବେ ଦଳରେ ନିଆଯାଇଛି।

### ନୂଆ ଯୁଗ ଆରମ୍ଭ

କିଂବଦନ୍ତୀ ଖେଳାଳି ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଓ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଭାରତ ପ୍ରଥମଥର ଏକ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ପର୍ଯ୍ୟାପ୍ତ ଫିଟ୍ ହୋଇ ନ ଥିବାରୁ ମହମ୍ମଦ୍ ସାମି ମଧ୍ୟ ଦଳରେ ନାହାନ୍ତି। ଫଳରେ ଏହି ସିରିଜ୍‌ରୁ ଭାରତୀୟ କ୍ରିକେଟରେ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଶୁବମନ ଗିଲ୍ ଏହି ଯୁଗର ପ୍ରଥମ ନେତୃତ୍ୱ ନେବାକୁ ଯାଉଛନ୍ତି। ପୂର୍ବରୁ ଭାରତର ଟି-୨୦ ଦଳ ଓ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସେ ବେଶ ସଫଳତା ପାଇଛନ୍ତି। ନେତୃତ୍ୱ ନେବାରେ ପରିପକ୍ୱତା ଓ ଥଣ୍ଡା ମିଜାଜ ଲାଗି ସେ କୋଚ୍ ଓ ସାଥି ଖେଳାଳିଙ୍କଠାରୁ ପ୍ରଶଂସା ପାଇଛନ୍ତି। ୨୦୨୦ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ସିରିଜ୍‌ରେ ସେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ସେ ୩୨ଟି ଟେଷ୍ଟ ଖେଳି ୩୫.୦୫ ହାରରେ ୧୮୯୩ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ନିକଟରେ ଥିବା ପ୍ରତିଭା ଓ ଦକ୍ଷତା ଯୋଗୁଁ ଭାରତ ଏକ ସଫଳ ଅଧିନାୟକ ପାଇବ ବୋଲି ଆଶା କରାଯାଉଛି।

### ୨୦ରୁ ଟେଷ୍ଟ ସିରିଜ୍ ଆରମ୍ଭ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲିଡ୍ସର ହେଡିଂଲେରେ ଜୁନ୍ ୨୦ରୁ ଆରମ୍ଭ ହେବ। ଏଠାରେ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ। ଏହା ପୂର୍ବରୁ କେଣ୍ଟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଭାରତ-ଏ' ଦଳ ସହ ଭାରତ ସିନିୟର ଦଳ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଭାରତ-ଏ ଦଳ ଏହା ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଛି। ବର୍ମିଂହାମ୍‌ର ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ ୬ ଯାଏ ଦ୍ୱିତୀୟ ଟେଷ୍ଟ, ଲଣ୍ଡନର ଲର୍ଡ୍ସଠାରେ ଜୁଲାଇ ୧୦ରୁ ୧୪ ଯାଏ ତୃତୀୟ ଟେଷ୍ଟ, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ୍‌ରେ ଜୁଲାଇ ୨୩ରୁ ୨୭ ଯାଏ ଚତୁର୍ଥ ଟେଷ୍ଟ ଓ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଅଗଷ୍ଟ ୪ ଯାଏ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ।

### ଭାରତୀୟ ଦଳ

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ/ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ ଓ ଅର୍ଶଦୀପ ସିଂହ।

### ଇତିହାସ ସୃଷ୍ଟି କଲେ ଓଡ଼ିଶା ଏଫ୍‌ସିର ରାହୁଲ କେପି

## ପ୍ରଥମ ଭାରତୀୟ ଭାବେ ଇପିଏଲ୍ କ୍ଲବ ୱେଷ୍ଟହାମ୍ ତରଫରୁ ଖେଳିବେ

ଭୁବନେଶ୍ୱର,୨୪।୫(ସମିସ): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) କ୍ଲବ ଓଡ଼ିଶା ଏଫ୍‌ସି ୱିଙ୍ଗର ତଥା ଫରୱାର୍ଡ ରାହୁଲ କାନୋଲି ପ୍ରବୀଣ ଇତିହାସ ସୃଷ୍ଟି କରିଛନ୍ତି। ସେ ପ୍ରଥମ ଭାରତୀୟ ଫୁଟବଲର ଭାବେ ଇଂଲିଶ ପ୍ରିମିୟର ଲିଗ୍ (ଇପିଏଲ୍)ରେ ୱେଷ୍ଟହାମ ୟୁନାଇଟେଡ ତରଫରୁ ପ୍ରତିନିଧିତ୍ୱ କରିବେ।



୨୫ ବର୍ଷୀୟ ରାହୁଲଙ୍କ ସହ ଚୁକ୍ତି କରିବା ନେଇ ଶୁକ୍ରବାର ୱେଷ୍ଟହାମ୍ ତରଫରୁ ସୂଚନା ଦିଆଯାଇଛି। ସେ ଏବେ ଆମେରିକାର ଆୟୋଜନ ହେବାକୁ ଯାଉଥିବା ୭-ଏ-ସାଇଡ୍ ଫୁଟବଲ 'ଦି ସକର ଟୁର୍ଣ୍ଣାମେଣ୍ଟ (ଟିଏସ୍‌ଟି)'ଟୁର୍ଣ୍ଣାମେଣ୍ଟରେ ୱେଷ୍ଟହାମ୍ ତରଫରୁ ପ୍ରତିନିଧିତ୍ୱ କରିବେ।

ସେ ପ୍ରଥମ ଭାରତୀୟ ଖେଳାଳି ଭାବେ ଏହି ଟିଏସ୍‌ଟିରେ ଏବଂ କୌଣସି ଟପ୍- ଡିଭିଜନ ଇପିଏଲ୍ ପୁରୁଷ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଏହା କେବଳ ରାହୁଲଙ୍କ ପାଇଁ ନୁହେଁ ଓଡ଼ିଶା ଓ ଭାରତୀୟ ଫୁଟବଲ ପାଇଁ ମଧ୍ୟ ଗୌରବର ବିଷୟ। ଆମେରିକାର ନର୍ଥ କାରିଲୋନାସ୍ଥିତ ରାଲେରେ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୪ରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ୟୁକେ, ସ୍ପେନ୍, ସ୍ୱିଜରଲାଣ୍ଡ, ବ୍ରାଜିଲ, ମେକ୍ସିକୋ, ନାଇଜେରିଆ ଓ ଭାରତ ତରଫରୁ ଫୁଟବଲରମାନେ ପ୍ରତିନିଧିତ୍ୱ କରିବେ। ଲୁଇସ୍ ନାନି, ସର୍ଗିଓ ଅଗୁଏରୋ ଓ ହୋପ୍ ସୋଲୋଙ୍କ ଭଳି ତାରକା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟରେ ଦଳଗୁଡିକୁ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ରାହୁଲ ଭାରତ ପାଇଁ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୭,୨୦ ଓ ୨୩ ବର୍ଷରୁ କମ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଓଡ଼ିଶା ଏଫ୍‌ସି ତରଫରୁ ୫ଟି ମ୍ୟାଚ୍ ଖେଳିଥିବା ରାହୁଲ ଇଣ୍ଡିଆନ ଆରୋଜ ତରଫରୁ ୩୭ ଓ କେରଳ ବ୍ଲାଷ୍ଟର୍ସ ପାଇଁ ୮୧ଟି ମ୍ୟାଚ୍ ଖେଳି ଯଥାକ୍ରମେ ୧, ୫ ଓ ୯ଟି ଗୋଲ ସ୍କୋର କରିଛନ୍ତି।

■ ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍

## ବିଡାନାସୀକୁ ହରାଇଲା ମଙ୍ଗଳା କ୍ଲବ୍



କଟକ,୨୪।୫(ସମିସ): ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍‌ରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ବିଜୟୀ ହୋଇଛି। ଖେଳାଯାଇଥିବା ଏହି ଏକ ପାଖିଆ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୩-୦ ଗୋଲରେ ବିଡାନାସୀ କ୍ଲବକୁ ପରାସ୍ତ କରିଛି। ମଙ୍ଗଳା ତରଫରୁ ଅବିନାଶ ଦାସ ୧୯ ଓ ୬୭ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ, ସାଇ ଦଲାଲ ୨୩ ତମ ମିନିଟ୍ ଗୋଲ ସ୍କୋର କରିଥିଲେ।

## କିଟ୍‌ରେ ଖୋର୍ଦ୍ଧା ଉପକନିଷ୍ଠ ଚେସ୍ ୨୮ରୁ

ଭୁବନେଶ୍ୱର,୨୪।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ମିଳିତ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ୧୫ ବର୍ଷରୁ କମ୍ ଉପ କନିଷ୍ଠ ଚେସ୍ ପ୍ରତିଯୋଗିତା ଚଳିତମାସ ୨୮ରୁ ଖେଳାଯିବ। କିଟ୍ ଡିମ୍‌ଡ ୟୁନିଭର୍ସିଟି ପରିସରରେ ଖେଳାଯିବାକୁ ଥିବା ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ଉଭୟ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। କୃତୀ ଖେଳାଳିମାନଙ୍କୁ ନଗଦ ଅର୍ଥ ସହ ୨୪ଟି ଟ୍ରଫି ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳିମାନେ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ବରିଷ୍ଠ ସଦସ୍ୟ ସ୍ୱଂଶୁ ସତ୍ୟକାମଙ୍କୁ ଫୋନ ନଂ- ୯୯୩୭୦-୦୭୯୪୫ କିମ୍ବା ଡଃ ଦୁର୍ଗା ଷଡଙ୍ଗୀଙ୍କୁ ଫୋନ୍ ନଂ- ୯୯୩୭୧-୩୭୬୮୦ରେ ଯୋଗାଯୋଗ କରିପାରିବେ।

## ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲରେ ଭାଗନେବ ଓଡ଼ିଶା




ଭୁବନେଶ୍ୱର, ୨୪।୫ (ସମିସ): ଗୌହାଟୀଠାରେ ଆସନ୍ତା ମେ ୨୬ରୁ ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଗୌହାଟୀ ଅଭିମୁଖେ ଯାତ୍ରା କରିଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସାମାଜିକ ଅନୁଷ୍ଠାନ 'ବୁଲ୍ସଆଇ' ପକ୍ଷରୁ ଓଡ଼ିଶା ଦଳର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଶନିବାର ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ସନ୍ତୋଷୀ ଜୈନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଗୌହାଟୀ ଗସ୍ତ ପୂର୍ବରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ତ୍ରିଲୋଚନ ବେଉରା ଉଭୟ ବାଳକ ଓ ବାଳିକା ଦଳର ପ୍ରଶିକ୍ଷକ ଓ ଅବିନାଶ ସୌରା ଗୋଲ୍‌ରକ୍ଷକ ଗାଇଡ୍ ଭାବେ ଭାବେ ଗସ୍ତ କରିଛନ୍ତି।

**ଓଡ଼ିଶା ବାଳକ ଦଳ:** ଆଶିଷ କୁମାର ସାହୁ (ଅଧିନାୟକ), ଦୀପକ ସିଂ, ମିଥୁନ ତୁବିଦ୍, ଦେବଦତ୍ତ ବେହେରା, ଆଲୋକଦୀପ୍ (ଉପଅଧିନାୟକ), ଆକାଶ ପୋଡିଆମି (ଗୋଲରକ୍ଷକ)।

**ଓଡ଼ିଶା ବାଳିକା ଦଳ:** ପ୍ରିୟଙ୍କା ସ୍ୱାଇଁ (ଅଧିନାୟିକା), ଗିରିବାଳା ଶବର, ପ୍ରିୟଙ୍କା ଦାସ, ତନିଶା ହରିଜନ, ମାଳତୀ ହେମ୍ବ୍ରମ, ଓଶି ମଲିକ, ସ୍ମିତିପ୍ରଜ୍ଞା ବାରିକ (ଉଭୟ ଗୋଲ୍‌ରକ୍ଷକ)।

## ବୀରେନ୍ଦ୍ର ଲାକ୍ରା ଭାରତୀୟ କନିଷ୍ଠ ହକି ଦଳର ସହ-ପ୍ରଶିକ୍ଷକ

ଭୁବନେଶ୍ୱର, ୨୪।୫ (ସମିସ): ଟୋକିଓ ଅଲିମ୍ପିକ୍ ପଦକ ବିଜେତା ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କୁ ବଡ଼ ଦାୟିତ୍ୱ ମିଳିଛି। ହକି ଇଣ୍ଡିଆ ପକ୍ଷରୁ ବୀରେନ୍ଦ୍ରଙ୍କୁ ଶନିବାର ଭାରତୀୟ କନିଷ୍ଠ ପୁରୁଷ ଦଳର ସହାୟକ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ କନିଷ୍ଠ ହକି ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଖେଳାଯିବାକୁ ଥିବାରୁ ଏହି ପୂର୍ବତନ ଡିଫେଣ୍ଡରଙ୍କୁ ବଡ଼ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେସ ପୂର୍ବରୁ କନିଷ୍ଠ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ୩୫ ବର୍ଷୀୟ ବୀରେନ୍ଦ୍ର ଏବେ ଶ୍ରୀଜେସଙ୍କ ସହଯୋଗୀ ଭାବେ ଏକାଠି କାର୍ଯ୍ୟ କରିବେ। 'ଆଗକୁ ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ସମୟରେ ଭାରତୀୟ କନିଷ୍ଠ ହକି ଦଳର ଅଂଶବିଶେଷ ହେବା ବିଶେଷ ସମ୍ମାନର କଥା। ଭାରତୀୟ ଜର୍ସି ପିନ୍ଧିବା ଲାଗି କ'ଣ ଆବଶ୍ୟକ ତାହା ମୁଁ ଜାଣେ। ସେହିଭଳି ଭାରତର ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ବଡ଼ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଉତ୍ସାହିତ ରହିଛି' ବୋଲି ଏହି ବଡ଼ ଦାୟିତ୍ୱ ମିଳିବା ପରେ ବୀରେନ୍ଦ୍ର ଲାକ୍ରା କହିଛନ୍ତି।



କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ଦଳର ରକ୍ଷଣଭାଗକୁ ଶକ୍ତ କରିବା ଲାକ୍ରାଙ୍କ ପ୍ରମୁଖ କାର୍ଯ୍ୟ ହେବ। 'ବୀରେନ୍ଦ୍ର ଦଳ ସହ ଯୋଗଦେବା ଆମ ପାଇଁ ଏକ ବଡ଼ ଉତ୍ସାହର କଥା। ତାଙ୍କର ଅଭିଜ୍ଞତା, କୌଶଳଗତ ବୁଦ୍ଧିମତା ଓ ଶାନ୍ତ ନେତୃତ୍ୱ ଯୁବ ଖେଳାଳିଙ୍କମାନଙ୍କ ପାଇଁ ବେଶ୍ ଅମୂଲ୍ୟ ହେବ' ବୋଲି ମୁଖ୍ୟ ପ୍ରଶିକ୍ଷକ ଶ୍ରୀଜେଶ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୦ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୀରେନ୍ଦ୍ର ପରବର୍ତ୍ତୀ ସମୟରେ ଭାରତୀୟ ଦଳର ଜଣେ ପ୍ରମୁଖ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ସେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ଦୁଇଥର ୨୦୧୨ (ଲଣ୍ଡନ) ଓ ୨୦୨୦ (ଟୋକିଓ) ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ଜିତିଥିବା ଭାରତୀୟ ହକି ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୮ ସଂସ୍କରଣରେ କାଂସ୍ୟ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଓ ୨୦୧୮ ଚାମ୍ପିଅନ୍ସ ଟ୍ରଫିରେ ରୌପ୍ୟପଦକ ଜିତିଥିବା ଭାରତୀୟ ଦଳରେ ସେ ପ୍ରମୁଖ ସଦସ୍ୟ ଥିଲେ।

୧୯ ବର୍ଷରୁ କମ୍
ଆନ୍ତଃଜିଲ୍ଲା କ୍ରିକେଟ୍

## ଡିଏଲ୍‌ରେ ଜିତିଲା ବୌଦ୍ଧ



ଭୁବନେଶ୍ୱର, ୨୪।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ଏକମାତ୍ର ମ୍ୟାଚରେ ବୌଦ୍ଧ ଡିଏଲ୍ ପଦ୍ଧତିରେ ୬ ୱିକେଟ୍‌ରେ ନୟାଗଡ଼କୁ ପରାସ୍ତ କରିଛି। ବିଡ଼ାନାସୀ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୧୮.୨ ଓଭରରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ପ୍ରଧାନ ୨୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୨୩ ରନ କରିଥିଲେ। ପ୍ରତିପକ୍ଷ ବୌଦ୍ଧର ସମ୍ପଦ କୁମାର ଦାସ ୫ଟି ଓ ଦୀପକ ପାତ୍ର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାପରେ ଖରାପ ପାଗ ଲାଗି ଡିଏଲ୍ ପଦ୍ଧତିରେ ମ୍ୟାଚକୁ ୨୭ ଓଭରବିଶିଷ୍ଟ କରାଯାଇଥିଲା ଏବଂ ବୌଦ୍ଧ ସାମ୍ନାରେ ୮୪ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ବୌଦ୍ଧ ଏହି ଲକ୍ଷ୍ୟକୁ ୨୦ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦୀପକ ପାତ୍ର ଅପରାଜିତ ୨୧ ଓ ସତ୍ୟବ୍ରତ ଦାସ ୨୦ ରନ କରିଥିଲେ। ପ୍ରଭାବୀ ବୋଲିଂ ଲାଗି ସମ୍ପଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ରେଭେନଶା ଗ୍ରାଉଣ୍ଡରେ ସମ୍ବଲପୁର-ବି ଓ ରାୟଗଡ଼ା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

ଖେଲୋ ଇଣ୍ଡିଆ
ବିଚ୍ ଗେମ୍ସ

## ସିପକ୍‌ଟାକ୍ରରେ ଓଡ଼ିଶାକୁ ରୌପ୍ୟ ଓ କାଂସ୍ୟ ସଫଳତା



ଭୁବନେଶ୍ୱର, ୨୪।୫ (ସମିସ): ଡାମନ ଓ ଡିଉଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସିପକ୍‌ଟାକ୍ର କ୍ରୀଡ଼ାରେ ଓଡ଼ିଶାକୁ ଏକାଧିକ ପଦକ ସଫଳତା ମିଳିଛି। ଓଡ଼ିଶା ମହିଳା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କ୍ୱାଡ୍ ଇଭେଣ୍ଟରେ କାଂସ୍ୟରେ ସନ୍ତୁଷ୍ଟ ରହିଥିଲା। ସେହିଭଳି ମହିଳା ଦଳ କ୍ୱାଡ୍‌ରେ କାଂସ୍ୟ ପଦକ ମଧ୍ୟ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଓଡ଼ିଶା ପୁରୁଷ ଦଳରେ ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ, ଗୁରୁ ମାଝୀ, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଓ ବୁଲୁ ପାତ୍ର ସଦସ୍ୟ ରହିଥିଲେ। ଲଲାଟେନ୍ଦୁ ସ୍ୱାଇଁ ଦଳର ପ୍ରଶିକ୍ଷକ ଓ ସୁଶାନ୍ତ ଷଡ଼ଙ୍ଗୀ ମ୍ୟାନେଜର ଭାବେ ଦଳ ଦଳ ଗସ୍ତ କରିଥିଲେ। ସେହିଭଳି ଏ. ଶ୍ରାବଣୀ, ସଙ୍ଗୀତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଓ ରାଇମଣି ଟୁଡୁ ରୌପ୍ୟ ବିଜୟୀ ମହିଳା ଦଳର ସଦସ୍ୟା ରହିଛନ୍ତି। ମହିଳା ଦଳରେ ଲକ୍ଷ୍ମୀପ୍ରିୟା ନାୟକ ପ୍ରଶିକ୍ଷକ ଓ ସ୍ୱାରିକା ଦାଶ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ରାଜ୍ୟ ସିପକଟାକ୍ର ସଂଘର ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର ଓ କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS